ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୨୦, ସଂଖ୍ୟା: ୨୩୯
୫ ଫେବୃଆରୀ, ୨୦୨୬ ଗୁରୁବାର
ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

ODISHA EXPRESS

SIGHTS TRUTH WRITES TRUTH

ଠିକ୍ ଦେଖେ ଠିକ୍ ଲେଖେ

8 Pages
Price ₹ 5.00
Vol. 20, Issue No. : 239
5th February, 2026 Thursday
Bhubaneswar

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2006/23033 Postal Regd. No. : BN/169/13-15 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ଶ୍ରଦ୍ଧୈବ ସର୍ବଧର୍ମସ୍ୟ ଚାତିବ ହିତକାରିଣୋ**
**ଶ୍ରର୍ଦ୍ଧ ନୃଣାଂ ସିଦ୍ଧି ଜାୟିତେ ଲୋକ ୟୋଦ୍ଧିୟୋଃ**

ଶ୍ରଦ୍ଧା ହିଁ ସମସ୍ତ ଧର୍ମ ପାଇଁ ଅତ୍ୟନ୍ତ ହିତକର ଅଟେ । ଶ୍ରଦ୍ଧା ଦ୍ୱାରା ହିଁ ମନୁଷ୍ୟକୁ ଲୋକ କାଳରେ ସିଦ୍ଧିପ୍ରାପ୍ତ ହୁଏ । ଶ୍ରଦ୍ଧାକୁ ନିଜ ଚରିତ୍ରରେ ଅଭ୍ୟାସ କରିବା ଉଚିତ ।

ଅମ୍ବିକା ପ୍ରସାଦ ଦାସଙ୍କ
## 'ସତ କହିବାକୁ କିଆଁ ଡରିବି' ସ୍ତମ୍ଭରେ

## ଉପରବାଲାଙ୍କ ଅଦାଲତରୁ ଖସିବା ଭାରି କଷ୍ଟ !

ଇତିହାସରେ ପ୍ରଥମ

# ଇସିଙ୍କ ବିରୋଧରେ ସୁପ୍ରିମକୋର୍ଟରେ ନିଜ ପକ୍ଷ ରଖିଲେ ମମତା

**ନୂଆଦିଲ୍ଲୀ,୪।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଦେଶରେ ସମ୍ଭବତଃ ପୂର୍ବରୁ ଯାହା ଘଟି ନଥିଲା, ଆଜି ସେଭଳି କିଛି ଘଟଣା ଘଟିଛି । ଗୋଟିଏ ଐତିହାସିକ ଦୃଶ୍ୟ ଦେଖିଛି ପୂରା ଦେଶ । ଗୋଟିଏ ରାଜ୍ୟର ମୁଖ୍ୟମନ୍ତ୍ରୀ, ଦେଶର ସବୁଠାରୁ ବଡ ଅଦାଲତରେ ଦେଶର ପ୍ରଧାନ ବିଚାରପତିଙ୍କ ଆଗରେ ଦେଶର ନିର୍ବାଚନ କମିଶନଙ୍କ ବିରୋଧରେ ଯୁକ୍ତି ରଖିଛନ୍ତି । ସେ ପ୍ରଧାନ ବିଚାରପତିଙ୍କ ଆଗରେ ହାତ ଯୋଡି ନ୍ୟାୟ ଭିକ୍ଷା କରିଛନ୍ତି ।

ସ୍ୱେଶାଲ ଇଣ୍ଟେନସିଭ ରିଭିଜନ ବା ଏସ୍ଆଇଆର ପ୍ରସଙ୍ଗରେ ଆଜି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିଜେ ସୁପ୍ରିମକୋର୍ଟରେ ହାଜର ହୋଇ ଯୁକ୍ତି ଉପସ୍ଥାପନ କରିଛନ୍ତି । ଶହଶହ ଓକିଲ ଓ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଆଗରେ ସେ ନିର୍ବାଚନ କମିଶନଙ୍କ ବିରୋଧରେ ସାଂଘାତିକ ଅଭିଯୋଗ କରିଛନ୍ତି ।




ମମତା ବାନାର୍ଜୀ ସୁପ୍ରିମକୋର୍ଟଙ୍କ କହିଛନ୍ତି ଯେ ଏସ୍ଆଇଆର ଯୋଗୁ ପଶ୍ଚିମବଙ୍ଗରେ ଗୋଟିଏ ସାଂଘାତିକ ସ୍ଥିତି ଦେଖିବାକୁ ମିଳିଛି । କାର୍ଯ୍ୟକ୍ରମର ଚାପରେ ୧୫୦ରୁ ଅଧିକ ଲୋକ ପ୍ରାଣ ହରାଇ ସାରିଛନ୍ତି । ଏମାନଙ୍କ ମଧ୍ୟରେ ବୁଥ ସ୍ତରୀୟ ଅଧିକାରୀ ମଧ୍ୟ ରହିଛନ୍ତି । ଟାର୍ଗେଟ ପୂରଣ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ଦେଉଥିବା ଚାପର ବଶବର୍ତ୍ତୀ ହୋଇ ଅନେକ ବିଏଲଓ ଜୀବନ ହାରିବାକୁ ବାଧ୍ୟ ହୋଇଥିବା ମମତା ଦାବି କରିଛନ୍ତି ।

ନିର୍ବାଚନ କମିଶନଙ୍କ ସହ ଆଇନଗତ ଯୁଦ୍ଧ କରିବା ୩ ଦିନ ହେଲା ଦିଲ୍ଲୀରେ ରହିଥିବା ମମତା ଆଜି ନିଜର ଯୁକ୍ତିକୁ ନିଜେ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ, ଜଷ୍ଟିସ ଜୟମଲ୍ୟ ବାଗଚି ଓ ଜଷ୍ଟିସ ବିପୁଲ ପଞ୍ଚୋଲିଙ୍କ ସାମ୍ନାରେ ଉପସ୍ଥାପନ କରିଛନ୍ତି । ବେଙ୍ଗଲର ଏସ୍ଆଇଆର ***(ଶେଷ ପୃଷ୍ଠା ଦେଖନ୍ତୁ)***

# ଜାଗର ଦର୍ଶନକୁ ନେଇ ଆଲୋଚନା

**ଭୁବନେଶ୍ୱର,୪।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଲିଙ୍ଗରାଜ ମହାପ୍ରଭୁଙ୍କ ଶୃଙ୍ଖଳିତ ରୀତିନୀତି ଓ ପୂଜାବିଧି ନେଇ ଲୋକସେବା ଭବନରେ ଏକ ବୈଠକ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଲିଙ୍ଗରାଜ ମନ୍ଦିରର ଶୃଙ୍ଖଳିତ ରୀତିନୀତି ଏବଂ ପୂଜାବିଧି ସୁଚାରୁ ରୂପେ ସମ୍ପାଦନ କରିବା ନେଇ ଆଲୋଚନା ହୋଇଥିଲା । ଏଥି ସହିତ ଚଳିତ ଜାଗର ଉତ୍ସବକୁ ଶୃଙ୍ଖଳିତ କରିବା ଉପରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଗୁରୁତ୍ୱାରୋପ କରିଥିଲେ ।




ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ କହିଲେ ଯେ ଲିଙ୍ଗରାଜ ମହାପ୍ରଭୁ ସାରା ଓଡିଶାର ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଆରାଧ୍ୟ ଦେବତା । ତେଣୁ ରୀତିନୀତିରେ କୌଣସି ପ୍ରକାର ଅବହେଳା ଗ୍ରହଣୀୟ ନୁହେଁ । ଚଳିତ ଫେବୃଆରୀ ୧୫ ତାରିଖରେ ଜାଗର ଉତ୍ସବ ଅନୁଷ୍ଠିତ ହେଉଛି । ଏହି ଉତ୍ସବରେ ଅନେକ ଭିଡ ହେବାର ସମ୍ଭାବନା ରହିଛି । ଜାଗର ଦିନ ଲିଙ୍ଗରାଜଙ୍କ ଦର୍ଶନ ନେଇ ସବୁ ଭକ୍ତଙ୍କ ମନରେ ଆଗ୍ରହ ରହୁଥିବାରୁ ଭିଡକୁ ଆୟତ୍ତ କରିବା ଏବଂ ସମସ୍ତଙ୍କ ପାଇଁ ଶୃଙ୍ଖଳିତ ଦର୍ଶନର ବ୍ୟବସ୍ଥା କରିବା ଏକ ବଡ ଆହ୍ୱାନ । ଏହି ଆହ୍ୱାନର ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ, ପୋଲିସ ପ୍ରଶାସନ, ଅଗ୍ନିଶମ ବାହିନୀ, ଲିଙ୍ଗରାଜ ମନ୍ଦିରର ସେବକ ଓ ନିଯୋଗସମୂହ ଏବଂ ଜନସାଧାରଣଙ୍କ ମିଳିତ ସହଯୋଗର ଆବଶ୍ୟକତା ରହିଛି । ଏଥିରେ ସାମାନ୍ୟତମ ବ୍ୟତିକ୍ରମ ଅଘଟଣକୁ ଆମନ୍ତ୍ରଣ କରିପାରେ । ତେଣୁ ଚଳିତ ଜାଗରକୁ ସୁଚାରୁ ରୂପେ ପରିଚାଳନା କରିବା ଏବଂ ସବୁ ଭକ୍ତଙ୍କ ଭାବାବେଗକୁ ସମ୍ମାନ ଦେଇ ଶୃଙ୍ଖଳିତ ଦର୍ଶନ ନିମନ୍ତେ ଏକ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିବା ପାଇଁ ମୁଖ୍ୟ ଶାସନ ସଚିବ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ।

ଏହି ବୈଠକରେ ସେବାୟତ ଓ ନିଯୋଗସମୂହ ସହ ସମନ୍ୱୟ ରଖି ସଠିକ୍ ସମୟରେ ନୀତିକାନ୍ତି ସମାପନ, ପୂଜାବିଧି ପାଳନ, ଭକ୍ତ ଓ ଶ୍ରଦ୍ଧାଳୁଙ୍କର ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ଆଦି ସୁନିଶ୍ଚିତ କରିବାକୁ ପରାମର୍ଶ ଦିଆଯାଇଛି । ଏଥି ସହ ମନ୍ଦିର ଭିତରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ପର୍ଯ୍ୟାପ୍ତ ବାୟୁ ଚଳାଚଳ, ଅକ୍ସିଜେନର ବ୍ୟବସ୍ଥା, ଅଗ୍ନି ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରିବା ନେଇ ଆଲୋଚନା ହୋଇଥିଲା । ଏଥି ସହିତ ସମୟ ଅନୁସାରେ ରୀତିନୀତିର ତଥ୍ୟ ***(ଶେଷ ପୃଷ୍ଠା ଦେଖନ୍ତୁ)***

ରାଜଧାନୀରେ ପୁଲିସକୁ ଅପରାଧୀଙ୍କ ଖୋଲା ଚାଲେଞ୍ଜ

# ବନ୍ଧୁକ ଦେଖାଇ ମହିଳାଙ୍କୁ ଲୁଟ୍

**ଭୁବନେଶ୍ୱର,୪।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜଧାନୀ ଭୁବନେଶ୍ୱରରେ ଚାଞ୍ଚଲ୍ୟ । ପୁଲିସକୁ ଖୋଲା ଚାଲେଞ୍ଜ ଦେଇ ବନ୍ଧୁକ ଦେଖାଇ ମହିଳାଙ୍କଠୁ ସୁନା ଅଳଙ୍କାର ଲୁଟିନେଲେ ଲୁଟେରା । ଏହି ଘଟଣା ନୟାପଲ୍ଲୀ ଗଡ଼ସାହିରେ ଘଟିଥିବା ବେଳେ ସିସିଟିଭି ଯାଞ୍ଚ ସହ ତଦନ୍ତ ଆରମ୍ଭ କରିଛି କମିଶନରେଟ୍ ପୁଲିସ ।

ଘଟଣା ଅନୁସାରେ, ଆଜି ସକାଳ ୫ଟା ୩୦ମିନିଟ୍ ସମୟରେ ନୟାପଲ୍ଲୀ ଗଡ଼ସାହି ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା । ସ୍ଥାନୀୟ ଅଞ୍ଚଳରେ ରହୁଥିବା ୬୨ ବର୍ଷୀୟା ଇନ୍ଦୁମତି ବଳବନ୍ତରାୟ ସବୁ ଦିନ ପରି ଆଜି ମଧ୍ୟ ସକାଳୁ ଉଠିଥିଲେ ଆଉ ନିଜ ନିତ୍ୟକର୍ମ ସାରି ଫୁଲ ତୋଳିବା ପାଇଁ ଘରୁ ବାହାରିଥିଲେ । ଆଉ ଠିକ୍ ସେତିକିବେଳେ ଅଚାନକ୍ ଜଣେ ଦୁର୍ବୃତ୍ତ ତାଙ୍କ ମୁଣ୍ଡରେ ଲଗାଇ ଦେଇଥିଲେ ବନ୍ଧୁକ । ଆଉ ଇନ୍ଦୁମତିଙ୍କୁ ମାଗିଥିଲେ ସେ ପିନ୍ଧିଥିବା ସୁନା ଗହଣା । ଜଲଦି ଦିଅ ପାଟି କରନି, ନହେଲେ ଜୀବନରୁ ମାରିଦେବି କହି ଲୁଟେରା ଦେଇଥିଲେ ଧମକ । ଗନ୍ ପଏଣ୍ଟରେ ଥିବା ମହିଳା ଡରରେ ପିନ୍ଧିଥିବା ସୁନା କାନଫୁଲ ଏବଂ ଚୁଡି ବାହାର କରି ଦେଇଥିଲେ । ବନ୍ଧୁକଧାରି ଲୁଟେରାଙ୍କୁ ସବୁ ଅଳଙ୍କାର ଦେବା ପରେ ଭୟରେ ଥରୁଥିବା ବରିଷ୍ଠ ନାଗରିକଙ୍କ ପିଠି ଆଉଁସି ବାରିପଟ ଦେଇ ଛୁ ହୋଇଯାଇଥିଲା ।

ସ୍ଥାନୀୟ ପୁଲିସ ଖବରପାଇ ଦୁର୍ବୃତ୍ତକୁ ଧରିବା ପାଇଁ ଆରମ୍ଭ କରିଛି ତନାଘନା । କ୍ରାଇମ ସ୍ପଟ ଭିଜିଟ୍ କରିବା ସହ ସ୍ଥାନୀୟ ଲୋକଙ୍କୁ କରିଛି ପଚରାଉଚରା । ସ୍ଥାନୀୟ ଅଞ୍ଚଳରେ ପଇଁତରା ମାରିବା ସହ ଡାଟା ପାଇଁ ସେହି ଘରେ ଓ ପଡ଼ିଶା ଘରେ ଲାଗିଥିବା ସିସିଟିଭି ଡିଭିଆର୍ ମଧ୍ୟ ନେଇଛି । କ୍ରାଇମରେ ବନ୍ଧୁକ ବ୍ୟବହାର ହୋଇଥିବାରୁ ସ୍ୱେସାଲ୍ ସ୍କ୍ୱାଡ ମଧ୍ୟ ସାଦା ପୋଷାକରେ କରିଛି ଛାନଭିନ । ଏପରି ଘଟଣାକୁ ନେଇ ଭୟରେ ସ୍ଥାନୀୟ ଲୋକେ । କେବଳ ରାସ୍ତା ଉପରେ ପୁଲିସ ପାଟ୍ରୋଲିଂ ହେଉଛି ଓ ଗଳିକନ୍ଦିରେ ପିସିଆର୍ ବୁଲୁ ନଥିବାରୁ ଅପରାଧୀଙ୍କୁ ସୁଯୋଗ ମିଳୁଛି ବୋଲି କହିଛନ୍ତି ବରିଷ୍ଠ ନାଗରିକ । ନୟାପଲ୍ଲୀ ଅଞ୍ଚଳରେ ବନ୍ଧୁକ ଦ୍ୱାରା ଲୁଟ୍ ଘଟଣା ଏବେ ଲୋକଙ୍କ ମନରେ ଭୟ ଓ ପୁଲିସ ପାଇଁ ବଡ ଚାଲେଞ୍ଜ ସୃଷ୍ଟି କରିଛି ।

# ହାର୍ଡକୋର ମାଓବାଦୀର ଆତ୍ମସମର୍ପଣ

**ମାଲକାନଗିରି,୪।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ମାଲକାନଗିରି ପୁଲିସକୁ ମିଳିଛି ବଡ ସଫଳତା । ଛତିଶଗଡ ମାଓ ସଂଗଠନର ହାର୍ଡକୋର ମାଓବାଦୀ



ଶୁକ୍ରାମ ମାଡକାମ ବୁଧବାର ମାଲକାନଗିରି ଏସପିଙ୍କ ନିକଟରେ ଆତ୍ମସମର୍ପଣ କରିଛି । ମାଓ ସଂଗଠନରେ ବ୍ୟବହାର କରୁଥିବା ନିଜର ଅତ୍ୟାଧୁନିକ ଏସଏଲଆର ବନ୍ଧୁକ ସହ ୧୨ଟି ଅଫୁଟା ଗୁଳି, ଦୁଇଟି ଲ୍ୟାଣ୍ଡମାଇନ, କୋଡେକ୍ସ ତାର, ବିଦ୍ୟୁତ ତାର, ମେଡିସିନ୍ ଓ ନକ୍ସଲ ପୋଷାକ ଓ ପ୍ରଚାର ପତ୍ର ସହ ପୁଲିସ ପାଖରେ ଆତ୍ମସମର୍ପଣ କରିଛି । ଛତିଶଗଡ ସୁକୁମା ଜିଲ୍ଲା ସହ ମାଲକାନଗିରି ଜିଲ୍ଲାର ମାଥିଲି ଥାନା ଅନ୍ତର୍ଗତ ଦଲଦଲି ଅଞ୍ଚଳର ଅନେକ ହିଂସାକାଣ୍ଡରେ ଜଡିତ ଥିଲେ ହାର୍ଡକୋର ମାଓବାଦୀ ଶୁକ୍ରାମ ମାଡକାମ । କାଙ୍ଗେରଘାଟି ଏରିଆ କମିଟି ମେମ୍ବର ଶୁକ୍ରାମ ମୁଣ୍ଡ ଉପରେ ୨୧ ଲକ୍ଷ ଟଙ୍କାର ପୁରସ୍କାର ରହିଥିଲା । ସେ ଓଡିଶା ଓ ଛତିଶଗଡର ବିଭିନ୍ନ ହିଂସାକାଣ୍ଡ ସାମିଲ ଥିଲା । ହେଲେ ଆତ୍ମସମର୍ପଣ ପରେ ସରକାରଙ୍କ ନିୟମ ଅନୁସାରେ ଥଇଥାନ କରାଯିବା ବୋଲି ମାଲକାନଗିରି ଏସପି କହିଛନ୍ତି ।

# ମଣିପୁରରୁ ହଟିଲା ରାଷ୍ଟ୍ରପତି ଶାସନ

**ଇମ୍ଫାଲ,୪।୨: ଏକ୍ସପ୍ରେସ୍ ନ୍ୟୁଜ୍**

ମଣିପୁର ବିଜେପି ବିଧାୟକ ଦଳ ନେତା ଯୁମନାମ ଖେମଚାନ୍ଦ ସିଂହ ବୁଧବାର ରାଜ୍ୟର ନୂତନ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଛନ୍ତି ।



ଜାତିଗତ ବିବାଦ-ପ୍ରପୀଡ଼ିତ ରାଜ୍ୟରେ ପ୍ରାୟ ଏକ ବର୍ଷ ପରେ ରାଷ୍ଟ୍ରପତି ଶାସନ ଶେଷ ହୋଇଛି । ମଣିପୁର ରାଜ୍ୟପାଳ ଅଜୟ ଭଲ୍ଲା ଇମ୍ଫାଲର ଲୋକ ଭବନରେ ଖେମଚାନ୍ଦଙ୍କୁ ଶପଥପାଠ କରାଇଛନ୍ତି । ଏହି ଉତ୍ସବରେ ରାଜ୍ୟର ଅନେକ ବିଜେପି ବିଧାୟକ, ଦଳର ବରିଷ୍ଠ କର୍ମକର୍ତ୍ତା ଓ ଏନଡିଏର ବରିଷ୍ଠ ନେତାମାନେ ଯୋଗ ଦେଇଥିଲେ ।

ବିକଶିତ ଭାରତ ୨୦୪୭ରେ ମଣିପୁର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ମଣିପୁରରେ ୩୬ଟି ସମ୍ପ୍ରଦାୟ ଅଛନ୍ତି ଏବଂ ଆମେ ରାଜ୍ୟରେ ଏକ ଶାନ୍ତିପୂର୍ଣ୍ଣ ବାତାବରଣ ଆଣିବାକୁ ଆଶା କରୁଛୁ ବୋଲି ଶପଥ ଗ୍ରହଣ ସମାରୋହ ପରେ ସିଂହ କହିଛନ୍ତି । ଫେବୃଆରି ୩ ତାରିଖରେ ମଣିପୁର ବିଧାନସଭାର ୪୫ରୁ ଅଧିକ ***(ଶେଷ ପୃଷ୍ଠା ଦେଖନ୍ତୁ)***

# ହ୍ୱାଟ୍ସଆପରେ ମିଳିବ ୨୪ ଘଣ୍ଟିଆ ରାଜସ୍ୱ ସେବା

**ଭୁବନେଶ୍ୱର,୪।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଏଣିକି ଆଉ ବାରମ୍ବାର ତହସିଲ ଅଫିସ ଦୌଡିବେନି ଲୋକେ । ହ୍ୱାଟସଆପରେ ମିଳିବ ରାଜସ୍ୱ ସେବା । ୨୪ ଘଣ୍ଟିଆ ସେବା ଯୋଗାଇ ଦେବ ବିଭାଗ । ହ୍ୱାଟସଆପରେ ଗ୍ରହଣ କରାଯିବ ଜମିଜମା ବାବଦରେ ସବୁ ଅଭିଯୋଗ ଓ ଆବେଦନ । ଏପିରିକି ରାଜସ୍ୱ ମନ୍ତ୍ରୀଙ୍କୁ ହ୍ୱାଟସଆପରେ ସିଧାସଳଖ ଅଭିଯୋଗ କରିପାରିବେ । ଯଦି କୌଣସି ଅଧିକାରୀଙ୍କ ବିରୋଧରେ ଦୁର୍ନୀତିର ଅଭିଯୋଗ ଆସିବ, ତେବେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ।

ସେ ଆହୁରି ମଧ୍ୟ କହିଛନ୍ତି ଯେ, ଗୁରୁବାର ୫୫ଟି ତହସିଲ ଅଫିସକୁ ରେଜିଷ୍ଟ୍ରି ଅଫିସରେ ରୂପାନ୍ତରିତ କରାଯିବ । ଏହାସହ ହ୍ୱାଟସଆପ ସେବାକୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିବେ । ଏନେଇ ରାଜସ୍ୱ ମନ୍ତ୍ରୀ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ହ୍ୱାଟସଆପ ମଧ୍ୟମରେ ରାଜସ୍ୱ ବିଭାଗ ୨୪ ଘଣ୍ଟିଆ ସେବା ଯୋଗାଇଦେବ । ଜମିଜମା ବାବଦରେ ସମସ୍ତ ଅଭିଯୋଗ ଓ ଆବେଦନ ଗ୍ରହଣ କରାଯିବ । ସେହିପରି ଜାତି ପ୍ରମାଣପତ୍ର ସହ ରାଜସ୍ୱ ସେବାଗୁଡିକ ମିଳିବ । ଏହାସହ ***(ଶେଷ ପୃଷ୍ଠା ଦେଖନ୍ତୁ)***

# ଇଣ୍ଡିଗୋ ବିରୋଧରେ ତଦନ୍ତ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୪।୨: ଏକ୍ସପ୍ରେସ୍ ନ୍ୟୁଜ୍**

ଦେଶର ଏକ ନମ୍ବର ଏୟାରଲାଇନ୍ ଇଣ୍ଡିଗୋ ବିରୋଧରେ ଭାରତୀୟ ପ୍ରତିଯୋଗିତା କମିସନ (ସିସିଆଇ) ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ଗତବର୍ଷ ଡିସେମ୍ବରରେ କମ୍ପାନି ଶହଶହ ବିମାନର ଉଡାଣକୁ ଯେଉଁଭଳି ଭାବେ ବାତିଲ କରିଥିଲା ତାହାକୁ ଦୃଷ୍ଟିରେ ରଖି ଏହି ତଦନ୍ତ ହେବ । କମ୍ପାନି ବିରୋଧରେ ଅନୁଚିତ ବ୍ୟବସାୟ ଗତିବିଧି ଅଭିଯୋଗ ଆସିଛି । ସିସିଆଇ ଏହାର ୧୬ ପୃଷ୍ଠା ବିଶିଷ୍ଟ ଆଦେଶପତ୍ରରେ ଇଣ୍ଡିଗୋର କାର୍ଯ୍ୟପ୍ରଣାଳୀ ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି । ଆୟୋଗ କହିଛନ୍ତି ଯେ ନିଜ କ୍ଷମତାର ଏକ ବଡ ଅଂଶ ବିମାନ ଉଡାଣକୁ ବାତିଲ କରିବାର ଅର୍ଥ ହେଉଛି ନିଜ ସେବାକୁ ଅଟକାଇଦେବା । ଯେତେବେଳେ ବହୁ ସଂଖ୍ୟାରେ ଯାତ୍ରୀ ଯାତାୟାତ କରୁଥିଲେ ସେହି ସମୟରେ ଏଭଳି ହୋଇଥିଲା । କମ୍ପାନି ଜାଣିଶୁଣି ଉଡାଣ ବାତିଲ କରି ବିମାନ ଉଡାଣର କୃତ୍ରିମ ଅଭାବ ସୃଷ୍ଟି କରିଥିଲା । ଏହାଦ୍ୱାରା ଯାତ୍ରୀମାନେ ହଇରାଣ ହୋଇଥିଲା । ଏଭଳି କରି କମ୍ପାନି ପ୍ରତିଯୋଗିତା ନିୟମ ଉଲ୍ଲଂଘନ କରିଥିବା ସିସିଆଇ ଅଭିଯୋଗ କରିଛନ୍ତି । ୨୦୨୫ ଡିସେମ୍ବର ୨ରୁ ଇଣ୍ଡିଗୋ ଏହାର ଶହ ଶହ ବିମାନର ଉଡାଣକୁ ବାତିଲ କରିଥିଲା । ଫଳରେ ଦେଶବ୍ୟାପୀ ବିଭିନ୍ନ ***(ଶେଷ ପୃଷ୍ଠା ଦେଖନ୍ତୁ)***

# ଦୁଇ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିବ କଂଗ୍ରେସ

**ଭୁବନେଶ୍ୱର,୪।୨: ଏକ୍ସପ୍ରେସ୍ ନ୍ୟୁଜ୍**

ସାରା ରାଜ୍ୟରେ ମଣ୍ଡି ଅବବ୍ୟସ୍ଥା ବିରୋଧରେ କୃଷକମାନଙ୍କର କ୍ରୋଧ ଓ ଅସନ୍ତୋଷ ବଢ଼ି ବଢ଼ି ଚାଲିଛି । ସରକାର ସବୁବେଳେ ସମସ୍ୟା ପ୍ରଶମିତ ହେଲାବୋଲି ମିଛ କହି ଚାଲିଛନ୍ତି । ଏବେବି କୃଷକ ରାସ୍ତା ଉପରେ ଧାନବସ୍ତା ରଖି ପ୍ରତିବାଦ କରୁଛି । ଆନ୍ଦୋଳନ ଥମିବାର ନାଁ ଧରୁନି । ପ୍ରତିଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ଦଳମତ ନିର୍ବିଶେଷରେ ଚାଷୀ ମେଳି ବାନ୍ଧୁଛନ୍ତି ଏବଂ ଧାନ କିଣାବିକାରେ ହେରଫେର ଓ କଟନୀ ଛଟଣୀ ବିରୋଧରେ ପ୍ରତିବାଦ କରୁଛନ୍ତି । କିଷାନ କଂଗ୍ରେସ ପ୍ରତିବାଦ ଓ ପ୍ରତିରୋଧ କରିଚାଲିଛି । ବିଭିନ୍ନ ଜିଲ୍ଲା ଓ ବ୍ଲକମାନଙ୍କରେ ପ୍ରତିବାଦ ପଦଯାତ୍ରା ସହିତ ବିକ୍ଷୋଭ, ଘେରାଉ ଓ ଧାରଣାମାନ ସଂଗଠିତ କରି ଚାଲିଛି । କିନ୍ତୁ ବର୍ତ୍ତମାନ ପରିସ୍ଥିତି ଅସମ୍ଭାଳ ହୋଇଛି । ଏଭଳି ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ କିଷାନ କଂଗ୍ରେସ ଚାଷୀମାନଙ୍କୁ ଆସନ୍ତା ଦିନରେ ଐକ୍ୟବଦ୍ଧ ହୋଇ ସଂଗ୍ରାମ ପାଇଁ ରାସ୍ତାକୁ ଓହ୍ଲାଇବାକୁ ଆହ୍ୱାନ ଦେଇଛି ।

ନିଆଁରେ ଘିଅ ଢ଼ାଳିବା ଭଳି ଉଭୟ କୃଷିମନ୍ତ୍ରୀ ଓ ଯୋଗାଣ ମନ୍ତ୍ରୀଙ୍କ ବିଭିନ୍ନ ଜାଗାରେ ବିଭିନ୍ନ ବିବୃତି ସମସ୍ୟାକୁ ଆହରି ତୀବ୍ର କରିଛି । ନୌଟଙ୍ଗୀ ଓ ଧାନକ୍ରୟର ସୀମା ନିର୍ଦ୍ଧାରଣ କୃଷକ ମୁଣ୍ଡରେ ***(ଶେଷ ପୃଷ୍ଠା ଦେଖନ୍ତୁ)***

SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN CORE ENGINEERING
- Civil Engineering
- Electrical Engineering
- Mechanical Engineering

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT,
Please visit: www.soa.ac.in

# ଓଡ଼ିଶାର ୨୦୦ରୁ ଅଧିକ ସ୍କୁଲରେ ଶୌଚାଳୟ ନାହିଁ

**ଭୁବନେଶ୍ୱର,୪।୨: ତଥ୍ୟ**

ରାଜ୍ୟର ୨ଶହରୁ ଅଧିକ ବିଦ୍ୟାଳୟରେ ଆଜିର ଦିନରେ ବି ଶୌଚାଳୟଟିଏ ନାହିଁ । ବିଜେଡି ସାଂସଦ ମୁନ୍ନା ଖାଁଙ୍କ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ ରାଜ୍ୟସଭାରେ ରଖିଥିବା ଉତ୍ତରରୁ ଏହା ଜଣାଯାଇଛି ।

କେନ୍ଦ୍ରମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଓଡିଶାରେ ମୋଟ୍ ୬୧,୪୬୭ଟି ବିଦ୍ୟାଳୟ ଥିବାବେଳେ ଏଥି ମଧ୍ୟରୁ ୨୦୩ଟି ବିଦ୍ୟାଳୟରେ ଶୌଚାଳୟ ନାହିଁ । ସେହିଭଳି ୧୮୧୩ଟି ବିଦ୍ୟାଳୟରେ ଛାତ୍ରମାନଙ୍କ ଲାଗି ଶୌଚାଳୟ ନଥିବାବେଳେ ୮୮୫ ବିଦ୍ୟାଳୟରେ ଛାତ୍ରୀଙ୍କ ପାଇଁ ଏହି ସୁବିଧା ନାହିଁ ।

ରାଜ୍ୟର ୧୬ଟି ବିଦ୍ୟାଳୟର ନିଜସ୍ୱ ଘର ନଥିବାବେଳେ ୩୧୯୫ଟି ବିଦ୍ୟାଳୟର ପାଚେରୀ

## ସରକାର ମାନିଲେ

ନାହିଁ । ଏହିସବୁ ବିଦ୍ୟାଳୟଗୁଡିକ ମେଳା ମୁକୁଳା ହୋଇ ପଡିଛି । ସେହିଭଳି ୧୯୦୩ଟି ବିଦ୍ୟାଳୟରେ ବିଜୁଳି ସଂଯୋଗ ନାହିଁ । ଏଠାରେ ଖରାଦିନେ ପିଲାମାନେ ଗରମରେ ସନ୍ତୁଳି ହେଉଥିବାବେଳେ ବିଦ୍ୟାଳୟକୁ ଟିଭି, କମ୍ପ୍ୟୁଟର ଭଳି ଉପକରଣ ଦିଆଗଲେ ବି ତାହା ଏଠାରେ ଚାଲିବାର ସମ୍ଭାବନା ନାହିଁ ।



ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଉପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱ ଦେବା ସହିତ ଅର୍ଥ ଯୋଗାଇ ଦେଉଛନ୍ତି । ବିଦ୍ୟାଳୟରେ ଖାଦ୍ୟ ପ୍ରସ୍ତୁତ ପାଇଁ ସାଜ ସରଞ୍ଜାମ ଯୋଗାଣ ସହିତ ପାଚିକା ନିଯୁକ୍ତ ହୋଇଛନ୍ତି । ହେଲେ ରାଜ୍ୟର ୬୩୩୬ଟି ବିଦ୍ୟାଳୟରେ ରୋଷଘର ନାହିଁ । ଏଠାରେ କେଉଁ ପରିସ୍ଥିତିରେ କିଭଳି ଖାଦ୍ୟ ପ୍ରସ୍ତୁତ ହେଉଥିବ ତାହା ସହଜରେ ଅନୁମେୟ ।

ସେହିଭଳି ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଟଟକା ପନିପରିବା ଯୋଗାଣ ପାଇଁ ବିଦ୍ୟାଳୟରେ ପରିବା ବଗିଚା ବା କିଚେନ ଗାର୍ଡେନ ପ୍ରତିଷ୍ଠା ଉପରେ ଜୋର ଦିଆଯାଉଛି । ରାଜ୍ୟର ବର୍ତ୍ତମାନ ସୁଦ୍ଧା ୪ହଜାର ବିଦ୍ୟାଳୟରେ କିଚେନ ଗାର୍ଡେନ ଆରମ୍ଭ ହୋଇପାରି ନାହିଁ । ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କ ସହାୟତା ଲାଗି ପ୍ରତ୍ୟେକ ବିଦ୍ୟାଳୟରେ ର୍ୟାମ୍ପ୍ ପ୍ରତିଷ୍ଠା ପାଇଁ କୁହାଯିବା ସହିତ ଆବଶ୍ୟକ ଅର୍ଥ ଯୋଗାଇ ଦିଆଯାଉଛି । ହେଲେ ଏବେ ବି ରାଜ୍ୟର ୨୯୧୭ଟି ବିଦ୍ୟାଳୟରେ ର୍ୟାମ୍ପ ସୁବିଧା ନଥିବା ଜଣାଯାଇଛି ।

ବିଦ୍ୟାଳୟରେ ପାଠପଢା ସହିତ ଛାତ୍ରଛାତ୍ରୀଙ୍କ ଖେଳକୁଦ ଉପରେ ଗୁରୁତ୍ୱ ଦିଆଯାଉଛି । ସରକାର ମଧ୍ୟ ବିଦ୍ୟାଳୟଗୁଡିକୁ କ୍ରୀଡା ସାମଗ୍ରୀ ଯୋଗାଇ ଦେଉଛନ୍ତି । ହେଲେ ବର୍ତ୍ତମାନ ***(ଶେଷ ପୃଷ୍ଠା ଦେଖନ୍ତୁ)***

# ସ୍କୁଲ୍‌ରେ ଜଣ୍ଡିସ୍: ପ୍ରିନ୍‌ସିପାଲ୍ ସସ୍‌ପେଣ୍ଡ୍

**ଖୋର୍ଦ୍ଧା: ଏକ୍ସପ୍ରେସ ନ୍ୟୁଜ୍**

ଗତ କିଛି ଦିନ ପୂର୍ବେ ସ୍କୁଲ୍ କ୍ୟାମ୍ପସ୍‌ରେ ଜଣ୍ଡିସ୍ ଆତଙ୍କ ସୃଷ୍ଟି କରିଥିବା ଘଟଣାରେ ଖୋର୍ଦ୍ଧା ଗୁରୁଜଙ୍ଗ ସ୍ଥିତ ନବୋଦୟ ବିଦ୍ୟାଳୟର ଅଧକ୍ଷା କବିତା କରଙ୍କୁ ନିଲମ୍ବିତ କରାଯାଇଛି । ଏନେଇ ନବୋଦୟ ବିଦ୍ୟାଳୟ ସମିତି କର୍ତ୍ତୃପକ୍ଷ ଏଭଳି ନିର୍ଦ୍ଦେଶନାମା ଜାରି କରିଛନ୍ତି । ତେବେ ଭାଇସ୍ ପ୍ରିନ୍‌ସିପାଲ୍ ନୃସିଂହ ଚ଼ରଣ ଚ଼କ୍ରଙ୍କୁ ଭାରପ୍ରାପ୍ତ ପ୍ରିନ୍‌ସିପାଲ୍ ଦାୟିତ୍ୱ ଦିଆଯାଇଛି । ନୂତନ ପ୍ରିନ୍‌ସିପାଲ୍ ଯୋଗ ନଦେବା ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱ ତୁଲାଇବେ ବୋଲି ଜଣାପଡିଛି । ନିଲମ୍ବିତ ପ୍ରିନ୍‌ସିପାଲ୍ ଶ୍ରୀମତୀ କରଙ୍କୁ ଭୋପାଳ ସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରାଯାଇଛି । ସୂଚ଼ନା ମୁତାବକ, ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କର ଗୁରୁତର ଅବହେଳାରୁ ବିଦ୍ୟାଳୟରେ ଜଣ୍ଡିସ୍ ବିସ୍ଫୋରକ ରୂପ ନେଇଥିଲା । ପରିସ୍ଥିତି ଏଭଳି ସ୍ଥିତିରେ ପହଞ୍ଚି ଥିଲା ଯାହା ଖୋର୍ଦ୍ଧାରୁ ଦିଲ୍ଲୀ ଯାଏ ଯାଇଥିଲା । ଦିଲ୍ଲୀ ଟିମ୍, ଭୋପାଳ ଟିମ୍ ଆସି ବିଦ୍ୟାଳୟ କ୍ୟାମ୍ପସ୍ ପହଞ୍ଚି ପରିସ୍ଥିତି ଯାଞ୍ଚ କରିବାକୁ ବାଧ ହୋଇଥିଲେ । ପ୍ରାୟ ୯୦ରୁ ଅଧିକ ବିଦ୍ୟାର୍ଥୀ, ସ୍କୁଲ୍ କର୍ମଚ଼ାରୀ ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଥିଲେ । ସଂକ୍ରମଣ ବିସ୍ଫୋରକ ରୂପ ନେବାରୁ ବାଧ ହୋଇ ସ୍କୁଲ୍ କର୍ତ୍ତୃପକ୍ଷ ବିଦ୍ୟାଳୟକୁ ବନ୍ଦ ଘୋଷଣା କରିଥିଲେ । ପରେ ବିଦ୍ୟାଳୟର ପାଣି ଟାଙ୍କି ଓ ଅନ୍ୟାନ୍ୟ ସ୍ଥାନକୁ ସଫେଇକୁ ଯୁଦ୍ଧ କାଳୀନ ଭିତ୍ତିରେ କରାଯାଇଥିଲା । ଏହି ଜଣ୍ଡିସ୍ ଘଟଣାରେ ସ୍କୁଲ୍ କର୍ତ୍ତୃପକ୍ଷଙ୍କର ଭୟଙ୍କର ଅବହେଳା କାରଣକୁ ନେଇ ପ୍ରିନ୍‌ସିପାଲ୍ ଶ୍ରୀମତୀ କରଙ୍କୁ ନିଲମ୍ବିତ କରାଯାଇଛି ବୋଲି ଭାଇସ୍ ପ୍ରିନ୍‌ସିପାଲ୍ ଶ୍ରୀ ଚ଼କ୍ର ସୂଚ଼ନା ଦେଇଛନ୍ତି ।

## ସମାନ କାମକୁ ସମାନ ଦରମା ଦାବି




**ବ୍ରହ୍ମପୁର: ଏକ୍ସପ୍ରେସ ନ୍ୟୁଜ୍**

ଛତ୍ରପୁର ଉପକଣ୍ଠ ଗୋପାଳପୁର ବନ୍ଦରରେ ସ୍ୱୀକୃତି ପ୍ରାପ୍ତ ଭେଣ୍ଡର ଏବଂ କଣ୍ଟ୍ରାକ୍ଟରମାନଙ୍କ ଅଧୀନରେ ଦୀର୍ଘଦିନ ଧରି କାମ କରୁଥିବା ଅପରେଟର, ଡ୍ରାଇଭର ଓ ଅନ୍ୟାନ୍ୟ ଶ୍ରମିକମାନେ ବିଭିନ୍ନ ଦାବି ନେଇ ଗଞ୍ଜାମ ଅପରେଟର ଏଣ୍ଡ ଡ୍ରାଇଭର ମଜଦୁର ସଂଘର ମାଧ୍ୟମରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ସେମାନଙ୍କ ଆଇନଗତ କାର୍ଯ୍ୟଦାବି ଗୁଡିକ ପୂରଣ ହେଉ ନାହିଁ । ଏନେଇ ସେମାନେ ମଙ୍ଗଳବାର ଗୋପାଳପୁର ବନ୍ଦରର ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେଇଛନ୍ତି । ସରକାରୀ ନିୟମ ଅନୁସାରେ ପ୍ରତ୍ୟେକ ଶ୍ରମିକଙ୍କୁ ସେମାନଙ୍କ ହକ ମିଳିବା ଦରକାର । ଏଠାରେ ବ୍ୟତିକ୍ରମ ହେଉଥିବା ଦେଖିବାକୁ ମିଳିଛି । ଶ୍ରମ ଆଇନ ଉଲ୍ଲଙ୍ଘନ ବନ୍ଦ କରାଯାଉ । ସମାନ କାମକୁ ଦରମା, ଶ୍ରମିକମାନଙ୍କୁ ପାନୀୟଜଳ, ସ୍ୱାସ୍ଥ୍ୟ ଠାରୁ ଆରମ୍ଭ କରି ସମସ୍ତ ସୁବିଧା ଯୋଗାଇବା ଏବଂ ସଠିକ ଭାବେ ପିଏଫ ଓ ଇକ୍ରିମେଣ୍ଟ ନିୟମିତ ଭାବେ ପ୍ରଦାନ କରିବା ନିମନ୍ତେ ସଂଘ ପକ୍ଷରୁ ଦାବି କରାଯାଇଛି । ନଚେତ ଦାବି ପୂରଣ ନ ହେଲା ପର୍ଯ୍ୟନ୍ତ ଏପରି ଆନ୍ଦୋଳନ ଚ଼ାଲୁରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି । ଗଞ୍ଜାମ ଅପରେଟର ଏଣ୍ଡ ଡ୍ରାଇଭର ମଜଦୁର ସଂଘର ସଭାପତି ଏସ. କ୍ରିଷ୍ଣା ରେଡ୍ଡୀ, ଉପସଭାପତି ଏସ. ପ୍ରଭାକର ରେଡ୍ଡୀ, ସାଧାରଣ ସମ୍ପାଦକ କାହ୍ନୁ ଚ଼ରଣ ନାହାକ, ଆସିଷ୍ଟାଣ୍ଟ ସେକ୍ରେଟାରୀ ପି. ଭେଙ୍କଟ ରେଡ୍ଡୀ, କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା ଓ ଆଇନ ପରାମର୍ଶ ଦାତା ଜ୍ୟୋତି ରଞ୍ଜନ ମିଶ୍ରଙ୍କ ସମେତ ସଂଘର ଶତାଧିକ ସଭ୍ୟମାନେ ହାତରେ ଫ୍ଲାଗକାର୍ଡ ଧରି ଆନ୍ଦୋଳନରେ ସାମିଲ ହୋଇଛନ୍ତି ।

# ଧୂଳିକୁ ନେଇ ଲୋକେ ଅଣନିଃଶ୍ୱାସୀ

**ଝାରସୁଗୁଡା: ଏକ୍ସପ୍ରେସ ନ୍ୟୁଜ୍**

୪୯ ନମ୍ବର ଜାତୀୟ ରାଜପଥରେ ଏବେ ବାୟୁ ପ୍ରଦୂଷଣ ଉତ୍କଟ ରୂପ ଧାରଣ କରିଛି । ଝାରସୁଗୁଡ଼ା ବିଟିଏମ ବାଇପାସ୍ ଠାରୁ ଆରମ୍ଭ କରି କନକତୋରା ପର୍ଯ୍ୟନ୍ତ ସମଗ୍ର ଅଞ୍ଚଳରେ ପ୍ରଦୂଷଣର ମାତ୍ରା ସାଂଘାତିକ ଭାବେ ବୃଦ୍ଧି ପାଉଥିବାରୁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ମୁଖ୍ୟତଃ କୋଇଲା ଏବଂ ପାଉଁଶ ବୋଝେଇ ଟ୍ରକ୍ ଗୁଡ଼ିକ ଉପଯୁକ୍ତ ଭାବେ ତାରପୋଲିନ ବ୍ୟବହାର କରୁନଥିବାରୁ ରାସ୍ତା ଉପରେ ସୁକ୍ଷ୍ମ କୋଇଲା ଗୁଣ୍ଡ ଓ ପାଉଁଶର ଆବରଣ ଜମି ରହୁଛି । ଏହାସହିତ ରାସ୍ତା କଡ଼ରେ ଶହ ଶହ ଭାରୀଯାନ ଅଟକି ଥିବାରୁ ବାୟୁରେ




ଧୂଳିକଣାର ପରିମାଣ ବଢ଼ିବାରେ ଲାଗିଛି । ବିଭିନ୍ନ ସମୟରେ ରାତ୍ରିରେ ବେପରୁଆ ଗାଡିଚ଼ାଳନା ପାଇଁ କୋଇଲା ଗୁଣ୍ଡ, ପାଉଁଶ ରାସ୍ତା ଉପରେ ପଡୁଛି ଫଳରେ ଦିନରେ ଏହା ପରିବେଶକୁ ଅଧିକ ପ୍ରଦୂଷିତ କରୁଛି । ଏହି ପ୍ରଦୂଷିତ ପରିବେଶ ଯୋଗୁଁ ରାଜପଥରେ ପଥଚ଼ାରୀ ଓଦୁଇଚ଼କିଆ ଯାନ ଚ଼ାଳକଙ୍କ ପାଇଁ ଯାତାୟାତ କରିବା ବଡ଼ ସମସ୍ୟା ପାଲଟିଛି । ବିଶେଷ କରି ସନ୍ଧ୍ୟା ସମୟରେ ଅତ୍ୟଧିକ ଧୂଳି ଯୋଗୁଁ ଦୃଶ୍ୟମାନ ଶକ୍ତି କମିଯାଉଛି । ଫଳରେ ବିପରୀତ ଦିଗରୁ ଆସୁଥିବା ଗାଡ଼ି ଗୁଡ଼ିକ ଜଣାପଡୁ ନାହିଁ । ଏହି କାରଣରୁ ଯେକୌଣସି ମୁହୂର୍ତ୍ତରେ ଭୟଙ୍କର ଦୁର୍ଘଟଣା ଘଟିବା ଆଶଙ୍କା ରହିଛି । ଅନ୍ୟପଟେ, ବାୟୁରେ ଉଡୁଥିବା ସୂକ୍ଷ୍ମ କୋଇଲା ଗୁଣ୍ଡ ଲୋକଙ୍କ ଆଖି, ନାକ ଓ କାନରେ ପଶିବା ଫଳରେ ଶ୍ୱାସକ୍ରିୟା ଜନିତ ସମସ୍ୟା ସହ ବିଭିନ୍ନ ସଂକ୍ରମଣ ଦେଖାଦେଇଛି । ସେପଟେ ରାଜ୍ୟର ଅର୍ଥନୀତିକୁ ସମୃଦ୍ଧ କରୁଥିବା ଶିଳ୍ପାଞ୍ଚଳରେ ପରିବେଶର ସୁରକ୍ଷା ଏବେ ବଳି ପଡ଼ିଛି । ୪୯ ନମ୍ବର ଜାତୀୟ ରାଜପଥର ଝାରସୁଗୁଡା ପ୍ରସନ୍ନ ପଣ୍ଡା ଛକରେ କନକତୋରା ପର୍ଯ୍ୟନ୍ତ କଡ଼ରେ ଥିବା ଗ୍ରାମବାସୀଙ୍କ ଭାଗ୍ୟ ଅନ୍ଧାରକୁ ଠେଲି ହୋଇଛି । ଆଗାମୀ ଦିନରେ ଏହା ଏକ ବଡ଼ ସ୍ୱାସ୍ଥ୍ୟ ସଂକଟର ରୂପ ନେବ ବୋଲି ବୁଦ୍ଧିଜୀବୀ ମହଲରେ ଚ଼ର୍ଚ୍ଚା ହେଉଛି ।

## ଡକାୟତି ଯୋଜନା ପଣ୍ଡ, ୪ ଗିରଫ



**ବ୍ୟାସନଗର: ଏକ୍ସପ୍ରେସ ନ୍ୟୁଜ୍**

ବ୍ୟାସନଗର ଅଞ୍ଚଳରେ ଯେଉଁଭଳି ଭାବରେ ଚୋରି ଡକାୟତ ହେବାରେ ଲାଗୁଛି । ଏକଥା ଶୁଣିଲାବେଳକୁ କାଇକେଜାଣି ଲୋକେ ଭୟବିତ୍ତ ହେଉଛନ୍ତି । ଏଇଭଳି ଏକ ଡକାୟତ ଯୋଜନା କରୁଥିବା ଅଭିଯୋଗରେ ଯାଜପୁର ରୋଡ ପୋଲିସ ୪ଜଣକୁ ଗିରଫ କରି କୋର୍ଟ ଚ଼ାଲାଣ କରିଛି । ଗିରଫ ବ୍ୟକ୍ତି ହେଲେ କୋରେଇ ଥାନା ଅନ୍ତର୍ଗତ ପୂର୍ବକୋଟ ଗ୍ରାମର ମାଇକେଲ ଗଣପତି (୨୪), ଅର୍ଜୁନ ଦାସ(୨୯), କାଳି ଦାସ(୨୬)ଓ ଗଞ୍ଜାମ ଜିଲ୍ଲା ଆସ୍କା ଥାନା ଅନ୍ତର୍ଗତ ବସଷ୍ଟାଣ୍ଡ ସାହି ଅନ୍ତର୍ଗତ ଏମ୍ ଅଜୟ । ସୂଚ଼ନାନୁଯାୟୀ ଯାଜପୁର ରୋଡ ଥାନା ଅନ୍ତର୍ଗତ ଶୋବରା ଗ୍ରାମ ପଡିଆରେ ୪ ଜଣ ବସି ଡକାୟତ ପାଇଁ ଯୋଜନା କରୁଥିଲେ । ପୋଲିସ କୌଣସି ସୁତ୍ରରୁ ଖବର ପାଇ ଘଟଣାସ୍ଥଳରେ ଅତର୍କିତ ଚ଼ଢାଉ କରି ଯୋଜନା ପଣ୍ଡ କରିବାରେ ସଫଳ ହୋଇଥିଲେ । ଡକାୟତଙ୍କ ନିକଟରୁ ଖଣ୍ଡା, ଛୁରୀ ଓ କିଛି ମାରଣାସ୍ତ୍ର ସହ ତିନୋଟି ମଟର ସାଇକେଲ ଜବତ କରିଛି ।

## ଦାରିଙ୍ଗବାଡିରେ ବୁଲ୍‌ଡୋଜର

**ଦାରିଙ୍ଗବାଡି: ଏକ୍ସପ୍ରେସ ନ୍ୟୁଜ୍**

କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ଥାନା ଅଞ୍ଚଳରେ ପୁଣି ବୁଧବାର ବୁଲଡୋଜର ବୁଲିଛି । ସରକାରୀ ଜମିକୁ ଜବରଦଖଲ କରି ରଖିଥିବା ଦୋକାନ ଗୃହ ସମେତ ବାସ ଗୃହକୁ ବୁଧବାର ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି ।

ପ୍ରକାଶ ଯେ, ଦାରିଙ୍ଗବାଡିର ୪ ଛକ ନିକଟ ୫୯ ନଂ ଜାତୀୟ ରାଜପଥ କଡ଼ରୁ ପାଟଖଣ୍ଡା ମନ୍ଦିର ରୋଡ୍‌ରେ ଏକାଧିକ ଲୋକ ସରକାରୀ ଜମିକୁ ଜବରଦଖଲ କରି ଦୀର୍ଘବର୍ଷ ହେଲା ରହି ଆସୁଥିଲେ । ସେମାନଙ୍କୁ ପୂର୍ବରୁ ନୋଟିସ କରାଯାଇଥିଲା । ମାତ୍ର ଜବରଦଖଲ କାରୀମାନେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ । ପରେ ଏହାର ଶୁଣାଣି ପାଇଁ ଉପଜିଲ୍ଲାପାଳଙ୍କୁ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେବା ପରେ ଉପଜିଲ୍ଲାପାଳ ଏହାର ଉଚ୍ଛେଦ ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ବୋଲି ତହସିଲଦାର ଧୀରଜ ପାତ୍ର କହିଛନ୍ତ ।

# ବିବାଦୀୟ ଏମ୍‌ଆଇ ଓ ବିଡିଓଙ୍କ ବଦଳି

**ମାହାଙ୍ଗା: ଏକ୍ସପ୍ରେସ ନ୍ୟୁଜ୍**

ମାହାଙ୍ଗା କାର୍ଯ୍ୟାଳୟରେ ଦାୟିତ୍ୱରେ ଥିବା ନିଶ୍ଚିନ୍ତକୋଇଲି ଏମଆଇ ଦେବୀ ପ୍ରସାଦ ଦାଶ ଜଣେ ହିତାଧିକାରୀଙ୍କୁ ଜାତୀୟ ସୁରକ୍ଷା ଯୋଜନାରେ ଖାଉଟୀଙ୍କ ନାମ ଅର୍ନ୍ତଭୁକ୍ତ କରିବା ନିମନ୍ତେ ନୈରାଶ୍ୟଜନକ ଓ ବିବାଦୀୟ ମନ୍ତବ୍ୟ ଦେଇଥିଲେ । ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା । ଯାହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ଏହି ଖବର ଜାଣିବା ପରେ ବ୍ଲକ ଅଧକ୍ଷା ଦୀପା ମଲିକ ଜିଲ୍ଲାପାଳଙ୍କ ନିକଟରେ ଏକ ଅଭିଯୋଗ କରି ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ ଦାବି କରି କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି କରିଥିଲେ । ଯାହାକୁ ନେଇ ଜିଲ୍ଲାପାଳ ତଦନ୍ତ ନିମନ୍ତେ ଜିଲ୍ଲା ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ଯୋଗାଣ ବିଭାଗ ପକ୍ଷରୁ ଚିଠି ନଂ.୧୯୫ ତା.୩.୨.୨୦୨୬ରେ ଶ୍ରୀ ଦାଶଙ୍କୁ ଅନ୍ୟତ୍ର ବଦଳି କରିଥିଲେ । ତାଙ୍କ ଠାରୁ ନିଶ୍ଚିନ୍ତକୋଇଲି ଏବଂ ମାହାଙ୍ଗା ଦାୟିତ୍ୱରୁ ହଟାଯାଇ ବଡମ୍ବାକୁ ବଦଳି କରାଯାଇଥିବା ଜଣାଯାଇଛି । ସେହିପରି ଗତ ଜୁନ ମାସରେ ମାହାଙ୍ଗା ବ୍ଲକ ବିଡିଓ ସନ୍ତୋଷ କୁମାର ଜେନାଙ୍କ ବଦଳି ପରେ ନିଶ୍ଚିନ୍ତକୋଇଲି ବିଡିଓ ଦ୍ୱିବେନ୍ଦୁ ଦାସ ମାହାଙ୍ଗା ବ୍ଲକର ବିଡିଓ ଭାବେ ଦାୟିତ୍ୱ ନେଇଥିଲେ । ଏହାର ଦୁଇ ମାସ ପରେ ମାହାଙ୍ଗା ତହସିଲଦାର ସୁଭାଶିଷ ପାଲଟା ମାହାଙ୍ଗା ବ୍ଲକର ବିଡିଓ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇଥିଲେ । କିନ୍ତୁ ସେ ଦାୟିତ୍ୱ ନେବା ବ୍ଲକ ଅଧକ୍ଷା ଏବଂ ବିଡିଓଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା । ଯାହାକୁ ବ୍ଲକ ଅଧକ୍ଷା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ । ପଞ୍ଚାୟତରାଜ ବିଭାଗ ଚିଠି ନଂ.୩୦୩୨ ତା.୨.୨.୨୦୨୬ରେ ଦାୟିତ୍ୱରେ ଥିବା ତହସିଲଦାର ଶ୍ରୀ ପାଲଟାଙ୍କୁ ହଟାଯାଇ ରାଜନଗର ବିଡିଓ ତିଳୋତମା ପୃଷ୍ଟିଙ୍କୁ ମାହାଙ୍ଗା ବିଡିଓ ଭାବେ ନିଯୁକ୍ତି ଦିଆଯାଇଥିବା ଜଣାଯାଇଛି ।

## ଅଭିନବ ଉପାୟରେ ଠକେଇ ଉଦ୍ୟମ

**ଧର୍ମଶାଳା: ଏକ୍ସପ୍ରେସ ନ୍ୟୁଜ୍**

ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଅନ୍ତର୍ଗତ ଜାରକାସ୍ଥିତ ଏକ ମହିଳା ଔଷଧ ଦୋକାନୀ ଉପସ୍ଥିତ ବୁଦ୍ଧି ଯୋଗୁଁ ସାଇବର ଠକେଇ ଶିକାର ହେବାରୁ ରକ୍ଷା ପାଇଯାଇଛନ୍ତି । ସୂଚ଼ନା ମୁତାବକ ଜାରକାସ୍ଥିତ ଏକ ଔଷଧ ଦୋକାନ ମାଲିକଙ୍କ ନିକଟକୁ ଏକ କଲ ଆସିଥିଲା । ତେବେ କଲ ଉଠାଇବା ପରେ ମୁ ଜାରକାସ୍ଥିତ ରାଉତ ଔଷଧ ଦୋକାନରୁ କହୁଛି ବୋଲି କହିଥିଲେ । ସେ ଭୁବନେଶ୍ୱର ଆସିଛି କହିବା ସହ ଏଠାରେ ଏସି ଶସ୍ତାରେ ମିଳୁଛି ବୋଲି କହି ସେ ଚ଼ାରିଗୋଟି ଏସି ନେଇଛିନ୍ତି ବୋଲି କହିଥିଲେ । ତୁରନ୍ତ ତାଙ୍କ ଫୋନପେରେ ଟଙ୍କା ପଠାଇବାକୁ କହିଥିଲେ । ଏହି ସମୟରେ ଉକ୍ତ ଦୋକାନ ମାଲିକଙ୍କ ସ୍ୱାମୀ କଲ ଧରିଥିଲେ । ଏସି ଆଣି ଦୋକାନରେ ପହଁଚ଼ାଇବା ପରେ ଟଙ୍କା ଦିଆଯିବ ବୋଲି କହିବାରୁ ସେ ଫୋନ କାଟି ଦେଇ ବ୍ଲକ କରିଦେଇଥିଲେ । ତେବେ ଜାରକାରେ ରାଉତ ଔଷଧ ଦୋକାନ କାହାର ବୋଲି କଲ ଗ୍ରହଣ କରିଥିବା ଔଷଧ ଦୋକାନୀ ଜାଣିନଥିବା ବେଳେ କିଏ କାହିଁକି ଏଭଳି ଠକେଇ କରିବାକୁ ଉଦ୍ୟମ କରିଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି ।

## ପ୍ରତୀକ୍ଷାଳୟ ନ ଥିବାରୁ ଲୋକେ ହନ୍ତସନ୍ତ

**ନିଆଳି: ଏକ୍ସପ୍ରେସ ନ୍ୟୁଜ୍**

ନିଆଳି ବ୍ଲକ ନିଆଳି ବଜାରରେ ପ୍ରତୀକ୍ଷାଳୟ ନ ଥିବାରୁ ଯାତ୍ରୀଙ୍କୁ ହନ୍ତଶନ୍ତ ହେବାକୁ ପଡିଛି । ନିଆଳି ବଜାର ଏକ ପ୍ରମୁଖ ଛକ ଭାବେ ପରିଚ଼ିତ ଥିବାରୁ ବିଭିନ୍ନ ସ୍ଥାନକୁ ଯିବାକୁ ଲୋକଙ୍କୁ ଏହି ଛକ ଉପରେ ନିର୍ଭର କରିବାକୁ ପଡିଥାଏ । ପ୍ରତୀକ୍ଷାଳୟ ନିର୍ମାଣ ଲାଗି ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ ରାଜ୍ୟ ରାଜପଥଟି ପୂର୍ତ୍ତ ବିଭାଗ ଅଧୀନରେ ଯାଉଥିବା ବେଳେ ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷ କି ରାଜନେତାଙ୍କ ଏଥିପ୍ରତି ଦୃଷ୍ଟି ପଡୁ ନାହିଁ । ଯାତ୍ରୀମାନେ ଫଳ ଦୋକାନ, ଚ଼ାହା ଦୋକାନ, ଅଣ୍ଡା ଦୋକାନରେ ଘଣ୍ଟା ଘଣ୍ଟା ଛିଡା ହେଉଥିବା ବେଳେ ରାଜ୍ୟ ରାଜପଥ ସମ୍ପ୍ରସାରଣ ହେବା ପାଇଁ ଦୋକାନ ଆଗ ଗୁଡିକ ଭଙ୍ଗା ଯାଇଥିବାରୁ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଦୈନନ୍ଦିନ ଲୋକମାନେ ଏଠାରୁ



କଟକ, ପୁରୀ, ଭୁବନେଶ୍ୱର ଓ ଜଗତସିଂହପୁରକୁ ଯିବା ପାଇଁ ଏଠାରେ ଯାତ୍ରୀମାନେ ଅପେକ୍ଷା କରିଥାନ୍ତି । ବିଭିନ୍ନ କଲେଜକୁ ଯିବା ପାଇଁ ଏହି ବଜାର ଉପରେ ଛିଡା ହୋଇ ଘଣ୍ଟା ଘଣ୍ଟା ଗାଡିକୁ ଅପେକ୍ଷା କରିଥାନ୍ତି । ପ୍ରତୀକ୍ଷାଳୟ ନଥିବାରୁ ସେମାନଙ୍କୁ ରାସ୍ତା କଡ଼ର ଖରା ବର୍ଷାରେ ବସ ତଥା ଆନ୍ୟାନ୍ୟ ଯାତ୍ରୀବାହୀ ଗାଡିକୁ ଅପେକ୍ଷା କରିବାକୁ ପଡିଥାଏ । ଛୁଆ ପିଲା ଧରି ରାସ୍ତା କଡ଼ରେ ଅପେକ୍ଷା କରିବା କଷ୍ଟକର ସହିତ ବିପଦ ପୂର୍ଣ୍ଣ ହୋଇଥାଏ । ବର୍ଷା ହେଲେ ଯାତ୍ରୀଙ୍କୁ କୌଣସି ଦୋକାନ ପିଣ୍ଡା ବା କାହା ଘର ଦ୍ୱାରରେ ଆଶ୍ରୟ ନେବାକୁ ପଡିଥାଏ । ଆଗକୁ ଗ୍ରୀଷ୍ମ ଦିନ ଆସୁଥିବାରୁ ଖରାର ତାପରେ ଛିଡା ହେବା ଆହୁରି କଷ୍ଟ ଦାୟକ ହେବ । ଦୈନନ୍ଦିନ ବହୁଯାତ୍ରୀଙ୍କୁ ଏଥିନେଇ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ବିଭିନ୍ନ ଛକରେ ଯାତ୍ରୀଙ୍କ ସୁବିଧା ଲାଗି ଯାତ୍ରୀଙ୍କ ପ୍ରତୀକ୍ଷାଳୟର ସୁବିଧା ହୋଇଥିବା ବେଳେ ନିଆଳୀରେ କେବେ ପ୍ରତୀକ୍ଷାଳୟ ହେବ ସେ ନେଇ ନିଆଳୀରେ ଦାବି ହେଉଛି ।

## ଶାଢିରେ ନିଆଁ: ବୃଦ୍ଧା ଗୁରୁତର

**ସୋର: ଏକ୍ସପ୍ରେସ ନ୍ୟୁଜ୍**

ଶାଢିରେ ନିଆଁ ଲାଗିବାରୁ ପୋଡିହୋଇ ଜଣେ ବୃଦ୍ଧା ଗୁରୁତର ହୋଇ ସୋରରୁ କଟକ ଡାକ୍ତରଖାନାକୁ ସ୍ଥାନାନ୍ତରିତ ହୋଇଛନ୍ତି । ସୂଚ଼ନା ଅନୁସାରେ ଔପଦା ବ୍ଲକ ଅଘିରାପଦା ଗ୍ରାମର ରତ୍ନମଣି ରାଉତ(୬୨) ସକାଳେ ରୋଷେଇ ହେଉଥିବା ସମୟରେ ଚୁଲି ନିକଟରେ ବସିଥିବା ବେଳେ ତାଙ୍କ ଅସାବଧାନାତା ବଶତଃ ଶାଢିରେ ନିଆଁ ଲାଗି ଦେହର ବିଭିନ୍ନ ସ୍ଥାନ ପୋଡିଯାଇଥିଲା । ତାଙ୍କୁ ଗୁରତର ଅବସ୍ଥାରେ ପରିବାର ଲୋକେ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ତାଙ୍କ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଥିବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ।

## ବାଣିଜ୍ୟ

# ଏଲନ୍ ମସ୍କ ସବୁ ରେକର୍ଡ ଭାଙ୍ଗଲେ

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ଏଲୋନ୍ ମସ୍କ, ସ୍ପେସ୍‌ଏକ୍ସ-ଏକ୍ସଏଆଇ ମିଶ୍ରଣ, ଧନ କୁବେର ଏଲନ ମସ୍କଙ୍କ ସମ୍ପତ୍ତି ରାତିକରେ ହାତିଏ ବଢୁଛି । ଟେସଲା ସିଇଓ ବର୍ତ୍ତମାନ ଇତିହାସରେ ପ୍ରଥମ ବ୍ୟକ୍ତି ହୋଇଛନ୍ତି, ଯାହାଙ୍କ ସମ୍ପତି ୮୫୦ ବିଲିୟନ ଡଲାର ପାର୍ କରିଛି । ଭାରତୀୟ ମୁଦ୍ରାରେ ଏହା ପ୍ରାୟ ୭୭ ଲକ୍ଷ କୋଟି ଟଙ୍କା ହେବେ ଗୋଟିଏ ଦିନରେ ତାଙ୍କ ସମ୍ପତ୍ତି ୮୪ ବିଲିୟନ ଡଲାରମାନେ ୭ ଲକ୍ଷ କୋଟି ଟଙ୍କା ବଢିଯାଇଛି । ହଠାତ ଏମିତି ବୃଦ୍ଧି କେମିତି ହେଲା । ଆସନ୍ତୁ ଫୋର୍ବସ ପତ୍ରିକାର ସଦ୍ୟତମ ରିପୋର୍ଟ ବିଷୟରେ ଜାଣିବା ।

ଫୋର୍ବସ୍ ଅନୁଯାୟୀ, ମସ୍କ ଏବେ ଇତିହାସର ସବୁଠାରୁ ଧନୀ ବ୍ୟକ୍ତି ହୋଇସାରିଛନ୍ତି । ମସ୍କଙ୍କ ସମ୍ପତ୍ତିରେ ଏହି ବୃଦ୍ଧି ତାଙ୍କର ରକେଟ୍ ତିଆରି କମ୍ପାନୀ, ସ୍ପେସ୍ ଏକ୍ସ ଏବଂ ତାଙ୍କର ଏଆଇ ଷ୍ଟାର୍ଟଅପ୍, ଏକ୍ସଏଆଇର ମିଶ୍ରଣ ଯୋଗୁ ହୋଇଛି । ମସ୍କଙ୍କ ରକେଟ୍ କମ୍ପାନୀ ସ୍ପେସଏକ୍ସ, ତାଙ୍କର ଏଆଇ କମ୍ପାନୀ, ଏକ୍ସଏଆଇକୁ ଅଧିଗ୍ରହଣ କରିଛି । ଏହି ଦୁଇଟି ପୂର୍ବରୁ ଅଲଗା ସଂସ୍ଥା ଥିଲେ । ଦୁହେଁ ମିଶିଗଲା ପରେ ଏକ ବୃହତ କମ୍ପାନୀ ହୋଇଛି । ଯାହାର ମୂଲ୍ୟ ଟ.୧.୨୫ ଟ୍ରିଲିୟନ ଡଲାର ବା ପ୍ରାୟ ୧୦୪ ଲକ୍ଷ କୋଟି ଟଙ୍କା ହୋଇଯାଇଛି । ଏହି ମିଶ୍ରଣ ପରେ ମସ୍କଙ୍କ ନେଟ ଓ୍ୱାର୍ଥରେ ଟ.୮୪ ବିଲିୟନ ଡଲାର ବୃଦ୍ଧି ହୋଇଛି । ଫଳରେ ମସ୍କଙ୍କ ମୋଟ ସମ୍ପତ୍ତି ଟ.୮୫୨ ବିଲିଅନ ଡଲାର ହୋଇଯାଇଛି । ଯାହା ପାକିସ୍ତାନ, ଶ୍ରୀଲଙ୍କା ଏବଂ ନେପାଳର ଜିଡିପି ଠାରୁ ଅଧିକ ରହିଛି ।

ମସ୍କ ଏବଂ ବିଶ୍ୱର ଦ୍ୱିତୀୟ ସବୁଠାରୁ ଧନୀ ବ୍ୟକ୍ତିଙ୍କ ମଧ୍ୟରେ ବ୍ୟବଧାନ ତିନି ଗୁଣରୁ ଅଧିକ ବୃଦ୍ଧି ପାଇଛି । ଗୁଗୁଲ୍ ସହ-ପ୍ରତିଷ୍ଠାତା ଲାରି ପେଜ୍ ୨୮୧ ବିଲିୟନ ଡଲାର ସମ୍ପତ୍ତି ସହିତ ବିଶ୍ୱ ଧନୀ ତାଲିକାରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି । ମସ୍କ ତାଙ୍କଠାରୁ ୫୭୮ ବିଲିୟନ ଡଲାର ଅଧିକ ଧନୀ ଅଛନ୍ତି । ତାଙ୍କ ସମ୍ପତ୍ତି ଯେଉଁ ହାରରେ ବଢୁଛି, ଲାଗୁଛି ସେ ଖୁବ୍ ଶୀଘ୍ର ବିଶ୍ୱର ପ୍ରଥମ ଟ୍ରିଲିୟନିୟର (୧ ଟ୍ରିଲିୟନ ଡଲାରର ମାଲିକ) ହୋଇପାରନ୍ତି ।

ଫୋର୍ବସ୍ ପତ୍ରିକାର ସଦ୍ୟତମ ଡାଟା ଅନୁସାରେ, ସାରା ବିଶ୍ୱରେ ୨୭୦୦ରୁ ଅଧିକ ବିଲିୟନେୟର ଅଛନ୍ତି, ସେମାନଙ୍କ ମଧ୍ୟରୁ ଏକ ତୃତୀୟାଂଶରୁ ଅଧିକ କେବଳ ଆମେରିକାରେ ରୁହନ୍ତି । ଏଠାରେ ମୋଟ ପ୍ରାୟ ୯୦୨ ଜଣ ବିଲିୟନେୟାର ଅଛନ୍ତି । ଯେଉଁଥିରୁ ଏଲନ ସବୁଠାରୁ ଆଗରେ ରହିଛନ୍ତି । ଚ଼ୀନ ଦ୍ୱିତୀୟ ସ୍ଥାନରେ ଅଛି । ଏଠାରେ ପ୍ରାୟ ୪୫୦ ଜଣ ଆରବପତି ଅଛନ୍ତି । ବାଇଟଡାନ୍ସର ପ୍ରତିଷ୍ଠାତା ଝାଙ୍ଗ ୟିମିଙ୍ଗ ଚ଼ୀନ୍‌ର ନମ୍ବରୱାନ ଅରବପତି ।

ଭାରତ ପ୍ରାୟ ୨୦୫ ଅରବପତିଙ୍କ ସହ ତାଲିକାରେ ତୃତୀୟ ସ୍ଥାନରେ ଅଛି । ଆମ ଦେଶରେ ଆରବପତିଙ୍କ ସଂଖ୍ୟା କ୍ରମାଗତ ଭାବରେ ବୃଦ୍ଧି ପାଉଛି । ମୁକେଶ ଅମ୍ବାନୀ ଭାରତୀୟ କୋଟିପତିଙ୍କ ତାଲିକାର ଶୀର୍ଷରେ ଅଛନ୍ତି । ତାଙ୍କ କମ୍ପାନୀ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ତୈଳ, ମୋବାଇଲ୍ ନେଟୱାର୍କ ଏବଂ ସପିଂ ପ୍ଲାଟଫର୍ମ ସମେତ ବିଭିନ୍ନ କ୍ଷେତ୍ରରେ ବ୍ୟବସାୟ କରୁଛି ।

୧୭୧ ଅରବପତିଙ୍କ ସହିତ ଜର୍ମାନୀ ଚ଼ତୁର୍ଥରେ ଥିବା ବେଳେ ୧୪୦ ସଂଖ୍ୟା ସହ ଋଷ ପଞ୍ଚମ, ୭୬ ସଂଖ୍ୟା ସହ କାନାଡା ଷଷ୍ଠ, ୭୪ ଆରବପତିଙ୍କ ସଂଖ୍ୟା ସହ ଇଟାଲ ସପ୍ତମ,୬୬ ସହ ହଂକଂ ଅଷ୍ଟମ ଓ ୫୬ ଅରବପତିଙ୍କ ସହ ବ୍ରାଜିଲ୍ ନବମରେ ଥିବା ବେଳେ ୫୫ ଆରବପତିଙ୍କ ସହ ୟୁକେ ଦଶମ ସ୍ଥାନରେ ରହିଛି ।

ଫୋର୍ବ୍‌ସ ରିପୋର୍ଟ ଅନୁଯାୟୀ, କୋଭିଡ-୧୯ ମହାମାରୀ ପରେ ୨୦୨୦ ରେ ସାରା ବିଶ୍ୱରେ ଅରବପତିଙ୍କ ସଂଖ୍ୟା ହ୍ରାସ ପାଇଥିଲା । ଏହାପରେ ୨୦୨୧ ରେ ଏହି ସଂଖ୍ୟା ପୁଣି ବୃଦ୍ଧି ପାଇଥିଲା । ଏହାପରେ ୨୦୨୩ ରେ ପୁଣି ଏକ ହ୍ରାସ ଘଟିଥିଲା । ୨୦୨୪ ପରଠାରୁ, ଆରବପତି ସଂଖ୍ୟାରେ କୌଣସି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଖାଯାଇ ନାହିଁ ।

# ଅଙ୍ଗନବାଡି କେନ୍ଦ୍ରକୁ ଅଣ୍ଡା ଯୋଗାଣ ବନ୍ଦ !

**ରାୟଗଡା: ଏକ୍ସପ୍ରେସ ନ୍ୟୁଜ୍**

ଆସୁନି ଅନୁଦାନ । ଜିଲ୍ଲାର ୨୦୮୭ ଅଙ୍ଗନବାଡି କେନ୍ଦ୍ରକୁ ଅଣ୍ଡା ଯୋଗାଣ ବନ୍ଦ ହୋଇଯାଇଛି । ଏଥିଯୋଗୁ ଗର୍ଭବତୀ, ପ୍ରସୂତି, କିଶୋରୀ ବାଳିକା ଅଣ୍ଡା ପାଇବାରୁ ବଞ୍ଚିତ ହୋଇଛନ୍ତି । ଗତ ମାସେ ହେଲା ଏଭଳି ସ୍ଥିତି ଲାଗି ରହିଛି । ପ୍ରାକ୍‌ଶିକ୍ଷାରେ ଦୈନିକ କେନ୍ଦ୍ରକୁ ଆସୁଥିବା ଶିଶୁଙ୍କୁ ବାଦଦେଲେ ଅନ୍ୟସବୁ ଯୋଜନାରେ ଅଣ୍ଡା ବଣ୍ଟନ ବନ୍ଦ ରହିଛି । କର୍ମୀଙ୍କୁ ଦୀର୍ଘମାସ ହେଲା ମିଳିନାହିଁ ଅଣ୍ଡା ବାବଦ ଟଙ୍କା । ଉଧାରରେ ଅଣ୍ଡା ଦିଆଯିବ ନାହିଁ ବୋଲି ଅଙ୍ଗନବାଡି କର୍ମୀମାନେ ଲିଖିତ ଭାବେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଛନ୍ତି । ରାୟଗଡା ଏକ ଆକାକ୍ଷା ଜିଲ୍ଲା । ଶିଶୁ ଓ ମାତୃ ସ୍ୱାସ୍ଥ୍ୟବସ୍ଥାକୁ ନେଇ ଏଠି ସବୁବେଳେ ଉଦ୍‌ବେଗ ଲାଗିରହୁଛି । ଏହାକୁ ଦୃଷ୍ଟିରେ ରଖି ପ୍ରାକ୍‌ଶିକ୍ଷା ଏବଂ ଅଙ୍ଗନବାଡି କେନ୍ଦ୍ର ଜରିଆରେ ପୁଷ୍ଟି ସାଧନକୁ ପ୍ରାଧାନ୍ୟତା ଦିଆଯାଉଛି । କିଶୋରୀ ବାଳିକା, ଗର୍ଭବତୀ, ପ୍ରସୂତିଙ୍କ ପୁଷ୍ଟି ସାଧାନ ଲାଗି ସ୍ୱତନ୍ତ୍ର



ଯୋଜନାରେ ଅଣ୍ଡା ଦେଇ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆଣିବାକୁ ପ୍ରୟାସ ଆରମ୍ଭ ହୋଇଛି । ବିଡମ୍ବନାର ବିଷୟ ଗତ ଜାନୁଆରୀ ପହିଲାରୁ ଜିଲ୍ଲାର ଅଙ୍ଗନବାଡି କେନ୍ଦ୍ର ଜରିଆରେ ଦିଆଯାଉଥିବା ସମସ୍ତ ପୁଷ୍ଟି ସାଧନ ଯୋଜନାର ପ୍ରାୟ ୩୮ ହଜାର ହିତାଧିକାରୀଙ୍କୁ ଅଣ୍ଡା ପ୍ରଦାନ ବନ୍ଦ ରହିଛି ।

୬ ହଜାର କିଶୋରୀ, ପ୍ରାୟ ୮ ହଜାର ଗର୍ଭବତୀ, ୫ ହଜାର ପ୍ରସୂତି ଏବଂ ଅପପୁଷ୍ଟି ଶିକାର ହେଉଥିବା ଶିଶୁଙ୍କୁ ଦିଅଯାଉନାହିଁ ଅଣ୍ଡା । ଅଣ୍ଡା ବନ୍ଦ ହୋଇ ୪ ସପ୍ତାହରୁ ଅଧିକ ସମୟ ବିତିଗଲାଣି । ଅଦ୍ୟାବଧି ବିଭାଗ ତତ୍ପରତା ପ୍ରକାଶ କରିନଥିବା ଅଙ୍ଗନବାଡି କର୍ମୀମାନେ ଅଭିଯୋଗ କରିଛନ୍ତି । ଗ୍ରାମୀଣ ସ୍ଥିତିକୁ ଦେଖି କିଶୋରୀ ବାଳିକାଙ୍କ ନାଁରେ ଯୋଜନା ପ୍ରଣୟନ କରାଯାଇଥିଲା । ଯେଉଁ ବାଳିକାମାନେ ବିଦ୍ୟାଳୟ ବାହାରେ ରହିଛନ୍ତି ସେମାନଙ୍କୁ ଅଣ୍ଡା ଦେଇ ପୁଷ୍ଟି ହୀନତାରୁ ରୋକିବା ଏହି ଯୋଜନାର ମୂଳ ଲକ୍ଷ୍ୟ । ସେହିପରି ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜାନା (ଏମଏସପିୱାଇ)ରେ ମଧ୍ୟ ଜିଲ୍ଲାରେ ପ୍ରାୟ ୫ ହଜାର ହିତାଧିକାରୀ ରହିଛନ୍ତି । ଏହି ଯୋଜନା ମାଧ୍ୟମରେ ଗର୍ଭବତୀ, ପ୍ରସୂତିଙ୍କୁ ଅଙ୍ଗନବାଡି କର୍ମୀଙ୍କ ଜରିଆରେ କାର୍ଯ୍ୟ ସମ୍ପାଦନ କରାଯାଉଥିଲା । ଅନୁଦାନ ମିଳୁନଥିବାରୁ ଯୋଜନାରେ ଅଣ୍ଡା ଯୋଗାଣ ବନ୍ଦ ରହିଛି । ତେଣୁ ମୁଖ୍ୟମନ୍ତ୍ରୀଙ୍କ ନାଁରେ ଘୋଷିତ ଏହି ଯୋଜନା ମଧ୍ୟ ବନ୍ଦ ହୋଇଯାଇଛି ।

ଗତ ନଭେମ୍ବରରୁ ଗରମ ରନ୍ଧା ଖାଦ୍ୟ ଟଙ୍କା ମଧ୍ୟ ମିଳିନାହିଁ । ପ୍ରତି ତିନିମାସକୁ ଥରେ ଏହି ଟଙ୍କା ଅଗ୍ରୀମ ରୂପେ ଯୋଗାଇ ଦେବା କଥା । କିନ୍ତୁ, ଏଥିରେ ମଧ୍ୟ ବିଳମ୍ବ ଦେଖାଦେଇଛି । କେବଳ ଏତିକି ନୁହେଁ ଅଣ୍ଡାର ବର୍ଦ୍ଧିତ ଦରକୁ ଦେଖି ଗତ ମାର୍ଚ୍ଚ ମାସରୁ ଅଣ୍ଡାର ମୂଲ୍ୟ ମୁଖ୍ୟମନ୍ତ୍ରୀ ୨ ଟଙ୍କା ବୃଦ୍ଧି କରିଥିବା ଘୋଷଣା କରିଛନ୍ତି । ପରିତାପର ବିଷୟ ବର୍ଦ୍ଧିତ ଟଙ୍କା ଏ ପର୍ଯ୍ୟନ୍ତ ଦିଆଯାଇନାହିଁ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ ସମନ୍ୱିତ ଶିଶୁ ବିକାଶ ସେବା କାର୍ଯ୍ୟାଳୟ ଭିତରେ ସମନ୍ୱୟ ଅଭାବରୁ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା ଅଙ୍ଗନବାଡି କର୍ମୀମାନେ କହିଛନ୍ତି । ଏନେଇ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମୀନତି ଦେଓଙ୍କୁ ପଚ଼ାରିବାରୁ ସବୁ ଠିକଠାକ ଚ଼ାଲିଛି ଓ କେଉଁଠି ମଧ୍ୟ ଅଣ୍ଡା ପ୍ରଦାନ ବନ୍ଦ ହୋଇନାହିଁ ବୋଲି କହିଛନ୍ତି ।

## ସିନେମାଫିନେମା ଟିଭିଫିବି

### 'ଧୁରନ୍ଧର-୨'ରେ ସଲମାନଙ୍କ ଏଣ୍ଟ୍ରି !



ରଣଭୀର ସିଂଙ୍କ ଫିଲ୍ମ 'ଧୁରନ୍ଧର-୨'ର ଟିଜର ରିଲିଜ୍ ହୋଇଛି । ଯାହା ପରେ, ଫିଲ୍ମ ସମ୍ପର୍କରେ ଏକ ବଡ଼ ଅପଡେଟ୍ ସାମ୍ନାକୁ ଆସିଛି । ଏବେ ସୋସିଆଲ ମିଡିଆରେ ଏକ ଫଟୋ ଭାଇରାଲ୍ ହେଉଛି, ଯେଉଁଥିରେ ସଲମାନଙ୍କୁ ଧୁରନ୍ଧର ଷ୍ଟାରଙ୍କ ସହ ଦେଖାଯାଉଛି । ଏହି ଫଟୋ ରିଲିଜ୍ ହେବା ପରଠୁ ଫିଲ୍ମରେ ସଲମାନ ମଧ୍ୟ ଦେଖାଯାଇପାରନ୍ତି ବୋଲି କଳ୍ପନାଜଳ୍ପନା ଜୋର ଧରିଛି । ଫିଲ୍ମ ପାଇଁ କ୍ରେଜ୍ ଲଗାତାର ଜାରି ରହିଛି । ଦର୍ଶକ ଏହାର ସିକ୍ୱେଲ୍ 'ଧୁରନ୍ଧର ୨'ର ରିଲିଜ୍ ତାରିଖକୁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି ।

'ଧୁରନ୍ଧର-୨'ର ଟିଜର ଏବଂ ପୋଷ୍ଟର ରିଲିଜ୍ ହେବା ପରେ, ଧୁରନ୍ଧର-୨ ସହିତ ଜଡିତ ଏକ ଫଟୋ ଏବେ ସୋସିଆଲ ମିଡିଆରେ ହଇଚ଼ଇ ସୃଷ୍ଟି କରୁଛି । ଏହା ବ୍ୟାପକ ଭାବରେ କଳ୍ପନାଜଳ୍ପନା ସୃଷ୍ଟି କରିଛି ଯେ ସଲମାନ ଖାନ ମଧ୍ୟ ଧୁରନ୍ଧର-୨ରେ ଆସିପାରନ୍ତି । ଏହି ଫଟୋ ଯୋଗୁଁ ଅନୁମାନ କରାଯାଉଛି ଯେ ଭାଇଜାନ ଫିଲ୍ମରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରନ୍ତି । ସେ ବର୍ତ୍ତମାନ ତାଙ୍କ ଫିଲ୍ମର ସୁଟିଂରେ ବ୍ୟସ୍ତ ଅଛନ୍ତି ।

ଲୋକମାନେ ସଲମାନ ଖାନଙ୍କ ଏହି ଭାଇରାଲ୍ ଫଟୋ ଉପରେ ଉତ୍ସାହର ସହିତ କମେଣ୍ଟ ଦେଉଛନ୍ତି । କେତେକ ବିଶ୍ୱାସ କରନ୍ତି ଯେ ଏହା ଏଆଇ ବ୍ୟବହାର କରି ବନାଯାଇଛି । ଯେତେବେଳେ ଅନ୍ୟମାନେ ମତ ଦିଅନ୍ତି ଯେ ସଲମାନ ଧୁରନ୍ଧର-୨ରେ କ୍ୟାମିଓ କରିବେ । ବର୍ତ୍ତମାନ ସଲମାନଙ୍କ ଏହି ଫଟୋ ସମ୍ପର୍କରେ ନିର୍ମାତାଙ୍କ ପକ୍ଷରୁ କୌଣସି ଅଫିସିଆଲ ସୂଚ଼ନା ମିଳିନାହିଁ । ଅନେକ ଗଣମାଧ୍ୟମ ରିପୋର୍ଟ ଦାବି କରୁଛନ୍ତି ଯେ ସଲମାନ ଖାନ ଧୁରନ୍ଧର-୨ରେ 'ବଡେ ସାହେବ' ଭୂମିକାରେ ଦେଖାଯାଇପାରନ୍ତି । ସୂଚ଼ନାଯୋଗ୍ୟ ଯେ ଧୁରନ୍ଧରର ସଫଳତା ପରେ, ନିର୍ମାତାମାନେ ଏବେ ସିକ୍ୱେଲକୁ ପ୍ରଥମ ଫିଲ୍ମ ଅପେକ୍ଷା ଆହୁରି ବିସ୍ଫୋରକ ଏବଂ ଦମଦାର କରିବାକୁ ଚ଼ାହୁଁଛନ୍ତି । ଏଥିପାଇଁ ସେମାନେ କୌଣସି କସରତ ଛାଡୁନାହାଁନ୍ତି । ଏହି କାରଣରୁ ସଲମାନଙ୍କୁ ଫିଲ୍ମରେ ସାମିଲ କରିବା ପାଇଁ ବିଚ଼ାର କରାଯାଇଥିଲା ।

# ତ୍ରିଲୋଚନେଶ୍ୱର ସେବା ସମବାୟ ସମିତିରେ ଧାନ କିଣାରେ ଅନିୟମିତତା



**୪।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଚାଷୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଅନେକ କିଛି କଲ୍ୟାଣକାରୀ ଯୋଜନା ମାନ ପ୍ରଣୟନ କରିଛନ୍ତି । ମାତ୍ର ତ୍ରିଲୋଚନେଶ୍ୱର ସେବା ସମବାୟ ସମିତିରେ ପ୍ରଶାସନ ପକ୍ଷରୁ ଖୋଲାଯାଇଥିବା ଧାନ ମଣ୍ଡିରେ ଧାନ କ୍ରୟ ବେଳେ ଚାଷୀମାନେ ଶୋଷଣର ଶିକାର ହେଉଥିବା ଅଭିଯୋଗ ହେଉଛି । ଧାନ କ୍ରୟ ବେଳେ କ୍ୱିଣ୍ଟାଲ ପିଛା କିଛି ସମ୍ପର୍କୀୟ ଚାଷୀଙ୍କୁ ଛାଡି ୫କିଲୋ ରୁ ୭ କିଲୋ ଜୋରଜବରଦସ୍ତ ଅନ୍ୟ ଚାଷୀମାନଙ୍କଠାରୁ ମିଲର କର୍ତ୍ତୃପକ୍ଷ ଧାନ କାଟି କ୍ରୟ କରୁଥିବା ଅଭିଯୋଗ ହୋଇଛି । ଯାହାକୁ ନେଇ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ସମବାୟ ସମିତିର ସମ୍ପାଦକଙ୍କ ଜ୍ଞାତସାରରେ ମିଲରମାନେ ଧାନ କାଟି କରି କ୍ରୟ କରୁଥିବା ବେଳେ ଏଭଳି ହରିଲୁଟ ପଛରେ ଏକ ବଡ଼ଧରଣର ଷଡ଼ଯନ୍ତ୍ର ହୋଇଥିବା ନେଇ ଚାଷୀମାନେ ସଂଗୀନ ଅଭିଯୋଗ ଉଠାଇଛନ୍ତି । ଉକ୍ତ ଧାନ ମଣ୍ଡିରେ ଏଭଳି ଅନିୟମିତତା ହୋଇଥିବା ନେଇ ଅଭିଯୋଗ ଉଠିଥିବା ବେଳେ ଯୋଗାଣ ବିଭାଗ ଓ ଜିଲ୍ଲା ପ୍ରଶାସନ ନୀରବତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏବେ ମିଲରଙ୍କ ରାଜ ଚାଲିଥିବା ଜଣାପଡିଛି । ମିଲର କର୍ତ୍ତୃପକ୍ଷ କ୍ୱିଣ୍ଟାଲ ପିଛା ମନଇଚ୍ଛା ଧାନ କାଟୁଥିବା ବେଳେ କେହି ଚାଷୀ ଏହାର ପ୍ରତିବାଦ କଲେ ମିଲର କର୍ତ୍ତୃପକ୍ଷ ସେମାନଙ୍କୁ ନାଲିଆଖି ଦେଖାଇ ଧାନ ନ ନେବା ପାଇଁ ଅଭିଯୋଗ ହେଉଛି । ଚଳିତ ବର୍ଷ ଉକ୍ତ ମଣ୍ଡିରେ ଧାନ ବିକ୍ରି କରିବା ନିମନ୍ତେ ୨୮୫ଜଣ ଚାଷୀ ପଞ୍ଜିକୃତ ହୋଇଥିବା ବେଳେ କେତେକ ଚାଷୀଙ୍କ ନିକଟରେ ଟୋକନ ଖଣ୍ଡେ ନ ଥିବା ଜଣାପଡିଛି । ଫଳରେ ସମ୍ପୃକ୍ତ ଚାଷୀମାନେ ଅଭାବୀ ଧାନର ବିକ୍ରିର ଶିକାର ହେବା ଆଶଙ୍କା ପ୍ରକାଶ ପାଇଛି । କ୍ୱିଣ୍ଟାଲ ପିଛା ସରକାର ୩୫ ଟଙ୍କା ଲେଖା ସମବାୟ ସମିତିକୁ ଦେଉଥିବା ବେଳେ ମଣ୍ଡିକୁ ଚାଷୀମାନଙ୍କ ପାଇଁ ପିଇବା ପାଣି, ଶୌଚାଳୟ, ଖାଇବା ସୁବିଧା ଓ କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ ମହାଜୁଦ ରଖିବା ନିମନ୍ତେ ଅନୁଷ୍ଠାନିକ ବ୍ୟବସ୍ଥା ସହ ଚାଷୀ ମାନଙ୍କୁ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇଦେବା ପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଥିଲେ ହିଁ ଉକ୍ତ ମଣ୍ଡିରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହୋଇଛି । ନାମକୁ ମାତ୍ର ଖଣ୍ଡେ କପଡା ଟାଙ୍ଗି ବିଭାଗ ନିଜ ମୁଣ୍ଡରୁ ଦୋଷ ସାରିଦେଇଛି । ସମବାୟ ସମିତି ଉପ ନିବନ୍ଧକ, କଟକ ଜିଲ୍ଲାପାଳ ଓ ଜିଲ୍ଲା ଯୋଗାଣ ଅଧିକାରୀ ଏ ଦିଗରେ ଧାନ ଦେବାକୁ ଚାଷୀମାନେ ଦାବି କରିଛନ୍ତି । ନଚେତ ଆଗାମୀ ଦିନରେ ମଣ୍ଡିରେ ଧାନ କ୍ରୟରେ ବ୍ୟାପକ ଅନିୟମିତତାକୁ ନେଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି । ଅଭିଯୋଗ ସମ୍ପର୍କରେ ନିଆଳୀ ବ୍ଲକ ଯୋଗାଣ ନିରୀକ୍ଷକ ସସ୍ମିତା ସାହୁଙ୍କୁ ପଚାରିବାରୁ ସେ ଏଥିପ୍ରତି ଦୃଷ୍ଟି ଦେବେ ବୋଲି କହିଛନ୍ତି ।

## ଆଜିର ରାଶିଫଳ

| ତାରିଖ | ଗୁରୁବାର– ଚତୁର୍ଥୀ |
|---|---|
| ୫.୨.୨୦୨୬ | ନକ୍ଷତ୍ର– ଉତ୍ତରଫାଃ, କନ୍ୟାଚନ୍ଦ୍ର |



| | |
|---|---|
| ମେଷ | : ବ୍ୟବସାୟରେ ବକେୟା ପଡ଼ିଥିବା ଅର୍ଥ ମିଳିବ । |
| ବୃଷ | : କାର୍ଯ୍ୟକ୍ଷେତ୍ରରେ ବିଫଳତା ଦେଖାଦେବ । |
| ମିଥୁନ | : ଯକୃତ ପୀଡ଼ା ହେବ । |
| କର୍କଟ | : ସମ୍ମାନ ପ୍ରତିଷ୍ଠା ହେବ । |
| ସିଂହ | : ଅଯଥା ଖର୍ଚ୍ଚାନ୍ତ ଯୋଗୁ କଷ୍ଟ ପାଇବେ । |
| କନ୍ୟା | : ଆଭୂଷଣ ପ୍ରାପ୍ତି ହେବେ । |
| ତୁଳା | : ମନସ୍ତାପ କରିବେ । |
| ବିଛା | : କର୍ମକ୍ଷେତ୍ରରେ ଖୁସି ପାଇବେ । |
| ଧନୁ | : ଶତ୍ରୁଙ୍କଠାରୁ ବିଜୟଲାଭ କରିବେ । |
| ମକର | : ରାଜଭୟ ରହିଛି । |
| କୁମ୍ଭ | : ଚୋରୀ ଭୟ ରହିଛି । |
| ମୀନ | : ପୁରୁଣା ବନ୍ଧୁଙ୍କ ସହ ଦେଖାହେବ । |

# କୃଷି ବିଭାଗ କାର୍ଯ୍ୟାଳୟରେ ରଙ୍ଗମରା କାମ ନିମ୍ନମାନର



**ନିଆଳୀ, ୪।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳୀ କୃଷିବିଭାଗର କାର୍ଯ୍ୟାଳୟ ରଙ୍ଗମରା ଯାଉଥିବା ବେଳେ ଏଥି ନିମନ୍ତେ ବିଭାଗ ପକ୍ଷରୁ ଛଅ ଲକ୍ଷ ଟଙ୍କା ଟେଣ୍ଡର କରାଯାଇଛି । ଏହାକୁ ସାଲେପୁର ଅଞ୍ଚଳର ଜଣେ ଠିକାଦାର ନେଇଛନ୍ତି । ସମ୍ପୃକ୍ତ ଠିକାଦାର ରଙ୍ଗ କାମ ନିଜେ ନ କରାଇ ଜଗତପୁର ଅଞ୍ଚଳର ଜଣେ ଦୋକାନୀକୁ ଠିକା ଦେଇଥିବା କାମ କରୁଥିବା କର୍ମଚାରୀ କହିଛନ୍ତି । ଜଣେ କାମ କରୁଥିବା ଶ୍ରମିକ ବାଲଟିରେ ଅଳ୍ପକିଛି ପୁଟିସହ ବାଲି ପୁରାଇ ଚୂନ ପକାଇ ଚକଟି ଥିବା ଵିଡ଼ିଓ ଭାଇରାଲ ହୋଇଛି । ଏ ନେଇ ଶ୍ରମିକ ଜଣକୁ ପଚାରିବାରୁ ଠିକାଦାର ମୋତେ କହିଛନ୍ତି, ମୁଁ କରୁଛି । ଏମିତିକି ବ୍ୟବହୃତ ହୋଇଥିବା ପ୍ଲାଇମର କମ୍ପାନୀର ନାଁ ନଥିବାବେଳେ ଟେଣ୍ଡରରେ ଉଲେଖ ଥିବା ରଙ୍ଗ ନ ମାରି ଅନ୍ୟ କମ୍ପାନୀର ନିମ୍ନମାନର ରଙ୍ଗ ମରାଯାଉଛି । ଏ ନେଇ ଉକ୍ତ ବିଭାଗର ଯନ୍ତ୍ରୀଙ୍କୁ ପଚାରିବାରୁ ମୁଁ ଛୁଟିରେ ଅଛି ବୋଲି କହିଛନ୍ତି । ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ପଚାରିବାରୁ ମୁଁ ବୁଝୁଚି କହି ଫୋନ କାଟି ଦେଇଥିଲେ । ଠିକାଦାର ହେମନ୍ତ ସିଂଙ୍କ ଉତ୍ତର ମୁଁ ପୁରୁଣା ଠିକାଦାର ବହୁ ଲେସରେ କାମ ନେଇଛି । ରାତିରେ କାମ କରିବାକୁ ମୋତେ ନିର୍ଦ୍ଦେଶ ମିଳିଛି । ମୁଁ କାମ ଠିକ୍ ଠାକ୍କରୁଛି। ପୁଟିରେ ବାଲି ମିଶିବା କଥା ପଚାରିବାରୁ ଏହା ଆମର ନିୟମ ଅଛି ବୋଲି କହୁଛନ୍ତି ।

# ସାବଧାନ, ସହରରେ ମାତିଛନ୍ତି ଗୋରୁମାଫିଆ

## ସିସିଟିଭିରେ କଏଦ ହେଲା ଚୋରି ବେଳର ଦୃଶ୍ୟ

**ନୀଳଗିରି, ୪।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଗୋ-ମାଫିଆ ଓ ଚୋରଙ୍କ ନଜର ପଡିଛି ବାଲେଶ୍ୱର ଜିଲ୍ଲା ନୀଳଗିରି ସହରରେ ବିଭିନ୍ନ ସ୍ଥାନରେ ରାତ୍ରୀରେ ବୁଲା ଷଣ୍ଢ ଓ ଗୋରୁଗାଈମାନଙ୍କ ଉପରେ । ସୂଚନା ମୁତାବକ ନୀଳଗିରି ବଡଦାଣ୍ଡ ହାଟଛକ ନିକଟରେ ଥିବା ପୋଷ୍ଟ ଅଫିସ ନିକଟ ରାସ୍ତା ଉପରେ ଶୋଇ ଓ ବୁଲୁଥିବା ବୁଲା ଷଣ୍ଢ ଓ ଗୋରୁଗାଈମାନଙ୍କୁ ଗୋ ମାଫିଆମାନେ ମଧ୍ୟରାତ୍ରି ପ୍ରାୟ ୧.୩୦ ସମୟରେ ଏହି ଗୋରୁଗାଈ ଓ ଷଣ୍ଢମାନଙ୍କୁ ଚୋରି କରିବା ପାଇଁ ଗୋଟିଏ ପିକ୍ଅପ୍ ଗାଡ଼ି ସହିତ ଗୋଟିଏ ବାଇକରେ ଦୁଇଜଣ ଗୋଚୋର ସେଠାରେ ବୁଲୁଥିବା ଏକ ବୁଲାଷଣ୍ଢ ବେକରେ ଦଉଡ଼ିରେ ଫାଶ ପକାଇ ଟାଣି ଟାଣି ଗାଡିରେ ଭର୍ତ୍ତି କରୁଥିବାର ଦୃଶ୍ୟ ସେଠାରେ ଲାଗିଥିବା ସିସିଟିଭି କ୍ୟାମେରାରେ ଏହି ଦୃଶ୍ୟ କଏଦ ହୋଇଛି । ସେହିପରି ଚୋରମାନେ ଷଣ୍ଢକୁ ନେଉଥିବା ବେଳେ



ସ୍ଥାନୀୟ ଅଞ୍ଚଳର ବାସିନ୍ଦା ପାଟି କରିବାରୁ ଷଣ୍ଢ ଛାଡି ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ । ଚୋରି କରୁଥିବା ଦୁର୍ବୃତ୍ତମାନେ ହାତରେ ଖଣ୍ଡା, ଭୁଜାଲି ଓ ବିଭିନ୍ନ ପ୍ରକାର ମାରଣାସ୍ତ୍ର ଧରିଥିବାର ଦେଖି ସେମାନଙ୍କ ନିକଟକୁ ଯିବାକୁ ଭୟ କରୁଛନ୍ତି ସାଧାରଣଲୋକମାନଙ୍କୁ । ଏପରି ଘଟଣାକୁ ନେଇ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅନ୍ୟପକ୍ଷରେ ନୀଳଗିରି ପୋଲିସ ବିଭାଗ ପକ୍ଷରୁ ରାତ୍ରୀକାଳୀନ ପାଟ୍ରୋଲିଂ ସତ୍ତ୍ୱେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାର ଟେର ନ ପାଇବା ଜନସାଧାରଣଙ୍କ ମନରେ ପ୍ରଶ୍ନ ଉଙ୍କିମାରୁଛି । ଘଟଣାରେ ଜଡ଼ିତ ବ୍ୟକ୍ତି ଓ ଗାଡି ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ଆଗକୁ ଯେପରି ଏଭଳି ଘଟଣା ନ ଘଟିବ ସେଥିପ୍ରତି ଦୃଷ୍ଟି ଦେବାକୁ ଜନସାଧାରଣ ଦାବି କରିଛନ୍ତି ।

# ଚୋରକୁ ପୋଲିସର ଜିମା ଦେଲେ ଗ୍ରାମବାସୀ

**ବୈଶିଙ୍ଗା, ୪।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବୈଶିଙ୍ଗା ଥାନା ଅଧୀନ କେନ୍ଦୁଆ ଶିବ ମନ୍ଦିରରୁ ଦିବା ୧୦ ଘଟିକା ସମୟରେ ଚୋର ଚୋରି କରୁଥିବା ବେଳେ ଗ୍ରାମବାସୀଙ୍କ ହାତରେ ଚୋର ଧରାପଡି ପୁଲିସ ଜିମାରେ ଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ ମଙ୍ଗଳବାର ଦିବା ୧୦ ଘଟିକା ସମୟରେ ଗଡ଼ଦେଉଳିଆ ଗ୍ରାମର ମନମୋହନ ମଲ୍ଲିକଙ୍କ ପୁଅ ଅନନ୍ତ ନାରାୟଣ ମଲ୍ଲିକ (୩୫) କେନ୍ଦୁଆ ସ୍ଥିତ ଶିବ ମନ୍ଦିରରେ ପଶି ନାଟ ମନ୍ଦିରରେ ଲାଗିଥିବା ଏକ ବଡଘଣ୍ଟାକୁ ଖୋଲି ନିଜ ବ୍ୟାଗ୍‌ରେ ପୁରାଉଥିବା ବେଳେ ଗ୍ରାମବାସୀଙ୍କ ନଜରରେ ପଡିଥିଲା । ଖବର ପାଇ ମନ୍ଦିର ନିକଟରେ ଶତାଧିକ ଲୋକ ଜମା ହୋଇଯାଇ ବୈଶିଙ୍ଗା ପୁଲିସକୁ ଖବର ଦେଇଥିଲେ । ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଚୋରକୁ ଥାନାକୁ ଆଣି ପଚରାଉଚରା କରିବାରୁ ପୂର୍ବରୁ ଜାନୁଆରୀ ୧୭ ତାରିଖ ରେ ନିକଟସ୍ଥ ତାରିଣୀ ମନ୍ଦିରରୁ ସମସ୍ତ କଂସା, ପିତଳ ଓ ତମ୍ବାର ବାସନ କୁସନ ଘଣ୍ଟା ଆଦି ଚୋରି କରି ବୈଶିଙ୍ଗା ବଜାରରେ ଥିବା ପରଂବ୍ରହ୍ମ ଅଲେଖ ମହିମା କଂସା ବାସନ ଦୋକାନରେ ବିକ୍ରି କରିଥିବା ଜଣାପଡିଥିଲା । ଏହି ଘଟଣାକୁ ନେଇ ବୈଶିଙ୍ଗା ଥାନାରେ ୨୯/୨୦୨୬ ମୂଳେ ଏକ ମାମଲା ରୁଜୁ ହୋଇଥିଲା । ଚୋରି ବାସନକୁସନ ମିଳିବା ପରେ ଦୋକାନ ମାଲିକ ବଡ଼ସାହି ଥାନା ଅଧିନ ତାଳପଦା ଗ୍ରାମର ସଦାନନ୍ଦ ଜେନାଙ୍କ ପୁଅ ଅରବିନ୍ଦଙ୍କୁ ଏହି ମାମଲାରେ ଥାନାକୁ ନେଇ ଆସିଥିଲେ । ଆଜି ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୁଲିସ ସୂତ୍ରରୁ ଜଣାଯାଇଛି ।

## ସରକାରଙ୍କ ଗୁଟ୍‌ଖା ବ୍ୟାନ, ଧର୍ମକୁ ଆଖିଠାର

# ୫ ଟଙ୍କା ଗୁଟଖା ଏବେ ୧୦ ଟଙ୍କାରେ ବିକ୍ରି

**କୋଣାର୍କ, ୪।୨ ଏକ୍ସପ୍ରେସ୍ ନ୍ୟୁଜ୍**



ସରକାରଙ୍କ ଗୁଟ୍‌ଖା ବ୍ୟାନ ଧର୍ମକୁ ଆଖି ଠାର ସଦୃଶ ହୋଇଛ ।ବ୍ୟାନ ବଦଳରେ ଏହାର କଳାବଜାର ହେଉଥିବା ଜଣାପଡିଛି । ଗୁଟକାକୁ ନେଇ ସରକାର କଠୋର ହୋଇଥିବା ବେଳେ ମାନ୍ୟବର କୋର୍ଟଙ୍କ ନିୟମକୁ ପାଳନ କରିବା ପାଇଁ ତତ୍ପରତା ଦେଖାଇ ଏହାକୁ ବ୍ୟାନ କରିବା ପାଇଁ ଜାନୁଆରୀ ମାସ ଶେଷ ସପ୍ତାହରେ ଘୋଷଣା କରିଥିଲେ । ବ୍ୟାନ ଘୋଷଣା ହେବାମାତ୍ରେ କଳାବଜାରୀଙ୍କ ପୁଷମାସ ଆରମ୍ଭ ହୋଇଯାଇଥିଲା । ୫ ଟଙ୍କାର ସଫଳକୁ ୮ ଟଙ୍କାରେ ବିମଳ ୨୦ଟଙ୍କାରେ ୩ଟି ଲେଖାଏଁ ବିକ୍ରୀ କରାଯାଉ ଥିବା ଅଭିଯୋଗ ହୋଇଛି । ଲୋକମାନଙ୍କୁ ସଚେତନ କରାଯାଇ ସେମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଗୁଟଖା ବ୍ୟାନ କରାଯାଇଥିଲେ ମଧ ସରକାରଙ୍କ କୋହଳ ମନୋଭାବ ପାଇଁ ଗୁଟକା ଖାଉଥିବା ଲୋକମାନଙ୍କୁ ଶୋଷଣ କରାଯାଇ ବ୍ୟବସାୟୀମାନେ କଳାବଜାରୀ କରି ଭଲ ମୁନାଫା କମୁଥିବା ସାଧାରଣରେ ଅଭିଯୋଗ ହୋଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଗୁଟଖା ଓ ପାନ ମସଲା ଉତ୍ପାଦ ଓଡ଼ିଶାରେ ନିଷେଧ କରିବା ପରେ କୋଣାର୍କ ତଥା ଆଖପାଖ ଅଞ୍ଚଳରେ ଗୁଟଖା କଳାବଜାରୀ ବୃଦ୍ଧି ପାଇଛି । ମହତ ଉଦେଶ୍ୟ ନେଇ ସରକାର ନିଷେଧାଦେଶ ଜାରୀ ହୋଇଥିବା ବେଳେ ଏହି ଉତ୍ପାଦକକୁ ନେଇ ଏବେ ବର୍ଦ୍ଧିତ ଟଙ୍କା ନେଉଛି କିଏ ବୋଲି ସାଧାରଣରେ ଚର୍ଚ୍ଚା ଆରମ୍ଭ ହୋଇଛି । ଫରକ୍ ଏତିକି ଯେ ବ୍ୟାନ ପୂର୍ବରୁ ଏହା ଦୋକାନ ସାମ୍ନାରେ ଝୁଲୁଥିବା ବେଳେ ଏବେ ତାହା ଡବା ଭିତରେ ପଶି ଲୁଚାଇ ବିକ୍ରୟ କରାଯାଉଛି । କହିବାକୁ କଲେ ଗୁଟଖା ଉତ୍ପାଦନ ଓ ବିକ୍ରୀ ଉପରେ କୌଣସି ପ୍ରଭାବ ନଥିବା ବେଳେ ଖାଉଥିବା ବ୍ୟକ୍ତିଙ୍କ ପକେଟକୁ ବେହାଲ କରିଛି । ଏହି ବର୍ଦ୍ଧିତ ପଇସା କାହା ପକେଟକୁ ଯାଉଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସରକାର ନିୟମ କରି ତାହାକୁ ସଠିକ୍ ରୂପେ କାର୍ଯ୍ୟକାରୀ ନକରିବାରେ କଳାବଜାରୀମାନଙ୍କ ପୁଷମାସ ହୋଇଥିବା ବେଳେ ରୋଗ କିଣିବା ପାଇଁ ଅଧିକ ଅର୍ଥ ଶ୍ରାଦ୍ଧକରି ସାଧାରଣ ଲୋକଙ୍କ ସର୍ବନାଶ ହେଉଥିବା ଅଭିଯୋଗ ହୋଇଛି । ଫଳରେ ଗୁଟଖା ବ୍ୟାନ ଧର୍ମକୁ ଆଖିଠାର ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଅଛନ୍ତି ।

# ଦେଶୀ ଓ ବିଦେଶୀ ମଦ ଜବତ, ୩ ଗିରଫ

**ସୋର, ୪।୨ : ଏକ୍ସପ୍ରେସ୍ ନ୍ୟୁଜ୍**



ବାଲେଶ୍ୱର ଅବକାରୀ ଅଧିକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ଖଇରା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହ୍ଲାଦ ସାମଲ ଏବଂ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ସିମୁଳିଆ ଥାନା ଅନ୍ତର୍ଗତ ବରୀ, ପ୍ରତାପପୁର ଓ କୁପୁରା ଗ୍ରାମ ଅଞ୍ଚଳରେ ଚଢ଼ାଉ କରାଯାଇ ୭୫ ଲିଟର ଦେଶୀ ରନ୍ଧା ମଦ ଓ ୯.୧୦୦ ଲିଟର ବିଅର ଜବତ କରିବା ସହିତ ପ୍ରତାପପୁର ଗ୍ରାମର ଗଜେନ୍ଦ୍ର ବାରିକ, ବରୀ ଗ୍ରାମର ମଧୁସୂଦନ ଦାସ ଓ କୁପୁରା ଗ୍ରାମର କପିଳା ଜେନାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଜବତ ହୋଇଥିବା ଦେଶୀ ରନ୍ଧା ମଦ ଓ ବିଅରର ଆନୁମାନିକ ମୂଲ୍ୟ ୩୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି । ଉକ୍ତ ଚଢ଼ାଉରେ ଖଇରା ଅବକାରୀ ଥାନା ସହ ଉପ-ନିରୀକ୍ଷକ ଦୀପିକା ପରିଡ଼ା ଓ କନେଷ୍ଟବଳ ଦେବାଶିଷ ମଲ୍ଲିକ ପ୍ରଭୃତି ସାମିଲ ଥିଲେ । ଏନେଇ ଖଇରା ଅବକାରୀ ଥାନା ପକ୍ଷରୁ ୩ଟି ମାମଲା ରୁଜୁ କରାଯାଇଛି ।

# ନାହିଁ ନାହିଁରେ ଚାଲିଛି ଉପଖଣ୍ଡ ସହକାରୀ ଶ୍ରମ କାର୍ଯ୍ୟାଳୟ

**ନୀଳଗିରି, ୪।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବିଭିନ୍ନ ଅବ୍ୟବସ୍ଥା ଘେରରେ ବାଲେଶ୍ୱର ଜିଲ୍ଲା ନୀଳଗିରି ସହକାରୀ ଶ୍ରମ କାର୍ଯ୍ୟାଳୟ । ଉକ୍ତ କାର୍ଯ୍ୟାଳୟରେ ପିଅନ ଥାଇ ନାହାଁନ୍ତି । ସୂଚନାରୁ ଜଣାଯାଇଛି ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ସହକାରୀ ଶ୍ରମ କାର୍ଯ୍ୟାଳୟରେ ପୂର୍ବରୁ ସରୋଜିନୀ ନାୟକ ନାମ୍ନୀ ଜଣେ ମହିଳା ପିଅନ ଭାବେ କାର୍ଯ୍ୟ କରୁଥିଲେ । ଅକ୍ଟୋବର ମାସରୁ ସରୋଜିନୀ ନାୟକଙ୍କୁ ବାଲେଶ୍ୱର ଜିଲ୍ଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟକୁ ବଦଳି କରାଯାଇଛି । ତାଙ୍କ ବଦଳରେ ଜିଲ୍ଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରୁ ବିକ୍ରମ ସ୍ୱାଇଁଙ୍କୁ ନୀଳଗିରି ଶ୍ରମ କାର୍ଯ୍ୟାଳୟକୁ ବଦଳି କରାଯାଇଥିଲେ ହେଁ ବର୍ତ୍ତମାନ ସୁଦ୍ଧା ବିକ୍ରମ ସ୍ୱାଇଁ ନୀଳଗିରି ଶ୍ରମ କାର୍ଯ୍ୟାଳୟକୁ ନ ଆସି ବାଲେଶ୍ୱର ଜିଲ୍ଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରୁଛନ୍ତି । ଖବରନେବାରୁ ଜଣାଯାଏ ଯେ ବିକ୍ରମ ସ୍ୱାଇଁ ଗୋଟିଏ ଦିନ ନୀଳଗିରି ଶ୍ରମ କାର୍ଯ୍ୟାଳୟରେ କାର୍ଯ୍ୟରେ ଯୋଗଦେଇ ବାଲେଶ୍ୱର ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ କରିବା କେତେଦୂର ଯୁକ୍ତି ସଂଗତ ଆଟେ । ଫଳରେ ନୀଳଗିରି ଶ୍ରମ କାର୍ଯ୍ୟାଳୟରେ କର୍ମଚାରୀ ଅଭାବରୁ ସଠିକ ଭାବେ କାର୍ଯ୍ୟ ହୋଇପାରୁନାହିଁ । ସେଥିପାଇଁ ଉକ୍ତ ପିଅନକୁ ବାଲେଶ୍ୱର ଜିଲ୍ଲା ଶ୍ରମ କାର୍ଯ୍ୟାଳୟରୁ ଯଥା ଶୀଘ୍ର ଆଣି ନୀଳଗିରି ଶ୍ରମ କାର୍ଯ୍ୟାଳୟରେ କାର୍ଯ୍ୟରେ ଯୋଗଦେବା ପାଇଁ ଜନସାଧାରଣ ପକ୍ଷରୁ ଜିଲ୍ଲାପାଳ ବାଲେଶ୍ୱର ଓ ଶ୍ରମ କମଶନରଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଯଥା ଶୀଘ୍ର ପଦକ୍ଷେପ ନେବାକୁ ସାଧାରଣରେ ଦାବି କରାଯାଇଛି ।

# ନାବାଳିକାକୁ ଅସଦାଚରଣ, ଅଭିଯୁକ୍ତକୁ ଦଣ୍ଡାଦେଶ

**ବାଲିପାଟଣା, ୪।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଆଡ୍‌ହକ୍ ଆଡିସନାଲ ସେସନ୍ସ ଜଜ୍, ଫାଷ୍ଟଟ୍ରାକ୍ ସ୍ପେଶାଲ କୋର୍ଟ (ପୋକସୋ), ଭୁବନେଶ୍ୱରର ମାନ୍ୟବର ବିଚାରପତି ସରୋଜ କୁମାର ସାହୁ, ଗତ ୨୦୨୫ ମସିହା ମଇ ମାସରେ ବାଲିପାଟଣା ଥାନା ଅଞ୍ଚଳରେ ଘଟିଥିବା ଏକ ନାବାଳିକା ଅସଦାଚରଣ ମାମଲାର ବିଚାର କରି ଆସାମୀ ସାଜିତ ଖାଁଙ୍କୁ ସଜା ଶୁଣାଇଛନ୍ତି ।

ଉଲ୍ଲେଖଯୋଗ୍ୟ ଯେ, ଅଭିଯୋଗକାରିଣୀ ପରିବାର ସହ ବାଲିପାଟଣା ଥାନା ଅଞ୍ଚଳରେ ରୁହନ୍ତି । ଅଭିଯୁକ୍ତ ସାଜିତ ଖାଁ ତାଙ୍କ ଘର ନିକଟରେ ଭଡ଼ା ସୂତ୍ରରେ ରହିଆସୁଥିଲେ । ଗତ ୩୦.୫.୨୦୨୫ ତାରିଖ ରାତ୍ରି ପ୍ରାୟ ୮ଟା ସମୟରେ ଅଭିଯୋଗକାରିଣୀ ପାଖ ପଡ଼ୋଶୀଙ୍କ ଛୋଟ ଛୁଆକୁ ଟ୍ୟୁସନ କରିସାରିବା ପରେ ତାଙ୍କ ଘରକୁ ଛାଡିବା ଲାଗି ଯାଇଥିଲେ । ଏହି ସମୟରେ ଘରେ ତାଙ୍କର ୯ ବର୍ଷ ବୟସ୍କା ନାବାଳିକା ଝିଅ ଘରେ ଥିଲେ । ପଡ଼ୋଶୀଙ୍କ ଘରୁ ଫେରିବା ବେଳେ, ଘର ନିକଟସ୍ଥ ଏକ ଅନ୍ଧାରୁଆ ସ୍ଥାନରେ ଅଭିଯୁକ୍ତ ସାଜିତ ଖାଁ, ତାଙ୍କ ଝିଅ ସହ ଅସଦାଚରଣ କରିଥିବା ନେଇ ପୀଡ଼ିତା ନାବାଳିକା କାନ୍ଦିକାନ୍ଦି ଆସି ମା'ଙ୍କୁ ସବୁ କଥା କହିଥିଲେ । ଝିଅ ନିକଟରୁ ଘଟଣା ସମ୍ପର୍କରେ ଅବଗତ ହେବାପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଯୋଗକାରିଣୀ ବାଲିପାଟଣା ଥାନାର ଦ୍ୱାରସ୍ଥ ହୋଇଥିଲେ ।

ଉକ୍ତ ଅଭିଯୋଗକୁ ଭିତ୍ତିକରି ବାଲିପାଟଣା ଥାନା କେସ ନଂ- ୨୪୯/୨୦୨୫, ଧାରା- ୭୫(୨)/୭୬ ବିଏନଏସ ଓ ପୋକସୋ ଆଇନର ଧାରା-୮/୧୨ରେ ଏକ ମାମଲା ରୁଜୁ କରି ଏସଆଇ ପାୟଲ ପ୍ରଧାନଙ୍କ ଉପରେ ଏହାର ତଦନ୍ତ ଭାର ନ୍ୟସ୍ତ କରିଥିଲା । ଏସଆଇ ପାୟଲ ପ୍ରଧାନ ମାମଲାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ସହ ଅଭିଯୁକ୍ତ ସାଜିତ ଖାଁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ ।

ଉପରୋକ୍ତ ମାମଲାର ବିଚାର କରି, ମାନ୍ୟବର ଅଦାଲତ ଘଟଣା ସହିତ ସଂପୃକ୍ତ ୯ ଜଣ ସାକ୍ଷୀଙ୍କ ଜବାନବନ୍ଦି ଏବଂ ୧୭ଟି ପ୍ରାସଙ୍ଗିକ ଦସ୍ତାବିଜ ଅଧ୍ୟୟନ କରି, ବିଚାରକାର୍ଯ୍ୟର ପରିସମାପ୍ତି କରିଛନ୍ତି । ଆଜି ମାନ୍ୟବର ଅଦାଲତ ତାଙ୍କ ରାୟରେ ଆସାମୀ ସାଜିତ ଖାଁଙ୍କୁ ଭାରତୀୟ ନ୍ୟାୟ ସଂହିତାର ଧାରା- ୭୫(୨) ଅନୁଯାୟୀ ୩ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୧,୦୦୦/- ଟଙ୍କା ଜରିମାନା ଦଣ୍ଡାଦେଶ ପ୍ରଦାନ କରିଛନ୍ତି ଏବଂ ଜରିମାନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୧ ମାସର ସଶ୍ରମ କାରାଦଣ୍ଡ ଭୋଗ କରିବାକୁ ଆଦେଶ ଦେଇଛନ୍ତି । ସେହିପରି ପୋକସୋ ଆଇନର ଧାରା-୧୦ ଅନୁଯାୟୀ ୫ ବର୍ଷର ସଶ୍ରମ କାରାଦଣ୍ଡ ସହିତ ୩,୦୦୦/- ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି ଏବଂ ଜରିମାନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୨ ମାସର କାରାଦଣ୍ଡ ଲାଗି ଆଦେଶ ଦେଇଛନ୍ତି । ଉଭୟ ଦଣ୍ଡାଦେଶ ସମବର୍ତ୍ତୀ ଭାବେ ଲାଗୁ ହେବା ନେଇ ମାନ୍ୟବର ଅଦାଲତ ତାଙ୍କର ରାୟରେ ସ୍ପଷ୍ଟ କରିଛନ୍ତି । ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରୋସିକ୍ୟୁଟର ରାଜୀବ ସସମଲ ଏବଂ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ବଳରାମ ଦେଓ ପ୍ରମୁଖ ସଫଳତାର ସହ ପରିଚାଳନା କରିଥିଲେ ।

# ଶିକ୍ଷକ ନିଯୁକ୍ତିରେ ଜେଇଏଲସି ପକ୍ଷରୁ ଚଞ୍ଚକତା

**ନବରଙ୍ଗପୁର, ୪।୨ ଏକ୍ସପ୍ରେସ୍ ନ୍ୟୁଜ୍**

କୋରାପୁଟ ଏବଂ ନବରଙ୍ଗପୁର ଜିଲ୍ଲାରେ ଶିକ୍ଷକ ନିଯୁକ୍ତିରେ ଜେଇଏଲ୍‌ସି ପକ୍ଷରୁ ବ୍ୟାପକ ଚଞ୍ଚକତା ଓ ଦୁର୍ନୀତି ହୋଇଥିବା ସମ୍ପର୍କରେ ଅଖିଳ ଭାରତ ଭ୍ରଷ୍ଟାଚାର ବିରୋଧୀ ସଂଗଠନର ସଭାପତି ସୁବ୍ରତ ନନ୍ଦ ଅଭିଯୋଗ କରିଛନ୍ତି । ସ୍ଥାନୀୟ ପ୍ରେସ କ୍ଲବ୍ ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ନନ୍ଦ ଅଭିଯୋଗ କରିଛନ୍ତି ଯେ, ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗର ବିନା ଅନୁମୋଦନରେ ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ବିଜ୍ଞାପନ ପ୍ରକାଶ କରି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ସରକାରଙ୍କ ଶିକ୍ଷା ବିଭାଗର ବିନା ଅନୁମୋଦନରେ ବ୍ୟାପକ ଅର୍ଥ କାରବାର କରାଯାଇ ନାମକୁ ମାତ୍ର ନିଯୁକ୍ତି ବିଜ୍ଞାପନ ପ୍ରକାଶ କରି ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ନିଯୁକ୍ତି ଦେବାକୁ ସରକାରଙ୍କ ଉପରେ ଚାପ ସୃଷ୍ଟି କରାଯାଇଛି । ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗର କେତେକ ଅଧିକାରୀ ଏହି କାରବାର ସହିତ ସଂପୃକ୍ତ ରହି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଉପରେ ଚାପ ପ୍ରୟୋଗ କରି ନିଯୁକ୍ତି କରିବାକୁ ଚେଷ୍ଟା ଚଳେଇଛନ୍ତି । ରାଜ୍ୟ ସରକାର ସମସ୍ତ ସ୍କୁଲକୁ ଆନୁସଙ୍ଗିକ ଗ୍ରାଣ୍ଟ ଏବଂ ଦରମା ପ୍ରଦାନ କରୁଥିବା ବେଳେ ସରକାରଙ୍କର ବିନା ଅନୁମତିରେ କିଭଳି ୪୦୦ ଜଣଙ୍କୁ ନିଯୁକ୍ତ ଦିଆଗଲା ବୋଲି ପ୍ରଶ୍ନ ଉଠାଇଛନ୍ତି । ଶିକ୍ଷା ଅଧିକାରୀମାନେ ଏଭଳି ନିଯୁକ୍ତିକୁ ନେଇ ଡାଇରେକ୍ଟରଙ୍କୁ ସ୍ପଷ୍ଟିକରଣ ମାଗିବା ପରିତାପର ବିଷୟ । ନିଜ କ୍ଷମତା ପ୍ରୟୋଗ କରି ବେଆଇନ କାର୍ଯ୍ୟ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟନୁଷ୍ଠାନ ନନେଇ ପଛ ଦ୍ୱାରରେ ନିଯୁକ୍ତି ଦେବା ଆଦୌ ଗ୍ରହଣୀୟ ନୁହେଁ । ଏହା ବ୍ୟତୀତ ସଂଖ୍ୟାଲଘୁ ହୋଇ ନଥିଲେ ନିଯୁକ୍ତି ନଦେବା ମଧ ଠିକ ନୁହେଁ । ୨୦୧୯ ମସିହାରେ ନିଯୁକ୍ତିକୁ ନେଇ ସରକାର ଗାଇଡ ଲାଇନ ଜାରି କରିଛନ୍ତି । ଏହି ନିଯୁକ୍ତିକୁ ବେଆଇନ ଦର୍ଶାଇ କିଛି ବ୍ୟକ୍ତିମାନେ ଉଚ୍ଚ ନ୍ୟାୟାଳୟରେ ମକଦ୍ଦମା କରିବା ପରେ ମାନ୍ୟବର ଅଦାଲତ ଏହାକୁ ଗ୍ରହଣ ମଧ କରିଛନ୍ତି । ମାମଲା ବିଚାରାଧିନ ଥିବା ବେଳେ କିପରି ଏଭଳି ବେଆଇନ କାର୍ଯ୍ୟ କରାଯାଉଛି । ଏହା ନ୍ୟାୟାଳୟର ଅବମାନନା କରାଯାଇଛି । ତେଣୁ ବେଆଇନ ଭାବେ ହୋଇଥିବା ନିଯୁକ୍ତିକୁ ବାତିଲ କରି ବେନିୟମ ନିଯୁକ୍ତି ଦେଇଥିବା ସଂଗଠନ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାର ଶିକ୍ଷା ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେବାକୁ ସମ୍ମିଳନୀରେ ଦାବି କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ନବରଙ୍ଗପୁର ଜିଲ୍ଲା ସଭାପତି ଈଶ୍ୱର ରାଓ, କୋରାପୁଟ ସଭାପତି ଜି ରାମ ବାବୁ, ଜିଲ୍ଲା ସଂଯୋଜକ ଅର୍ଜୁନ ଭତ୍ରା, ରତନ ମାଝୀ ଉପସ୍ଥିତ ରହିଥିଲେ ।

# ବୈଶିଙ୍ଗାରେ ଶୀତଳ ଭଣ୍ଡାର ନିର୍ମାଣ କେବେ?

**ବୈଶିଙ୍ଗା, ୪।୨ ଏକ୍ସପ୍ରେସ୍ ନ୍ୟୁଜ୍**



ବିକାଶ ବିକାଶ ବିକାଶ ଚାରିଆଡେ ଚାଲିଛି ବିକାଶର ନାରା । ପୂର୍ବ ସରକାର ଯେମିତି ଚାଷୀଙ୍କୁ ଭଣ୍ଡେଇ ଚାଲିଥିଲେ, ନୂଆ ବିଜେପି ସରକାର ମଧ ସେଇ ଧାରାରେ ଚାଲିଥିବାର ଅଭିଯୋଗ ହେଉଛି । ମାତ୍ର ଚାଷୀ, ଚାଷ ଓ କୃଷି ଉତ୍ପାଦିତ ସାମଗ୍ରୀର ବିକ୍ରୀ କରିବା ପାଇଁ ବଜାର ସୃଷ୍ଟି କରିବା ଏବଂ କୃଷି ଉତ୍ପାଦିତ ସାମଗ୍ରୀର ସଂରକ୍ଷଣ ପାଇଁ ଉଦ୍ଦିଷ୍ଟ ଶୀତଳ ଭଣ୍ଡାର ସରକାର ନିର୍ମାଣ ନ କରାଇବା ଚାଷୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି । କାଳିଆ, ବଳିଆ ଯୋଜନା ସହିତ ଟଙ୍କିକିଆ ଚାଉଳ ପାଇଁ କୃଷି ଶ୍ରମିକମାନେ କ୍ଷେତରେ ଶ୍ରମ କରିବା ପରିବର୍ତ୍ତେ ବୁଲି ବୁଲି ସମୟକୁ ବିତାଇ ଦେଉଛନ୍ତି । ଏଥିପାଇଁ କୃଷି ଉତ୍ପାଦନ କମୁଛି , ମାତ୍ର ଜନସଂଖ୍ୟା ବଢି ବଢି ଚାଲୁଛି । ଋତୁ ଉପଯୋଗୀ ହେଉଥିବା ପନିପରିବା ଚାଷରୁ ଉତ୍ପାଦିତ ସାମଗ୍ରୀ ସାଇତି ରଖିବା ପାଇଁ ଶୀତଳ ଭଣ୍ଡାର ଆବଶ୍ୟକତାକୁ ଗୁରୁତ୍ୱ ଦେବାକୁ ଦାବି ହେଉଛି । ଦରଦାମ ବୃଦ୍ଧିକୁ ନେଇ ଉପୁଜିଥିବା ସମସ୍ୟାକୁ ନେଇ ସାଧାରଣ ଓ ମଧ୍ୟବିତ୍ତ ପରିବାର ଏବେ ଜର୍ଜରିତ । ମୁଖ୍ୟତଃ ଆଳୁ, ବାଇଗଣ, ବିଲାତି, ଭେଣ୍ଡି, ଜହ୍ନି ଆଦି ପରିବା ଅଧିକ ଦାମରେ ବିକ୍ରି ହେଉଛି । ବୈଶିଙ୍ଗାଠାରେ ଶୀତଳ ଭଣ୍ଡାର ନିର୍ମାଣ ହୋଇଥିଲେ ବୁଢାବଳଙ୍ଗ, ଗଙ୍ଗାହାର ଅବବାହିକାରୁ ଉତ୍ପାଦିତ ହେଉଥିବା ପନିପରିବା ଜିଲ୍ଲା ଏବଂ ଜିଲ୍ଲା ବାହାରକୁ ଯୋଗାଇବା ପରେ ମଧ ବଳକା ପନିପରିବା ସାଇତା ରଖାଯାଇ ପାରନ୍ତା । ମାତ୍ର ଶୀତଳ ଭଣ୍ଡାର ଅଭାବରୁ ବଳକା ପନିପରିବା ପଚି ସଢି ନଷ୍ଟ ହୋଇଯାଉଛି । ଏଥି ପାଇଁ ଚାଷୀମାନଙ୍କୁ ଲକ୍ଷ ଲକ୍ଷ ଟଙ୍କା କ୍ଷତି ସହିବାକୁ ପଡୁଛି । ଯାହାଫଳରେ ଚାଷୀ ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କରୁନାହାଁନ୍ତି । ବିଭିନ୍ନ ଯୋଜନାରେ ପୂର୍ବ ସରକାର କୋଟି କୋଟି ଟଙ୍କାର ଅଯଥା ଖର୍ଚ୍ଚ କରିଥିବା ବେଳେ ଚାଷୀଙ୍କ ସୁବିଧାକୁ ଭୁଲି ଯାଇଥିଲେ । ନୂଆ ସରକାର ଯେପରି ଏଫ୍‌ଏକ୍ୟୁ ଧାନ ଟ୩୧୦୦ଙ୍କାରେ କିଣିବେ ବୋଲି ଘୋଷଣା କରିବା ଏବଂ ଖରିଫ୍ ଓ ରବି ଧାନକୁ କିଣିଥିବା ଯୋଗୁଁ ଧାନ ଚାଷ ପ୍ରତି ଆଗ୍ରହ ବଢିଯାଇଛି । ଏହାର ପ୍ରମାଣ ଚଳିତ ବର୍ଷ ଖରିପ ଧାନ ଚାଷ ଆକଳନରୁ ଜଣାଯାଇଛି । ସେହିଭଳି ପନିପରିବାର ବଜାର ସୃଷ୍ଟି ପାଇଁ ଶୀତଳ ଭଣ୍ଡାର କରାଯାଇ ପାରିଲେ ଚାଷୀଙ୍କ ମାନଦଣ୍ଡ ମଜବୁତ ହୋଇପାରିବ । ବିଧାୟକ ମହୋଦୟ କେବଳ ବିଜୁଳି ଆଲୁଅ ପଛରେ ନ ଗୋଡାଇ ଏହି ଶୀତଳ ଭଣ୍ଡାର ପ୍ରତି ଧ୍ୟାନ ଦେଲେ ଚାଷୀ ଉପକୃତ ହୋଇ ପାରନ୍ତେ । ଆଶା କରାଯାଏ ନୂଆ ସରକାର ଚାଷୀଙ୍କ ହିତରେ କାମ କରିବେ ।

ଦେଶର ଲୋକପ୍ରତିନିଧିମାନେ ଚାହିଁଲେ ତ ସବୁ ବଦଳିଯାଇପାରନ୍ତା, ଯଦି ସେମାନଙ୍କ ଗସ୍ତ ନିୟମିତ ସବୁ ଅଞ୍ଚଳକୁ ଜାରି ରହନ୍ତା । ଲୋକେ ସବୁବେଳେ ବସନ୍ତକୁ ଅନୁଭବ କରିପାରିନ୍ତେ । ସବୁ ଋତୁ ବସନ୍ତ ବସନ୍ତ ଲାଗନ୍ତା । ସବୁ ଗାଁରେ ଟ୍ୟାପ ଖୋଲିଲେ ବିଶୁଦ୍ଧ ପାଣି ଆସନ୍ତା, ସନ୍ଧ୍ୟାରେ ଆଲୁଅ ଜଳନ୍ତା ରାସ୍ତାକଡ଼ରେ । ଦୂଷିତ ପାଣି ପିଇ ରୋଗାକ୍ରାନ୍ତ ହେଉନଥାନ୍ତେ ଲୋକେ । ଯଦି ସେଠିକାର ବିଧାୟକ ଆଉ ସାଂସଦ ସେଇ ଅଞ୍ଚଳରେ ରହୁଥାନ୍ତେ କିମ୍ବା ନିୟମିତ ଗସ୍ତ କରୁଥାନ୍ତେ ତା'ହେଲେ ସବୁ ସମସ୍ୟା ଦୂର ହୋଇପାରନ୍ତା । ସେମାନେ କ'ଣ ଆଉ ଦୂଷିତ ପାଣି ପିଉଥାନ୍ତେ, ଯଦି ସେମାନେ ସେଇଠି ରହୁଥାନ୍ତେ? ସବୁ ବଦଳିଯାଆନ୍ତା ସେମାନଙ୍କ ପ୍ରଭାବରେ, ଠିକ୍ ଯେମିତି ବସନ୍ତର ଛୁଆଁରେ ବଦଳିଯାଏ ପରିବେଶ ।

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୫ ଫେବୃଆରୀ, ୨୦୨୬ | ଗୁରୁବାର

# ଓଡ଼ିଶା ଏକ୍ସପ୍ରେସ୍

## ଠିକ୍ ବସନ୍ତର ଛୁଆଁଭଳି...

ଋତୁମାନଙ୍କ ଭିତରେ ବସନ୍ତର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ବସନ୍ତର ଛୁଆଁ ରୂପସୀ କରାଏ ଧରାକୁ । ମଣିଷର ମନ ପୁଲକିତ ଆଉ ଶିହରିତ ହୁଏ ବସନ୍ତ ଛୁଆଁରେ । ସାହିତ୍ୟରେ ତ ବସନ୍ତର ଚାହିଦା ଖୁବ୍ । ଷୋହଳ ବୟସୀ ଅପେକ୍ଷା, ବୟସରେ ଷୋହଳଟି ବସନ୍ତର ଛୁଆଁ ଲେଖାଟିକୁ ଅଧିକ ମନଛୁଆଁ କରିପାରେ ।

ବସନ୍ତରେ ଫୁଲବଗିଚା ପୂର୍ଣ୍ଣ ଯୌବନା ନାରୀଟିଏ ଭଳି ଦିଶେ । ପ୍ରଜାପତିଙ୍କୁ ମତୁଆଲା କରାଇପାରେ ।

ହଁ, ଠିକ୍ ବସନ୍ତର ଛୁଆଁ ଭଳି ଆମ ଦେଶର ମନ୍ତ୍ରୀ ଏବଂ ଲୋକପ୍ରତିନିଧିଙ୍କ ଛୁଆଁ ମଧ୍ୟ ପରିବେଶକୁ ବଦଳାଇ ଦେଇଥାଏ । ଅନେକ ନିଅଣ୍ଟ ଭରଣା କରିପାରେ ଆଉ ଲୋକଙ୍କ ମନରେ ହସ ଭରିଦେଇପାରେ । ଏହାର ଅନେକ ପ୍ରମାଣ ରହିଛି । ଆପଣଙ୍କୁ ଯେ ଅଜଣା, କହିବା ଭୁଲ୍ ହେବ ।

ନିକଟରେ ଉପମୁଖ୍ୟମନ୍ତ୍ରୀଙ୍କ ପ୍ରଭାବରେ କିଭଳି ରାସ୍ତାର ଚେହେରା ବଦଳିଯାଇଛି ଏ ସମ୍ପର୍କିତ ଏକ ଛୋଟ ଖବର, ଖବରକାଗଜର ଭିତର ପୃଷ୍ଠାରେ ଆଖିରେ ପଡ଼ିଲା । ଖବରଟି ଠିକ୍ ଏଇଭଳି- ଉପମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ରାସ୍ତାରେ ପ୍ୟାଚପକା କାମ । ଫୁଲନଖରା-ନିଆଳି ୬୦ ନମ୍ବର ରାଜ୍ୟ ରାଜପଥକୁ ବିଭିନ୍ନ ଜାଗାରେ ପିଚୁ କରାଇ ମରାମତି କରାଯାଉଛି ।

ଏଇଠି ପ୍ରଶ୍ନ ଉଠିପାରେ ଉପମୁଖ୍ୟମନ୍ତ୍ରୀଙ୍କ ଗସ୍ତ ନଥିଲେ ବା ସେଇ ବାଟ ଦେଇ ଉପମୁଖ୍ୟମନ୍ତ୍ରୀ ଯଦି ଯାଇନଥାନ୍ତେ ତା'ହେଲେ ବୋଧେ ରାସ୍ତାଟି ସେମିତି ଅରୂପ ଅବସ୍ଥାରେ ହିଁ ଥାଆନ୍ତା । ରୂପସୀ ହୋଇନଥାନ୍ତା । ଉପମୁଖ୍ୟମନ୍ତ୍ରୀଙ୍କ ଗସ୍ତର ପ୍ରଭାବରେ ହିଁ ରାସ୍ତାର ଚେହେରା ଟିକେ ବଦଳିଛି, ସିଏ ପ୍ୟାଚ୍ କାମ ହେଉନା କାହିଁକି । ବ୍ୟୁଟିପାର୍ଲର ସାଜ କ'ଣ ସବୁଦିନ ଥାଏ, ମଝିରେ ମଝିରେ ସଜାଡ଼ିବାକୁ ପଡ଼େ ରୂପସୀ ହେବା ପାଇଁ ।

ଯେତେ ଟାଣୁଆ, ଯେତେ ଚର୍ଚ୍ଚିତ ଆଉ ଯେତେ ପ୍ରଭାବଶାଳୀ ନେତା ତାଙ୍କ ପ୍ରଭାବ ସେତେ ବେଶୀ । ସେଇ ବାଟଦେଇ ଯଦି ରାଷ୍ଟ୍ରପତି ଯିବାର ଥାଆନ୍ତା ତା'ହେଲେ ରାସ୍ତାକଡ଼ ପୋଲର ବାଡ଼ରେ ମଧ୍ୟ ରଙ୍ଗ ଦିଆଯାଇଥାନ୍ତା, ରୋଡ୍ ଡିଭାଇଡର ଥିଲେ ତାକୁ ମଧ୍ୟ ରଙ୍ଗାଯାଇଥାନ୍ତା, ଯଦି ସେ ବାଟରେ ଷ୍ଟ୍ରିଟ୍‌ଲାଇଟ୍ ଥାଆନ୍ତା ଏବଂ ତା' ଭିତରୁ ଅଧିକାଂଶ ଜଳୁନଥାନ୍ତା ତା'ହେଲେ ରାତାରାତି ତା'ର ମରାମତି ହୋଇଯାଇଥାନ୍ତା । ଫୁଲଗଛ ମରିଯାଇଥିଲେ, ନର୍ସରିରୁ ଫୁଲକୁଣ୍ଡ ଆଣି ସଜେଇ ଦିଆଯାଇଥାନ୍ତା । ବଦଳିଯାଇଥାନ୍ତା ପରିବେଶ ଠିକ୍ ବସନ୍ତର ଛୁଆଁରେ ଧରା ଚମକିବା ଭଳି ।

ନେତା-ମନ୍ତ୍ରୀମାନେ ମଧ୍ୟ ବଦଳାଇ ଦେଇପାରନ୍ତି ପରିବେଶକୁ, ରାଷ୍ଟ୍ରପତି ତ ରାଷ୍ଟ୍ରର ମୁଖ୍ୟ । ତେଣୁ ତାଙ୍କ ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯିବାର ପ୍ରାବଧାନ ରହିଛି । ସିଏ ଯେଉଁ ବାଟ ଦେଇ ଯାଆନ୍ତି ସେସବୁ ବାଟର ଚମକ ଫେରିଆସେ । ତାଙ୍କ ଗାଡ଼ି କିଭଳି ବିନା ଧକଡ଼ ଚକଡ଼ରେ ମସୃଣ ରାସ୍ତାରେ ଗଡ଼ିପାରିବ ସେଦିଗକୁ ଗୁରୁତ୍ୱ ଦିଆଯାଏ । ସିଏ ବାହାରକୁ ଅନେଇଲେ ଯେମିତି ତାଙ୍କ ଆଖିରେ ଏକ ପରିଚ୍ଛନ୍ନ ଭାରତବର୍ଷର ଚିତ୍ର ପ୍ରତିଫଳିତ ହେବ ସେଥିପାଇଁ ସବୁ ବ୍ୟବସ୍ଥା କରାଯାଏ ।

ଟାଣୁଆ ମନ୍ତ୍ରୀମାନେ ମଧ୍ୟ ପରିବେଶକୁ ବଦଳାଇ ଦେଇପାରନ୍ତି । ଯେତେ ଟାଣୁଆ ନେତା, କାମ ସେତେ ମଜଭୁତ।

ଏଇଠି ପ୍ରଶ୍ନ ଉଠେ- ଦେଶର ଲୋକପ୍ରତିନିଧିମାନେ କ'ଣ ଜାଣି ନଥାନ୍ତି ତାଙ୍କ ପାଇଁ ଏତେସବୁ ସାଜସଜ୍ଜା ଆଉ ଆୟୋଜନର ବ୍ୟବସ୍ଥା ବୋଲି? ରାସ୍ତା ନଗଦ ମରାମତି ହୋଇଛି, ରାସ୍ତାକଡ଼ ବାଡ଼ରେ ରଙ୍ଗ ବୋଳାଯାଇଛି, ଆଉ ଫୁଲକୁଣ୍ଡ ରଖାଯାଇଛି ବୋଲି । ସେମାନଙ୍କ ଗସ୍ତ ପୂର୍ବରୁ ଯେ ଏ ରାସ୍ତା ଏମିତି ନଥିଲା ଏକଥା ସେମାନେ କ'ଣ ଜାଣିନଥାନ୍ତି? ଦେଶର ପ୍ରତିଟି ମଣିଷ କ'ଣ ଏକ ଉତ୍ତମମାନର ରାସ୍ତାରେ, ରାତିରେ ଆଲୁଅ ଜଳୁଥିବା ଏକ ଭୟଶୂନ୍ୟ ରାସ୍ତାରେ ଗାଡ଼ି ଚଳାଇବାର ସୁଯୋଗ ପାଇବା ଉଚିତ୍ ନୁହେଁ? ସବୁ ଲୋକଙ୍କ ପାଇଁ କ'ଣ ଉପଭୋଗ୍ୟ ହେବା ଉଚିତ୍ ନୁହେଁ ଦେଶର ପରିବେଶ ?

ଦେଶର ଲୋକପ୍ରତିନିଧିମାନେ ଚାହିଁଲେ ତ ସବୁ ବଦଳିଯାଇପାରନ୍ତା, ଯଦି ସେମାନଙ୍କ ଗସ୍ତ ନିୟମିତ ସବୁ ଅଞ୍ଚଳକୁ ଜାରି ରହନ୍ତା । ଲୋକେ ସବୁବେଳେ ବସନ୍ତକୁ ଅନୁଭବ କରିପାରିନ୍ତେ । ସବୁ ଋତୁ ବସନ୍ତ ବସନ୍ତ ଲାଗନ୍ତା । ସବୁ ଗାଁରେ ଟ୍ୟାପ ଖୋଲିଲେ ବିଶୁଦ୍ଧ ପାଣି ଆସନ୍ତା, ସନ୍ଧ୍ୟାରେ ଆଲୁଅ ଜଳନ୍ତା ରାସ୍ତାକଡ଼ରେ । ଦୂଷିତ ପାଣି ପିଇ ରୋଗାକ୍ରାନ୍ତ ହେଉନଥାନ୍ତେ ଲୋକେ । ଯଦି ସେଠିକାର ବିଧାୟକ ଆଉ ସାଂସଦ ସେଇ ଅଞ୍ଚଳରେ ରହୁଥାନ୍ତେ କିମ୍ବା ନିୟମିତ ଗସ୍ତ କରୁଥାନ୍ତେ ତା'ହେଲେ ସବୁ ସମସ୍ୟା ଦୂର ହୋଇପାରନ୍ତା । ସେମାନେ କ'ଣ ଆଉ ଦୂଷିତ ପାଣି ପିଉଥାନ୍ତେ, ଯଦି ସେମାନେ ସେଇଠି ରହୁଥାନ୍ତେ? ସବୁ ବଦଳିଯାଆନ୍ତା ସେମାନଙ୍କ ପ୍ରଭାବରେ, ଠିକ୍ ଯେମିତି ବସନ୍ତର ଛୁଆଁରେ ବଦଳିଯାଏ ପରିବେଶ ।

# ଉପରବାଲାଙ୍କ ଅଦାଲତରୁ ଖସିବା ଭାରି କଷ୍ଟ!

## ସତ କହିବାକୁ କିଆଁ ଡରିବି

◆ ଅମ୍ବିକା ପ୍ରସାଦ ଦାସ ◆

**ଅନେକ କ୍ଷେତ୍ରରେ ଦେଖାଯାଏ ଅଭିଯୁକ୍ତ ପକ୍ଷର ଓକିଲ ଓ ସରକାରୀ ପକ୍ଷର ଓକିଲଙ୍କ ମଧ୍ୟରେ ଅସାଧୁ ବୁଝାମଣା ବେଳେବେଳେ ମାମଲାକୁ ଦୁର୍ବଳ କରେ ଏବଂ ଏହି କାରଣରୁ ସତ୍ୟ ଆଢୁଆଳକୁ ଚାଲିଯାଏ । ମିଥ୍ୟାବାଦୀ, ଅସାଧୁ ଲୋକ ଏଇ ମୌକାରେ ବେଶ୍ ଫାଇଦା ଉଠାଇଥାନ୍ତି । ଏତାଦୃଶ କାରଣରୁ ଆଇନ୍ ଅଦାଲତରେ ବହୁସଂଖ୍ୟାରେ ମାମଲା ଫଏସଲା ନହୋଇ ଗଡ଼ି ଚାଲିଛି, ଫଏସଲା ହେଲା ବେଳକୁ ସମୟ ଏତେ ଗଡ଼ିଯାଇଥାଏ ଯେ ସେତେବେଳେ ଆଉ ତା'ର ପ୍ରାସଙ୍ଗିକତା ନଥାଏ । ଅଦାଲତ ଜରିଆରେ ସତ ସାମ୍ନାକୁ ଆସିଲା ବେଳକୁ ଅନେକ ଡେରି ହୋଇଯାଇଥାଏ ।**

ସେଦିନ ଆମ ଅଫିସ୍‌କୁ ଆସିଥିବା ଜଣେ ଚିନ୍ତାଶୀଳ ବ୍ୟକ୍ତି ଆଲୋଚନା ବେଳେ ପ୍ରଶ୍ନ କଲେ- ଯଦି କେହି ଆଇନ୍ ଅଦାଲତରେ କୌଣସି ମାମଲାରେ ରହିତାଦେଶ ଆଣିବାରେ ସଫଳ ହୁଏ ତା' ଅର୍ଥ କ'ଣ ମାମଲା ଅମୂଳକ? ସତ୍ୟ ସମାଧି ନେଇଗଲା?

ମୁଁ କହିଲି- ଆଦୌ ସେପରି ନୁହେଁ । ରହିତାଦେଶର ଅର୍ଥ ସତ୍ୟର ଜୟ ନୁହେଁ ବରଂ ସତ୍ୟ ଓ ବାସ୍ତବତାକୁ ସାମୟିକ ଭାବେ ଲୁଚାଇବାକୁ ସଂଗଠିତ ଗୋଷ୍ଠୀର ପ୍ରୟାସର ଅସ୍ଥାୟୀ ସଫଳତା । ଏ କ୍ଷେତ୍ରରେ ପ୍ରତିପକ୍ଷ ଓକିଲଙ୍କ ନିୟତକୁ ନେଇ ସାଧାରଣତଃ ପ୍ରଶ୍ନ ଉଠେ ।

ପ୍ରସଙ୍ଗକ୍ରମେ ଏକ ନିର୍ଦ୍ଦିଷ୍ଟ ମାମଲାର ଅବତାରଣା କଲେ ସେ । ମାମଲାଟି ଥିଲା ପାଣି ପରି ପରିଷ୍କାର । ତଦନ୍ତ କମିଟି ରିପୋର୍ଟ ତ ଦୂରର କଥା ଆଇନ୍ ଅନୁଯାୟୀ ଅନୁପଯୁକ୍ତ ଲୋକଟି ଏକ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ସଂସ୍ଥାରେ ଗାଦି ମାଡ଼ି ବସିଥିବାରୁ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେଲା । ଅଯୋଗ୍ୟ ଘୋଷିତ ବ୍ୟକ୍ତି ଗଲେ ଅଦାଲତକୁ । ଅଯୋଗ୍ୟ ଆଦେଶ ଉପରେ ରହିତାଦେଶ ପ୍ରାର୍ଥନା କଲେ ତାଙ୍କ ପକ୍ଷର ଓକିଲମାନେ । କିନ୍ତୁ ଅପରପକ୍ଷରୁ ଯିଏ ପ୍ରକୃତ ତଥ୍ୟ ଅଦାଲତଙ୍କ ସାମ୍ନାରେ ରଖିବା କଥା ସେ ଆଦୌ ତାହା କଲେନି । ବରଂ ସେ ଆଦେଶ ସପକ୍ଷରେ ତଥ୍ୟ ଓ ଯୁକ୍ତି ଉପସ୍ଥାପନ ନ କରିବାରୁ ଅଦାଲତ ପରବର୍ତ୍ତୀ ତାରିଖ ଯାଏଁ ରହିତାଦେଶ ଜାରି କରି ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଠାରୁ ଉତ୍ତର ମାଗିଲେ । ତୁରନ୍ତ ଉତ୍ତର ଆଣି ଅଦାଲତଙ୍କ ସାମ୍ନାରେ ରଖାଯାଇପାରିଥାନ୍ତା, ତାହା କିନ୍ତୁ ହେଲାନି । ସମୟ ଗଡ଼ି ଚାଲିଲା । ଚାପ ପରେ ଯଦିଓ ଉତ୍ତର ଦାଖଲ ହେଲା କିନ୍ତୁ କିପରି ଶୁଣାଣି ତାରିଖ ସ୍ଥିର ହୋଇ ପ୍ରକୃତ ଜବାବସୁଆଲ ହେବ ଏବଂ ଆଇନ୍‌କୁ ତା' ବାଟରେ ଯିବାକୁ ଦିଆଯାଇପାରିବ ସେଥିନେଇ ଆଦୌ ଆନ୍ତରିକତା ଓ ନିଷ୍ଠା ଦେଖିବାକୁ ମିଳିଲାନି ଅପରପକ୍ଷରୁ।

ଦିନ ପରେ ଦିନ ମାସ ପରେ ମାସ ବର୍ଷ ପରେ ଆଉ ଏକ ବର୍ଷ ପାଦ ଥାପିଲେ ସୁଦ୍ଧା ସମାନ ସ୍ଥିତି ଜାରି ରହିଲା । ପରିଣାମ ସ୍ୱରୂପ ଆଇନ୍ ଅନୁଯାୟୀ ତଥାକଥିତ ଅଯୋଗ୍ୟ ଲୋକ କ୍ଷମତାରୁ ମଜାଲୁଟିବାରେ ଅସୁବିଧା ହେଲାନି । ସେ ପଦରେ ରହିବାକୁ ଯୋଗ୍ୟ କି ଅଯୋଗ୍ୟ ସେଥିନେଇ ଅଦାଲତ କୌଣସି ରାୟ ଶୁଣାଇ ନଥିଲେ ହେଁ ଅଯୋଗ୍ୟ ଘୋଷଣା କରିଥିବା ପକ୍ଷଙ୍କ ପକ୍ଷରୁ ପ୍ରକୃତ ତଥ୍ୟ ରଖାନଯିବା ପଛରେ ଯେ ଅଭିସନ୍ଧି ନିହିତ ଓ ଅସାଧୁ ର୍ୟାକେଟର ଫନ୍ଦି ତାହା ବୁଝିବାକୁ ବାକି ନଥିଲା ।

ତେବେ ଉଦ୍ଦେଶ୍ୟମୂଳକ ଭାବେ ସମୟ ଗଡ଼ିଚାଲିବା, ଆଇନ୍‌ରେ ଥିବା ବ୍ୟବସ୍ଥା ଓ ବାସ୍ତବ ସ୍ଥିତି ସମ୍ପର୍କରେ ଅଦାଲତଙ୍କୁ ଅନ୍ଧାରରେ ରଖୁଥିବା କତିପୟ ଲୋକଙ୍କ ମନ୍ଦ ଉଦ୍ଦେଶ୍ୟଲାଗି ସମଗ୍ର ବ୍ୟବସ୍ଥା ବଦନାମ ହୋଇଥିବା ବେଳେ ଏପରି ସ୍ଥିତିକୁ ନେଇ ଯଦି କେହି 'ସତ୍ୟର ଜୟ' କୁହେ ତାହା କିପରି ଗ୍ରହଣୀୟ ହେବ?

ସତ୍ୟକୁ ସାମୟିକ ଆଢୁଆଳରେ ରଖାଯାଇପାରେ, ମିଥ୍ୟା ଓ ଛଳନାର ଆବରଣରେ ସତ୍ୟକୁ ହୁଏତ ଢାଙ୍କି ଦିଆଯାଇପାରେ କିନ୍ତୁ ବିଳମ୍ବରେ ହେଲେ ମଧ୍ୟ ସତ୍ୟ ସାମ୍ନାକୁ ଆସିବା ନିଶ୍ଚିତ ।

ଅନେକ କ୍ଷେତ୍ରରେ ଦେଖାଯାଏ ଅଭିଯୁକ୍ତ ପକ୍ଷର ଓକିଲ ଓ ସରକାରୀ ପକ୍ଷର ଓକିଲଙ୍କ ମଧ୍ୟରେ ଅସାଧୁ ବୁଝାମଣା ବେଳେବେଳେ ମାମଲାକୁ ଦୁର୍ବଳ କରେ ଏବଂ ଏହି କାରଣରୁ ସତ୍ୟ ଆଢୁଆଳକୁ ଚାଲିଯାଏ । ମିଥ୍ୟାବାଦୀ, ଅସାଧୁ ଲୋକ ଏଇ ମୌକାରେ ବେଶ୍ ଫାଇଦା ଉଠାଇଥାନ୍ତି । ଏତାଦୃଶ କାରଣରୁ ଆଇନ୍ ଅଦାଲତରେ ବହୁସଂଖ୍ୟାରେ ମାମଲା ଫଏସଲା ନହୋଇ ଗଡ଼ି ଚାଲିଛି, ଫଏସଲା ହେଲା ବେଳକୁ ସମୟ ଏତେ ଗଡ଼ିଯାଇଥାଏ ଯେ ସେତେବେଳେ ଆଉ ତା'ର ପ୍ରାସଙ୍ଗିକତା ନଥାଏ । ଅଦାଲତ ଜରିଆରେ ସତ ସାମ୍ନାକୁ ଆସିଲା ବେଳକୁ ଅନେକ ଡେରି ହୋଇଯାଇଥାଏ ।

ଧନୀ, ପ୍ରତିପତ୍ତିଶାଳୀ ଲୋକେ ଧନ ଓ ପ୍ରଭାବ କାରଣରୁ ଅଭିସନ୍ଧି କରି ସତ୍ୟକୁ ଚପାଇ ରଖିବାର ଭରପୂର ପ୍ରୟାସ କରନ୍ତି ଓ ଅନେକାଂଶରେ ସଫଳ ହୁଅନ୍ତି ମଧ୍ୟ ।

ତେବେ ଆଇନ୍ ଅଦାଲତରେ ସିନା ଏପରି ସ୍ଥିତିରୁ ଫାଇଦା ନେଇ କେହି ଖସିଯାଏ, ହେଲେ ଭଗବାନଙ୍କ ଅଦାଲତରୁ ଖସିବା ଭୀଷଣ କଷ୍ଟ ହୋଇପଡ଼େ । ପ୍ରଚଳିତ ଆଇନ୍ ଅଦାଲତରୁ ଖସିଯିବା ସହଜ ହେଲେ ଉପରବାଲାଙ୍କ ଅଦାଲତରୁ ଖସିବା ମୁସ୍କିଲ୍ । ସବୁ ଥାଇ ବି ହାତପାଆନ୍ତାରୁ ଅନେକ କିଛି ଚାଲିଯାଏ, ହଠାତ୍ ପ୍ରତିକୂଳ ପରିସ୍ଥିତି ସୃଷ୍ଟି ହୋଇ ମଣିଷ ଅକଳରେ ପଡ଼େ । ତାହାହିଁ ଉପରବାଲାଙ୍କ ଅଦାଲତର ଅଦୃଶ୍ୟ ମାଡ଼ । ଯେଉଁମାନେ ଅସତ୍ ରାସ୍ତାରେ ଥା'ନ୍ତି କିମ୍ବା ଅସତ୍ୟକୁ ସାଥ୍ ଦେଇ କଳାକୁ ଧଳା କରି ଫାଇଦା ନେଇ କୁତୁକୁତୁ ହୁଅନ୍ତି ସେଇ ଧରଣର ଲୋକେ ବିଳମ୍ବରେ ହେଲେ ବି ଉପରବାଲାଙ୍କ ଦରବାରରେ ଦଣ୍ଡିତ ହୁଅନ୍ତି । ଟିକେ ତଳେଇ ଦେଖିଲେ ଏଇପରି ଅନେକ ଘଟଣା ଆଖିସାମ୍ନାକୁ ଆସିବ ।

ସତ୍ୟକୁ ଲୁଚାଇବା ସହ ନାନା ଫନ୍ଦିଫିକର କରି କାର୍ଯ୍ୟାନୁଷ୍ଠାନ ଟାଳିବାରେ ଯେଉଁମାନେ ସାମୟିକ ସଫଳତା ପା'ନ୍ତି ସେମାନେ ଯଦି ରହିତାଦେଶକୁ ସତ୍ୟର ଜୟ କହି ଫୁଟାଣି ମାରନ୍ତି ତା'ଠୁ ବିଡମ୍ବନା ଆଉ କ'ଣ ଥାଇପାରେ ବୋଲି କହି ସେଦିନ ଆମ ଅଫିସ୍‌ରୁ ବିଦାୟ ନେଇଥିଲେ ସେଇ ଚିନ୍ତାଶୀଳ ବ୍ୟକ୍ତିଜଣକ ।

# ଶରୀର ସୁସ୍ଥତାରେ ଉପବାସ ଓ ପାଚନ ତନ୍ତ୍ର

■ ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର ■

ଉପବାସକୁ ନେଇ ବିଭିନ୍ନ ଧର୍ମରେ ରହିଛି ଭିନ୍ନ ଭିନ୍ନ ଲୋକବିଶ୍ୱାସ। କେଉଁ ଧର୍ମରେ ଈଶ୍ୱରଙ୍କ ନିକଟତର ହେବା ପାଇଁ ଉପବାସ କରାଯାଏ ତ କେଉଁ ଧର୍ମରେ ସଂଯମତା ଅବଲମ୍ବନ ପାଇଁ ଉପବାସର ସାହାଯ୍ୟ ନିଆଯାଏ । ସନାତନ ଧର୍ମରେ ପୂର୍ଣ୍ଣିମା, ସଂକ୍ରାନ୍ତି, ଚତୁର୍ଦ୍ଦଶୀ, ଏକାଦଶୀ ଆଦି ତିଥିରେ ଉପବାସ କରାଯାଉଥିବା ସମୟରେ ଇସଲାମ ଧର୍ମାବଲମ୍ବୀ ରାମଜାନ ମାସରେ ରୋଜା ରଖିବାର ପ୍ରଥା ପ୍ରଚଳିତ ହୋଇଆସୁଛି । ଧାର୍ମିକ ଭାବନାରୁ ଉର୍ଦ୍ଧ୍ୱରେ ଉପବାସ ବିଜ୍ଞାନ ସମ୍ମତ। ତିଥି ଭିରେ ଉପବାସ ଆଂଶିକ କିମ୍ବା ସଂପୂର୍ଣ୍ଣ ହୋଇଥାଏ। ଆୟୁର୍ବେଦ ବ୍ୟାଖ୍ୟା କରେ ଯେ ପାଚନ ତନ୍ତ୍ରରେ ବିଭିନ୍ନ ବିଷାକ୍ତ ପଦାର୍ଥ ଜମା ହେବା ଦ୍ୱାରା ଶରୀରରେ ବିଭିନ୍ନ ରୋଗ ହୋଇଥାଏ। ଉପବାସ କରିବା ଦ୍ୱାରା ପାଚନ ତନ୍ତ୍ରକୁ ବିଶ୍ରାମ ମିଳିଥାଏ ଓ ଆମ ଶରୀରରେ ଅନବରତ ଚାଲିଥିବା ବିଭିନ୍ନ ପ୍ରକ୍ରିୟାକୁ ବିରାମ ମିଳି ଶରୀର ସ୍ୱତଃସ୍ଫୂର୍ତ୍ତ ଭାବରେ ବିଷାକ୍ତ ପଦାର୍ଥକୁ ବାହାର କରିବାରେ ସକ୍ଷମ ହୁଏ । ଅନ୍ୟପକ୍ଷରେ ସୂର୍ଯ୍ୟକିରଣ ଓ ଚନ୍ଦ୍ରାଲୋକର ଆମ ପାଚନ ତନ୍ତ୍ର ଉପରେ ଅନେକ ପ୍ରଭାବ ରହିଛି। ସେଥିପାଇଁ ପୂର୍ଣ୍ଣିମା, ଅମାବାସ୍ୟା ଭିରେ କେତେବେଳେ ଦିନ ସମୟରେ ଖାଦ୍ୟ ଗ୍ରହଣ କରାଯାଏ ତ କେତେବେଳେ କେବଳ ରାତି ସମୟରେ ଖାଦ୍ୟ ଗ୍ରହଣ କରାଯାଏ। ସେଥିପାଇଁ ଆମ ଧର୍ମରେ କାର୍ତ୍ତିକରେ ହବିଷ କରାଯାଏ ଅମାବାସ୍ୟାରେ ପଡୁଥିବା ବ୍ରତରେ ଫଳମୂଳ ପରି ହାଲୁକା ଆହାରକୁ ଭୋଜନ ଭାବେ ଗ୍ରହଣ କରାଯାଏ ।

ଫାଷ୍ଟିଂ ବା ଉପବାସ ହେଉଛି ଏକ ପ୍ରାଚୀନ ପ୍ରଥା। ଯେଉଁଥିରେ ନିର୍ଦ୍ଧାରିତ ସମୟ ଯାଏ ଖାଦ୍ୟ ନଖାଇ ଶରୀରକୁ ବିଶ୍ରାମ ଦିଆଯାଏ। ଉପବାସ ଦେହ ଓ ମନ ଉଭୟ ପାଇଁ ଉକାରୀ । ବୈଜ୍ଞାନିକ ଦୃଷ୍ଟିକୋଣରୁ ମଧ୍ୟ ଏହାର ଗୁରୁତ୍ୱ ରହିଛି। ଉପବାସ ଦ୍ୱାରା ଶଣୀରର ମେଟାବୋଲିଜିମ୍ ବୃଦ୍ଧି ହେବା ସହ ଟକ୍ସିନ ରିଲିଜ ମଧ୍ୟ ହୋଇଥାଏ । ଏହା ଇନସୁଲିନ କ୍ଷରଣକୁ ମଧ୍ୟ ନିୟନ୍ତ୍ରଣ କରେ। ଉପବାସ ଶରୀରକୁ ଫୂର୍ତ୍ତି ମଧ୍ୟ ରଖିଥାଏ। କୌଣସି ଧାର୍ମିକ ଓ ପୌରାଣିକ ଭାବନା ସହ ଜଡ଼ିତ ନ ରହି ଆଧୁନିକ ସମୟରେ ସୁସ୍ଥ ରହିବା ପାଇଁ କରାଯାଉଥିବା ଉପବାସ ଅଭ୍ୟାସକୁ ଇରମିଟେ ଫାଷ୍ଟିଂ କୁହାଯାଉଛି। ଏହା ଏପରି ଏକ ଆହାର ପ୍ରଣାଳୀ ଯେଉଁଥିରେ ଗୋଟିଏ ଦିନର କିଛି ନିର୍ଦ୍ଦିଷ୍ଟ ସମୟ ପାଇଁ ଖାଦ୍ୟ ଗ୍ରହଣ କରାଯାଏନାହିଁ । କେତକେ ଇରମିଟେ ଫାଷ୍ଟିଂରେ ୧୬ ଘଣ୍ଟା ଯାଏ କୌଣସି ଖାଦ୍ୟ ଗ୍ରହଣ କରାନଯାଇ ଦିନରେ କେବଳ ଆଠଘଣ୍ଟା ଯାଏ ଫାଷ୍ଟିଂ କରାଯାଉଥିବା ସମୟରେ ଅନେକ କେତେକ ଇଣ୍ଟରମିଟେ ଫାଷ୍ଟିଂ ପଦ୍ଧତିରେ ଚଉଦ ଘଣ୍ଟା ଖାଲି ପେଟରେ ରହି ଦଶ ଘଣ୍ଟା ମଧ୍ୟରେ ଖାଦ୍ୟ ଗ୍ରହଣ କରିବାକୁ ହୋଇଥାଏ। ଏହାଦ୍ୱାରା କୋଲେଷ୍ଟ୍ରଲ ସ୍ତର କମିବା ସହ ଫ୍ୟାଟ ହ୍ରାସ ହୋଇଥାଏ । ଯାହା ଦ୍ୱାରା ଓଜନ ହ୍ରାସ ପାଇଥାଏ। କିନ୍ତୁ ଯେତେବେଳେ ଆପଣ କୌଣସି ବି ଡାଏଟ ପାଇଁ ଯୋଜନା କରୁଛନ୍ତି ପ୍ରଥମେ ଯେ କୌଣସି ଡାଏଟିସିଆନଙ୍କ ସହ ପରାମର୍ଶ କରନ୍ତୁ। ଡାଏଟିସିଆନ ପରାମର୍ଶ ବିନା କୌଣସି ପ୍ରକାରର ଡାଏଟ ଆରମ୍ଭ କରନ୍ତୁ ନାହିଁ। ସବୁ ପ୍ରକାରର ଡାଏଟ ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ ହୋଇନଥାଏ। ପ୍ରତ୍ୟେକ ମଣିଷଙ୍କର ଶାରୀରିକ ଗଠନ, ଖାଦ୍ୟାଭ୍ୟାସ ଓ ମେଟାବଲିଜିମ ଭିନ୍ନ ହୋଇଥାଏ। ସେଥିପାଇଁ ବ୍ୟକ୍ତି ବିଶେଷଙ୍କ କ୍ଷେତ୍ରରେ ସ୍ୱତନ୍ତ୍ର ଡାଏଟର ଆବଶ୍ୟକତା ରହିଛି । ଡାଏଟିସିଆନ ନିର୍ଦ୍ଧାରିତ ବୟସ ଅନୁସାରେ ଡାଏଟ ପ୍ଲାନ ଦେଇଥାନ୍ତି । ଯାହା ଓଜନ ବଢ଼ାଇବା କିମ୍ବା କମାଇବାରେ ସହାୟକ ହୁଏ। ରକ୍ତଚାପ, ଡାଇବେଟିସ ଓ ଅନ୍ୟାନ୍ୟ ଲକ୍ଷଣ ଅନୁସାରେ ଡାଏଟ ପ୍ଲାନ ଭିନ୍ନ ହୋଇଥାଏ । ତେବେ ଆପଣ ଗୁଗଲ କିମ୍ବା ଅନ୍ୟ କୌଣସି ସାମାଜିକ ଗଣମାଧ୍ୟମରୁ ଅନୁପ୍ରାଣିତ ହୋଇ ଡାଏଟ କରୁଛନ୍ତି ଏହା ଆପଣଙ୍କୁ ଦୀର୍ଘକାଳୀନ ସୁପ୍ରଭାବ ଦେବନାହିଁ। ବରଂ ଏହା ରୋଗ ପ୍ରତିରୋଧକ ଶକ୍ତି କମାଇବା ସହ ଷ୍ଟୋନ ଭଳି ରୋଗର କାରଣ ସାଜିଥାଏ ।

ଡ୍ରାଏ ଫାଷ୍ଟିଂ କ'ଣ ତାହା ପ୍ରଥମେ ଜାଣିବା ଦରକାର । ଏହା ଇଣ୍ଟରମିଟେ ଫାଷ୍ଟିଂ ଭଳି ଉପବାସ କରି ପତଳା ହେବାର ପ୍ରଚେଷ୍ଟା। ତେବେ ଏହି ଧରଣର ଉପବାସରେ ସମୟ ଆହୁରି ଦୀର୍ଘ ହୋଇଥାଏ । ଇଣ୍ଟରମିଟେରେ ଯେମିତି ୮ ଘଣ୍ଟା, ୧୨ ଘଣ୍ଟା ବା ୧୪ ଘଣ୍ଟା ଉପବାସ କରିବାକୁ ହୋଇଥାଏ, ଡ୍ରାଏ ଫାଷ୍ଟିଂରେ ତାହାଠାରୁ ଅଧିକ ସମୟ ଉପବାସ କରିବାକୁ ହୋଇଥାଏ। ଏହି ଧରଣର ଉପବାସରେ ପ୍ରାୟ ୩୬ ଘା ଧରି ଖାଲି ପେଟରେ ରହିବାକୁ ହୋଇଥାଏ। ଅର୍ଥାତ୍ ସମୟ ସୀମା ଗୋଟିଏ ଦିନରୁ ବି ଅଧିକ ହୋଇଥାଏ। ଏଇଠି ନରୁନି ଏଭଳି ଫାଷ୍ଟିଂର ନିୟମ। ଡ୍ରାଏ ଫାଷ୍ଟିଂରେ ସେହି ୩୬ ଘଣ୍ଟା ଖାଦ୍ୟ ତ ଖାଇବେ ନାହିଁ, ପାଣି ବା ଅନ୍ୟ କୌଣସି ପାନୀୟ ପିଇପାରିବେ ନାହିଁ। ଯାହାକୁ କୁହାଯାଏ ନିର୍ଜଳା ଉପବାସ । ଅତୀତରେ ଲୋକମାନେ ପୂଜାପର୍ବ ଅବସରରେ ନିର୍ଜଳା ଉପବାସ ରଖୁଥିଲେ। ସାରା ଦିନ ପାଣି ବୁନ୍ଦାଏ ବି ପେଟକୁ ଯାଉ ନଥିଲା। ଏବେ ସେହି ଉପବାସ ଆଧୁନିକ ପ୍ରଜନ୍ମ କରୁଛନ୍ତି। ତାହା କିନ୍ତୁ ଶରୀରର ଅତିରିକ୍ତ ମେଦ ହ୍ରାସ କରିବା ଉଦ୍ଦେଶ୍ୟରେ ।

ଏହି ଧରଣର ନିର୍ଜଳା ଉପବାସ କରିବା ଦ୍ୱାରା ଶରୀରର ଫୁଲା ଭାବ କମ ଜଣାପଡ଼େ । ତେବେ ଏ ପ୍ରସଙ୍ଗରେ ପୁଷ୍ଟିବିତମାନେ କୁହନ୍ତି ଗୋଟିଏ ଦିନରୁ ଅଧିକ ସମୟ ଧରି କିଛି ନ ଖାଇବା ଦ୍ୱାରା ଶରୀରରେ ଯଥେଷ୍ଟ ପରିବର୍ତ୍ତନ ଆସିପାରେ। ସପ୍ତାହରେ ଯଦି ଦୁଇରୁ ତିନି ଦିନ ଏହି ଧରଣର ଉପବାସ କେହି କରନ୍ତି ତେବେ କିଛି ହେଲେ ବି ଓଜନ କମିବ। କିନ୍ତୁ ଏହି ପଦ୍ଧତିରେ ଶରୀରରୁ ମେଦ ହ୍ରାସ କରିବା ଆଦୌ ସ୍ୱାସ୍ଥ୍ୟସମ୍ମତ ନୁହେଁ । ଏଭଳି ଉପବାସର ଧାରା ଶରୀର ପାଇଁ ବିପଜ୍ଜନକ ହୋଇପାରେ ବୋଲି ନ୍ୟୁଟ୍ରିସନିଷ୍ଟ ଓ ଡାକ୍ତର ଉଭୟ ଚେତାବନୀ ଦେଇଥାନ୍ତି । ଏହି ଉପବାସର ପ୍ରଥମ ଚାରିଘାରେ କୌଣସି ଖାଦ୍ୟ ବା ପାନୀୟ ନଖାଇଲେ ଶରୀର 'କ୍ୟାଟାବଲିକ୍' ପର୍ଯ୍ୟାୟକୁ ଚାଲିଯାଇଥାଏ । ଅର୍ଥାତ୍ ପାଚନ ପ୍ରକ୍ରିୟା ବ୍ୟାହତ ହୋଇଥାଏ। ସେତେବେଳେ ଅତିରିକ୍ତ ମେଦ ଝରାଇ ପୁଷ୍ଟି ଆହରଣର ଚେଷ୍ଟା କରେ ଶରୀର। ଏହାର ଆଠ ଘା ପରେ ରକ୍ତରେ ଶର୍କରାର ମାତ୍ରା କମିବାରେ ଲାଗେ । ଶରୀରରେ ଜମା ଗ୍ଲାଇକୋଜେନ ଭାଙ୍ଗି ଶକ୍ତି ତିଆରି ହୁଏ। ଏହାଦ୍ୱାରା ରକ୍ତରେ ଶର୍କରାର ମାତ୍ରା ମଧ୍ୟ କମିଥାଏ, ପୁଣି ଅତିରିକ୍ତ କ୍ୟାଲୋରି ମଧ୍ୟ ନଷ୍ଟ ହୋଇଥାଏ। ବାର ଘା ପରେ ଶରୀରରେ ଯେତେ ଟିକିଏ ଗ୍ଲୁକୋଜ ଥାଏ ଯାହା ସରିଗଲେ ଲିଭର ସେତେବେଳେ ସଞ୍ଚିତ ଫ୍ୟାନ ବା ମେଦ ଭାଙ୍ଗି ଫ୍ୟାଟି ଏସିଡ଼ ତିଆରି କରେ ଯାହାର ନାଁ କିଟୋନ । ଏହି ପ୍ରକ୍ରିୟାକୁ କୁହାଯାଏ ମେଟାବୋଲିକ୍ ସ୍ୱିଚିଂ। ଶରୀର ଏହି ସମୟରେ କିଟୋସିସ୍ ପର୍ଯ୍ୟାକୁ ଚାଲିଯାଏ ଏବଂ ପ୍ରଚୁର ଫ୍ୟାଟ ବର୍ନ କରିବାରେ ଲାଗେ। ଫଳରେ ଓଜନ ଏକାଥରକେ ଅନେକାଂଶରେ କମିଯାଏ। ଷୋଳଘା ପରେ ଆରମ୍ଭ ହୁଏ 'ଅଟୋଫ୍ୟାଗି'। ଅର୍ଥାତ କୋଷର ପୁନର୍ଗଠନ ହେବା ଆରମ୍ଭ ହୁଏ। କୋଷରେ ଜମା ଉପାଦାନ ଭାଙ୍ଗିବାରେ ଲାଗେ, ନୂଆ କୋଷ ତିଆରି ପ୍ରକ୍ରିୟା ଆରମ୍ଭ ହୁଏ।

ଚବିଶ ଘଣ୍ଟା ପରେ ଶରୀରରେ ପ୍ରଦାହ କମିବାରେ ଲାଗେ। ଯେତେ ଟିକେ କ୍ୟାଲୋରି ଜମା ଥାଏ, ତାହାର ସମସ୍ତ ଖର୍ଚ୍ଚ କରି ଶକ୍ତି ସଞ୍ଚାରିତ ହୁଏ। ଯେହେତୁ ଖାଦ୍ୟ ବା ପାନୀୟ କୌଣସି ଶରୀରରେ ନାହିଁ, ତେଣୁ କ୍ୟାଲୋରୀ ନଷ୍ଟ କରି ଶକ୍ତି ତିଆରି ହୁଏ। ତିରିଶ ଘଣ୍ଟା ପରେ ହରମୋନ ନିଃସରଣ ପ୍ରଭାବପିତ ହେବାରୁ ପେଶିରେ ଜମିଥିବା ମେଦ ଝରିବା ଆରମ୍ଭ କରେ। ଛତିଶ ଘଣ୍ଟା ପରେ ପୁଣି ଥରେ 'ଅଟୋଫ୍ୟାଗି' ପର୍ଯ୍ୟାୟ ଆରମ୍ଭ ହୁଏ। କୋଷର ପୁନର୍ଗଠନ ହେବା ଆରମ୍ଭ କରେ। ତେବେ ସମସ୍ତଙ୍କ ପାଇଁ ଏହି ଧରଣର ଉପବାସ ଆଦୌ ଉପଯୁକ୍ତ ନୁହେଁ। ମଧୁମେହ, ହୃଦରୋଗ, ଲିଭର ସମସ୍ୟା, କ୍ରନିକ୍ କିଡ଼ନୀ ରୋଗ ଭୋଗୁଥିବା ଲୋକମାନେ ଏହି ଧରଣର ଫାଷ୍ଟିଂ କଲେ ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ସାବ୍ୟସ୍ତ ହୋଇପାରେ। ନିର୍ଜଳା ଉପବାସକୁ ଚିକିତ୍ସକମାନେ ଆଦୌ ପ୍ରଶ୍ରୟ ଦିଅନ୍ତି ନାହିଁ। ବରଂ କିଛି ଲୋକଙ୍କ କ୍ଷେତ୍ରରେ ଏହି ଧରଣର ଉପବାସ ହୃତପିଣ୍ଡଜନିତ ସମସ୍ୟା ଡାକି ଡିହାଇଡ୍ରେସନ ବା ଜଳଶୂନ୍ୟତା କାରଣରୁ କିଡ଼ନୀ ଦୁର୍ବଳ ହେବାର ଆଶଙ୍କା ଅଧିକ ରହିଛି ଏହି ଧରଣର ଉପବାସରେ। ମହିଳାମାନଙ୍କ କ୍ଷେତ୍ରରେ ଏହି ଧରଣର ଉପବାସ ଋତୁସ୍ରାବ ଅନିୟମିତ କରିବାର କାରଣ ସାଜିପାରେ । ଦୀର୍ଘ ଦିନ ଧରି ଏହିଭଳି ଡାଏଟ କରିବା ଦ୍ୱାରା ପାଟିରୁ ଦୁର୍ଗନ୍ଧ ବାହାରିବା, ପେଶି ଟାଣି ହେବା, ପେଟ ସମସ୍ୟା, ଅଲସର, କିଡ଼ନୀ ଷ୍ଟୋନ, କୋଷ୍ଠକାଠିନ୍ୟ ଭଳି ସମସ୍ୟା ସୃଷ୍ଟି ହୋଇଥାଏ ବୋଲି ମଧ୍ୟ ଚିକିତ୍ସକମାନେ ଚେତାଇ ଦିଅନ୍ତି। ଏହି ଧରଣର ଉପବାସ କରି ହୃଦଘାତରେ ମୃତ୍ୟୁ ପର୍ଯ୍ୟନ୍ତ ହେବାର ନଜିର ମଧ୍ୟ ଅନେକ ରହିଛି। ତେଣୁ ଏହି ଧରଣର ଉପବାସ ଆଦୌ କରିବେ ନାହିଁ, ଯଦିବା କରିବେ ତେବେ ତାହା କେତେ ଦିନ ପାଇଁ, ଏସବୁ ଚିକିତ୍ସକ, ନ୍ୟୁଟିସନିଷ୍ଟଙ୍କ ପରାମର୍ଶ ଅନୁସାରେ କରିବା ଉଚିତ। ଭାବ ପ୍ରବଣ ହୋଇ ଦୀର୍ଘଦିନ ଧରି ଉପବାସ କରିବା ଶରୀର ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ।

ଏସ୍‌ସିବି ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ନାଗା ସାଧୁ, ଏକ ଅତ୍ୟନ୍ତ ରହସ୍ୟମୟ ଓ ବିସ୍ମୟ ସାଧୁ

■ ଡ. ଅମୂଲ୍ୟ କୁମାର ପଣ୍ଡା ■

ନାଗା ସାଧୁମାନେ ହେଉଛନ୍ତି ହିନ୍ଦୁ ସନ୍ନ୍ୟାସୀ ଯେଉଁମାନେ ସେମାନଙ୍କର ନଗ୍ନତା ଏବଂ ଯୁଦ୍ଧ କଳାରେ ବିଶେଷଜ୍ଞତା ପାଇଁ ପ୍ରସିଦ୍ଧ । ସେମାନେ ବିଭିନ୍ନ ଆଖଡ଼ା ଯଥା ସେମାନଙ୍କ ପୂଜାସ୍ଥଳରେ ରୁହନ୍ତି, ଏହା ଆଦିଗୁରୁ ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ପ୍ରତିଷ୍ଠିତ ଏକ ପରମ୍ପରା । ସେମାନଙ୍କର ଆଶ୍ରମ ହରିଦ୍ୱାର ଏବଂ ଅନ୍ୟାନ୍ୟ ତୀର୍ଥସ୍ଥଳର ଦୂରବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ, ଯେଉଁଠାରେ ସେମାନେ କଠୋର ଶୃଙ୍ଖଳାରେ, ସାଧାରଣ ଜୀବନରୁ ଦୂରରେ ରୁହନ୍ତି । ସେମାନଙ୍କ ସ୍ୱଭାବ ବିଷୟରେ କିମ୍ବଦନ୍ତୀ ମଧ୍ୟ ଭିଡ଼କୁ ଦୂରେଇ ରଖେ । କିନ୍ତୁ ବାସ୍ତବତା ହେଉଛି ସେମାନେ କ୍ୱଚିତ୍ କାହାକୁ କ୍ଷତି ପହଞ୍ଚାନ୍ତି । ତଥାପି, ଯଦି ବିନା କାରଣରେ ଉସୁକାଇ ଦିଆଯାଏ କିମ୍ବା ହଇରାଣ କରାଯାଏ, ତେବେ ସେମାନଙ୍କର କ୍ରୋଧ ଉଗ୍ର ହୋଇଯାନ୍ତି । କୁହାଯାଏ ଯେ ଯଦିଓ ବିଶ୍ୱ ତା'ର ରୂପ ପରିବର୍ତ୍ତନ କରିବାକୁ ଲାଗିଥାଏ, ତଥାପି ଶିବ ଏବଂ ଅଗ୍ନିଙ୍କ ଏହି ଭକ୍ତମାନେ ସମାନ ରୂପରେ ରହିବେ । ନାଗା ସାଧୁମାନେ ତିନି ପ୍ରକାରର ଯୋଗ ଅଭ୍ୟାସ କରନ୍ତି ଯାହା ସେମାନଙ୍କୁ ଥଣ୍ଡା ସହ ମୁକାବିଲା କରିବାରେ ସାହାଯ୍ୟ କରେ । ସେମାନେ ସେମାନଙ୍କର ଚିନ୍ତାଧାରା ଏବଂ ଖାଦ୍ୟ ଅଭ୍ୟାସ ଉଭୟରେ ସଂଯମ ଅଭ୍ୟାସ କରନ୍ତି । ନାଗା ସାଧୁମାନେ ଏକ ସାମରିକ ସମ୍ପ୍ରଦାୟ ଏବଂ ରେଜିମେଣ୍ଟରେ ବିଭକ୍ତ । ସେମାନେ ତ୍ରିଶୂଳ, ଖଣ୍ଡା, ଶଙ୍ଖ ଏବଂ ଚିଲମ୍ ସହିତ ସେମାନଙ୍କର ସାମରିକ ସ୍ଥିତି ପ୍ରଦର୍ଶନ କରନ୍ତି । ଏହି ସାଧୁମାନଙ୍କୁ ପ୍ରାୟତଃ କୁମ୍ଭମେଳାରେ ଦେଖାଯାଏ । କୁମ୍ଭମେଳାରେ ନାଗା ସାଧୁମାନଙ୍କ ବିଷୟରେ ବହୁତ କୌତୁହଳ ଏବଂ ଆଗ୍ରହ ରହିଛି, ବିଶେଷକରି ବିଦେଶୀ ପର୍ଯ୍ୟଟକଙ୍କ ମଧ୍ୟରେ । କାରଣ ସେମାନେ କୌଣସି ପୋଷାକ ପିନ୍ଧନ୍ତି ନାହିଁ, ଶିବ ଭକ୍ତ, ନାଗା ସାଧୁମାନଙ୍କୁ ଦିଗମ୍ବର ମଧ୍ୟ କୁହାଯାଏ, ଅର୍ଥାତ୍ ଯାହାଙ୍କ ପୋଷାକ ଆକାଶ । ଧୂପ ଜାଳିବା ପରେ ଶରୀର ସାରା ପାଉଁଶ ଲାଗିବା ସହିତ, ଏହି ସାଧୁମାନେ କୁମ୍ଭମେଳାରେ କେବଳ ରାଜକୀୟ ସ୍ନାନ ସମୟରେ ଭକ୍ତମାନଙ୍କ ସମ୍ମୁଖରେ ଖୋଲାଖୋଲି ଭାବରେ ଦେଖାଯାଆନ୍ତି । ସେମାନେ ସାଧାରଣତଃ ଗଣମାଧ୍ୟମଠାରୁ ଦୂରତା ବଜାୟ ରଖନ୍ତି ।

ଅଧିକାଂଶ ନାଗା ସାଧୁ ପୁରୁଷ, ଏବଂ କିଛି ମହିଳା ମଧ୍ୟ ନାଗା ସାଧୁ, କିନ୍ତୁ ସେମାନେ ସାଧାରଣତଃ ସାର୍ବଜନୀନ ଭାବରେ ଉଲଗ୍ନ ରୁହନ୍ତି ନାହିଁ, ବରଂ ଏକ ଗେରୁଆ ପୋଷାକ ପିନ୍ଧନ୍ତି । ଭାରତୀୟ ସନାତନ ଧର୍ମର ବର୍ତ୍ତମାନର ରୂପର ମୂଳଦୁଆ ଆଦିଗୁରୁ ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ସ୍ଥାପନ କରାଯାଇଥିଲା । ଶଙ୍କରାଚାର୍ଯ୍ୟଙ୍କ ଜନ୍ମ ଅଷ୍ଟମ ଶତାବ୍ଦୀର ମଧ୍ୟଭାଗରେ ହୋଇଥିଲା, ଯେତେବେଳେ ଭାରତୀୟ ମାନସିକତାର ଅବସ୍ଥା ଏବଂ ଦିଗ ବହୁତ ଭଲ ନଥିଲା । ଭାରତର ଧନସମ୍ପତ୍ତିରେ ଆକର୍ଷିତ ହୋଇ ଅନେକ ଆକ୍ରମଣକାରୀ ଭାରତକୁ ଆସୁଥିଲେ । କେତେକ ସେହି ଧନସମ୍ପତ୍ତିଗୁଡ଼ିକୁ ସାଙ୍ଗରେ ନେଇଯାଉଥିଲେ, ଯେତେବେଳେ ଅନ୍ୟମାନେ ଭାରତର ଦିବ୍ୟ ଆଭାରେ ମୋହିତ ହୋଇ ଏଠାରେ ବସତି ସ୍ଥାପନ କରିଥିଲେ । କିନ୍ତୁ ସାମଗ୍ରିକ ଭାବରେ, ସାଧାରଣ ଶାନ୍ତି ଏବଂ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଯାଇଥିଲା । ଈଶ୍ୱର, ଧର୍ମ ଏବଂ ଶାସ୍ତ୍ରଗୁଡ଼ିକ ତର୍କ, ଅସ୍ତ୍ରଶସ୍ତ୍ର ଏବଂ ଶାସ୍ତ୍ରଗୁଡ଼ିକ ଦ୍ୱାରା ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଥିଲେ । ଏହି ପରିପ୍ରେକ୍ଷୀରେ, ଶଙ୍କରାଚାର୍ଯ୍ୟ ସନାତନ ଧର୍ମ ପ୍ରତିଷ୍ଠା ପାଇଁ ଅନେକ ପଦକ୍ଷେପ ନେଇଥିଲେ, ଯେଉଁଥିରୁ ଦେଶର ଚାରି କୋଣରେ ଚାରୋଟି ପୀଠ ପ୍ରତିଷ୍ଠା ହୋଇଥିଲା । ଏଗୁଡ଼ିକ ଥିଲା ଗୋବର୍ଦ୍ଧନ ପୀଠ, ଶାରଦା ପୀଠ, ଦ୍ୱାରିକା ପୀଠ ଏବଂ ଜ୍ୟୋର୍ତିମଠ ପୀଠ । ଏହା ବ୍ୟତୀତ, ଆଦିଗୁରୁ ମଠ ଏବଂ ମନ୍ଦିରର ସମ୍ପତ୍ତି ଲୁଟୁଥିବା ଏବଂ ଭକ୍ତମାନଙ୍କୁ ହଇରାଣ କରୁଥିବା ଲୋକଙ୍କ ମୁକାବିଲା କରିବା ପାଇଁ ସନାତନ ଧର୍ମର ବିଭିନ୍ନ ସମ୍ପ୍ରଦାୟର ସଶସ୍ତ୍ର ଶାଖା, ଅଖାର ବା ସଶସ୍ତ୍ର ଶାଖା ପ୍ରତିଷ୍ଠା ଆରମ୍ଭ କରିଥିଲେ । ଆଦିଗୁରୁ ଶଙ୍କରାଚାର୍ଯ୍ୟ ଅନୁଭବ କରିଥିଲେ ଯେ ସାମାଜିକ ବିଭ୍ରାଟର ସେହି ଯୁଗରେ, କେବଳ ଆଧ୍ୟାତ୍ମିକ ଶକ୍ତି ଏହି ଚ୍ୟାଲେଞ୍ଜଗୁଡ଼ିକର ମୁକାବିଲା କରିବା ପାଇଁ ଯଥେଷ୍ଟ ନୁହେଁ । ସେ ଗୁରୁତ୍ୱାରୋପ କରିଥିଲେ ଯେ ଯୁବ ସନ୍ନ୍ୟାସୀମାନେ ଶାରୀରିକ ବ୍ୟାୟାମ ମାଧ୍ୟମରେ ନିଜ ଶରୀରକୁ ମଜବୁତ କରିବା ଏବଂ ଅସ୍ତ୍ରଶସ୍ତ୍ରରେ ଦକ୍ଷତା ହାସଲ କରିବା ଉଚିତ । ତେଣୁ, ଏପରି ବ୍ୟାୟାମ ଏବଂ ଅସ୍ତ୍ରଶସ୍ତ୍ର ପରିଚାଳନା ଅଭ୍ୟାସ କରାଯାଉଥିବା ସ୍ଥାନରେ ମଠଗୁଡ଼ିକ ପ୍ରତିଷ୍ଠିତ ହୋଇଥିଲା । ଏହି ମଠଗୁଡ଼ିକୁ ଆଖରା ଭାବରେ ଜଣାଶୁଣା କରାଯାଇଥିଲା । ସାଧାରଣ ଭାଷାରେ, ଆଖରାଗୁଡ଼ିକ ସେହି ସ୍ଥାନଗୁଡ଼ିକୁ ମଧ୍ୟ ବୁଝାଏ ଯେଉଁଠାରେ ମଲ୍ଲଯୋଦ୍ଧାମାନେ ଜିମ୍ନାଷ୍ଟିକ୍ କୌଶଳ ଶିଖନ୍ତି । ସମୟ ସହିତ, ଆହୁରି ଅନେକ ଆଖରା ଅସ୍ତିତ୍ୱ ପାଇଲା । ଶଙ୍କରାଚାର୍ଯ୍ୟ ଆଖରାଗୁଡ଼ିକୁ ମଠ, ମନ୍ଦିର ଏବଂ ଭକ୍ତମାନଙ୍କୁ ସୁରକ୍ଷା ଦେବା ପାଇଁ ଆବଶ୍ୟକ ହେଲେ ବଳ ପ୍ରୟୋଗ କରିବାକୁ ପରାମର୍ଶ ଦେଇଥିଲେ । ଏହିପରି, ବାହ୍ୟ ଆକ୍ରମଣର ସେହି ସମୟରେ ଏହି ଆଖରାଗୁଡ଼ିକ ଏକ ସୁରକ୍ଷା କବଚ ଭାବରେ କାର୍ଯ୍ୟ କରିଥିଲେ ।

ବିଦେଶୀ ଆକ୍ରମଣର ସାମ୍ନାରେ ସ୍ଥାନୀୟ ରାଜାମାନେ ପ୍ରାୟତଃ ନାଗା ଯୋଦ୍ଧା ସନ୍ନ୍ୟାସୀଙ୍କ ସାହାଯ୍ୟ ଲୋଡ଼ିଥିଲେ । ଇତିହାସ ଅନେକ ଗୌରବମୟ ଯୁଦ୍ଧର ବର୍ଣ୍ଣନା କରେ ଯେଉଁଥିରେ ୪୦୦୦୦ ରୁ ଅଧିକ ନାଗା ଯୋଦ୍ଧା ଅଂଶଗ୍ରହଣ କରିଥିଲେ । ଯେତେବେଳେ ଅହମଦ ଶାହ ଅବଦାଲି ମଥୁରା-ବୃନ୍ଦାବନ ପରେ ଗୋକୁଳ ଉପରେ ଆକ୍ରମଣ କରିଥିଲେ, ନାଗା ସାଧୁମାନେ ତାଙ୍କ ସୈନ୍ୟବାହିନୀ ସହିତ ଯୁଦ୍ଧ କରି ଗୋକୁଳକୁ ରକ୍ଷା କରିଥିଲେ । ଭାରତର ସ୍ୱାଧୀନତା ପରେ, ଏହି ଆଖରାଗୁଡ଼ିକ ସେମାନଙ୍କର ସାମରିକ ଚରିତ୍ର ପରିତ୍ୟାଗ କରିଥିଲେ । ଏହି ଆଖରାଗୁଡ଼ିକର ମୁଖ୍ୟମାନେ ଗୁରୁତ୍ୱାରୋପ କରିଥିଲେ ଯେ ସେମାନଙ୍କର ଅନୁଗାମୀମାନେ ଭାରତୀୟ ସଂସ୍କୃତି ଏବଂ ଦର୍ଶନର ସନାତନ ମୂଲ୍ୟବୋଧକୁ ଅଧ୍ୟୟନ ଏବଂ ପାଳନ କରି ଏକ ଶୃଙ୍ଖଳିତ ଜୀବନଯାପନ କରିବା ଉଚିତ ।

*ଅରଙ୍ଗାବାଦ ବରୀ ଯାଜପୁର*
*ମୋ. ୮୨୪୯୫୦୨୭୭୬*



# ସପ୍ତମ ଋତୁ ପଞ୍ଚମ ସ୍ୱର

## ସାହିତ୍ୟ ଆସର

## ଡାଇରୀ ସାଇତା କବିତା



● ରମେଶ ମଙ୍ଗରାଜ

**୪୭୨**

ସମୁଦ୍ର କୂଳରେ ବସି
ଜଳବିନା ତଣ୍ଟି ମୋ ଶୁଖୁଛି
ପାଣି ଅଛି ମୁଁ ଅଛି
ଇଚ୍ଛା ମୋର ଇଚ୍ଛାରେ ରହିଛି ।୧।

ଅଗାଧ ସାଗର ପାଣି
ଶୋଷ ମୋର ମେଣ୍ଟ ପାରୁନାହିଁ
ଲୋକଦେଖାଣିଆ ଭାବ
ସେ ସରାଗେ ମିଠାପଣା କାହିଁ ।୨।

ସମୁଦ୍ର ତ ଗର୍ଜୁଥିବ
କୂଳଲଘିପାରିବନି କେବେ
ଶୋଷରେ ମୁଁ ରହିଯିବି
ଏକଥା ତ ବୁଝିଲାଣି ଏବେ ।୩।

**୪୭୩**

ସବୁ ହସ ହସ ନୁହେଁ
ସବୁ ଲୁହ ନୁହଁଇ ତ ଲୁହ
ଟିକେ ହସ ଖୁସି ଦିଏ
ବୁନ୍ଦେ ଲୁହ ଭରି ଦିଏ କୋହ ।୧।

ଛଳନାର ମିଠା ହସ
ସଂସାରରେ ଲୋକଦେଖାଣିଆ
କୁମ୍ଭୀର କାନ୍ଦଣା ଲୁହ
ମିଛଟାରେ ବୁଲାଏ ତ ଭୂଆଁ ।୨।

ପ୍ରକୃତ ନିଛକ ହସ
ଟନିକ୍‌ର ସମ ଗୁଣ ଦିଏ
ସତ୍ୟର ଦରଦୀ ମନ
ଦୁଃଖ ପାଇଁ ଲୁହ ନିଗିଡାଏ ।୩।

**୪୭୪**

ଡାର୍ଟିଗାର୍ଲ ହୋଇଗଲି
ତମ ଦ୍ୱାରା ପର୍ଣ୍ଣ ଭିଡିଓରେ
ଅଘଟଣ ଘଟିଗଲା
ମୋ ପାଇଁ କି କ୍ଷଣକ ଭିତରେ ।୧।

କଳାରେ କାଉଚ ଚାଲେ
ଏଇକଥା ଜାଣିଲା ବେଳକୁ
ଆଖିରୁ ଲୁହ ଝରାଇ
ଖୁସିଥିଲି ତଳକୁ ତଳକୁ ।୨।

ନର୍କକୁଣ୍ଡେ ଷଢ଼େ ଏବେ
ସ୍ୱର୍ଗସୁଖ ସପନ ହୋଇଛି
ପାଦ ଖସିଯିବା ପରେ
ଅନୁତାପ ଜ୍ୱାଳାରେ ଜୀଇଁଛି ।୩।

**ମହୁଲ, ଅଙ୍ଗାରପଡ଼ା, ଖୋର୍ଦ୍ଧା**
**ମୋ. ୯୧୭୮୭୨୧୭୨୮୦**

## କାନ୍ଥ



● କନିଷ୍କ

ବ୍ରହ୍ମା ବିଷ୍ଣୁ ମହେଶ୍ୱର
ଏଇଠି ମୁଁ ଲେଖିଥିଲି
ଖଡିରେ,
ଅ ଆ... କ ଖ...
ଆଉ ଆଉ ପାଠ...,
ପ୍ରଥମ ପାଠ
କାନ୍ଥରେ !

ମୋ ଭାଇ ବି !

ଗଛ ଗାଈ ମେଣ୍ଢା ଚଢେଇ
ଘର ପାହାଡ ନଈ...
ଆଙ୍କିଥିଲି କେତେ କେତେ ଚିତ୍ର !
ଏଇଠି
କାନ୍ଥରେ !

ମୋ ଭାଇ ବି !

ପିଲାଦିନର ଛୋଟ ଛୋଟ ଗୀତ
ଆମେ ଲେଖିଥିଲୁ ଏଇଠି
ଏକାଠି,
କାନ୍ଥରେ !

ମୋ ବୋଉ ଆଉ ଅପା
କଳସ ପଇଡ ଆମ୍ବଡାଳ
ଧାନ ଫୁଲ ଶୁଭଶଂଖ
ଓ ଆଉ ଆଉ ବାହାଚିତା...
ଆଙ୍କିଥିଲେ,
ମୋ ଭାଇର !
ମୋର ବି !
ଏଇ କାନ୍ଥରେ !

ଏବେ ଆଉ ସେ କାନ୍ଥ ନାଇଁ,
ମାଟି କାନ୍ଥ !

ଆମେ ତିଆରି କରିଚୁ
ନୂଆ କାନ୍ଥ ଇଟାରେ,
ଆମ ମଝିରେ !

# କବି–ଗାଳ୍ପିକଙ୍କୁ ଭଡ଼ାଘର ମିଳେନା!

## କଥା ଏତିକି

● ସୁନୀଲ ବୋଷ



**ଆ**ମ ଏଠି କବିଟିଏ, ଗାଳ୍ପିକଟିଏ ଅବା ଛବି ଆଙ୍କୁଥିବା ଶିଳ୍ପୀଟିଏ ନିଜକୁ ସେଇ ପରିଚୟରେ ପରିଚିତ କରେଇ ପାରିନାହାନ୍ତି ଏଯାଏଁ । ଜଣେ ଯଦି କହେ ସେ କବିତା ଲେଖେ ବା ଗପ ଲେଖେ ତା' ହେଲେ ପୁଣି ପ୍ରଶ୍ନ ଆସିବ– ଗପ କବିତା ଲେଖ ଯେ, ଆଉ କ'ଣ କର? ମାନେ ଚାକିରି କି ବେପାର କିଛି ନାହିଁ? ଚଳୁଛ କେମିତି?

ଗପ ଲେଖି, କବିତା ଲେଖି କିମ୍ବା ଛବି ଆଙ୍କି ଯେ ବଞ୍ଚିହୁଏ ସେମିତି ପରିବେଶ ଏଯାଏଁ ସୃଷ୍ଟି ହୋଇନି ଆମ ରାଜ୍ୟରେ । ସୃଜନଶୀଳତା କହିଲେ ଗୋଟେ ଦୁଃସ୍ଥ ଅସଫଳ ସାଧନାକୁ ବୁଝାଏ । ଯାହାକୁ ଆଦରିଲେ ନିଅଣ୍ଟ ଭିତରେ ବଞ୍ଚିବାକୁ ପଡ଼େ । ଏମିତି ଗୋଟେ ଧାରଣା ଦୂର ହେଇନି ଏଯାଏ ଲୋକଙ୍କ ମନରୁ ।

କବି, ଗାଳ୍ପିକ, ସାହିତ୍ୟିକ, ଶିଳ୍ପୀ– ଏସବୁ ପରିଚୟରେ ଭଡ଼ାଘର ମିଳେନା । ବ୍ୟାଙ୍କ ଋଣ ଦିଏନା । ପ୍ରେମିକା ମିଳନ୍ତି କିନ୍ତୁ କେହି ବାହା ହେବାକୁ ସାହସ କରନ୍ତିନି । ଗପ କବିତାର ଖୁବ୍ ପ୍ରଶଂସା କରନ୍ତି ସେମାନେ । ପ୍ରେମିକ ଚିତ୍ରଶିଳ୍ପୀ ହୋଇଥିଲେ ଫାବ୍ରିକ ପ୍ରିଣ୍ଟର ଡିଜାଇନ୍ କରେଇ ନିଅନ୍ତି ଶାଢ଼ିରେ । କିନ୍ତୁ ବାହା ହୁଅନ୍ତି ସରକାରୀ କିରାଣିକୁ । ନହେଲେ ବାପା–ମା'ଙ୍କ ପସନ୍ଦ ସହିତ ସାଲସ୍ କରିନିଅନ୍ତି । ସିନେମାରେ କେବଳ କବି ଗାଳ୍ପିକଙ୍କ କାଟ୍‌ତି ରହିଛି । ଆକାଶଛୁଆଁ ମହଲରେ ରହୁଥିବା ସୁନ୍ଦରୀ ବି କବିକୁ ବାହା ହେବା ପାଇଁ ଘର ଛାଡ଼ି ଦେଇପାରେ । କିନ୍ତୁ ବାସ୍ତବତା ୟା' ଠାରୁ ସମ୍ପୂର୍ଣ୍ଣ ଅଲଗା ।

ଏଇ କାରଣରୁ ଆମ ଏଠି ଗପ, କବିତା ଏବଂ ସାହିତ୍ୟକୁ ବୃତ୍ତି କରି ବଞ୍ଚିବାର ଦୁଃସାହସ କେହି କରନ୍ତିନି । ଉଚ୍ଚପଦସ୍ଥ ବାବୁମାନେ ଏଠି କଲମ ଚଳାନ୍ତି, ସେମାନଙ୍କ ମୂଳ ପରିଚୟ ସେମାନଙ୍କ ସରକାରୀ ପଦବୀ ।

ଅନେକ ଦିନ ତଳେ ଟାଟା କମ୍ପାନୀର ଗୋଟେ ବିଜ୍ଞାପନ ହୋଡିଂ ଆପଣଙ୍କ ଆଖିରେ ହୁଏତ ପଡ଼ିଥିବ । ସେଥିରେ ଲେଖାଥାଏ– We also make Steel, ଆମେ ମଧ ଷ୍ଟିଲ୍ ତିଆରି କରୁ । ଏତେ ବଡ଼ ଲୌହ ଇସ୍ପାତ ଉତ୍ପାଦନକାରୀ କମ୍ପାନୀ ହୋଇ ମଧ ଲୁଣ, ଅଟା, ସାବୁନର ନିର୍ମାତା ପରିଚୟରେ ପରିଚିତ ହେବାକୁ ତାଙ୍କର କୁଣ୍ଠା ନାହିଁ । ଆମ ଏଠିକା ନାମୀ ଲେଖକଙ୍କ ମୂଳ ପରିଚୟ ସେମାନଙ୍କ ପଦବୀ କିମ୍ବା ନିଜ ଦେହରେ ବାଜିଥିବା ଆଇଏଏସ୍ ମୋହର । କବି ଲେଖକଙ୍କ ଦେହରେ ଏସବୁ ମୋହର ଥିଲେ ପ୍ରକାଶକମାନେ ଆଗ୍ରହର ସହ ସେମାନଙ୍କ ବହି ଛାପିଥାଆନ୍ତି । ସାଦା ଗାଳ୍ପିକ କିମ୍ବା କବିଟିଏ ହୋଇଥିଲେ ରୁକ୍ଷ ଭାବରେ କହନ୍ତି– ଆଜିକାଲି କିଏ ପଢୁଛି ଗପ କବିତା? ବିକ୍ରି ହେଉଛି ବହି? ତାଜାରେ ପଡ଼ି ପଡ଼ି କେତେ ବହି ଖତ ଖାଉଚି ଆସନ୍ତୁ ଦେଖିବେ । ଆଉ କ୍ଷତି ସହିବାକୁ ଇଚ୍ଛା ନାହିଁ ।

ଆମ ଏଠି ସାହିତ୍ୟକୁ ଗୋଟେ କ୍ଷତିକାରକ ନିଶା ଭାବରେ ବାପା–ମା'ମାନେ ମଧ ବିବେଚନା କରନ୍ତି । ''କ'ଣ ମିଳୁଛି ସେ ଗପ କବିତା ଲେଖାରୁ? ସବୁବେଳେ ସେଇ ଗପ କବିତାରେ ବୁଡ଼ିଥା''– ଏମିତି କଟୁ ମନ୍ତବ୍ୟ ଏବେବି କାନରେ ପଡ଼େ । ତେଣୁ ସାହିତ୍ୟକୁ ବୃତ୍ତି କରି ଯେ, ସୁସ୍ଥ ଭାବରେ ବଞ୍ଚିହେବ ସେ କଥା ଆଜିବି ଭାବିପାରନ୍ତିନି ସେମାନଙ୍କ ପିଲାମାନେ କବି, ଗାଳ୍ପିକଙ୍କ ସ୍ଥିତି ଏଠି ଖୁବ୍ ଦୟନୀୟ ।

ରଫୁକରା ପଞ୍ଜାବି ପିନ୍ଧା ଦୁର୍ବଳ ମଣିଷଟିଏ, ଗାଲରେ ଖୁଣ୍ଟାଖୁଣ୍ଟା ଦାଢ଼ି ଥିବ, ମୁହଁ ଶୁଖିଯାଇଥିବ– ଏମିତି ଏକ ମଣିଷର ଛବି କବି ଏବଂ ଲେଖକ ଭାବରେ ଏବେବି ଆମ ମନରେ ଆସ୍ଥାନ ଜମାଇଛି । ଆମ ଏଠି ସାହିତ୍ୟିକର ଚେହେରା ଖୁବ୍ ଦୁଃସ୍ଥ । ଭାଷାକୁ ଭଲପାଉଥିଲେ ସାହିତ୍ୟ ଆଉ ସାହିତ୍ୟିକ କି? ଚେହେରା କ'ଣ ଏମିତି ହୁଅନ୍ତା ? ସେଥିପାଇଁ ସାହିତ୍ୟ ଖୁବ୍ ଅଲୋଡ଼ା ଆମ ରାଜ୍ୟରେ ।

# ସବୁଜ ସନ୍ତକ

● ମୋନାଲିସା ଜେନା



**ଆ**ମେ ଏଇ ସହରକୁ ଆସିବାର ଦୁଇବର୍ଷ ହୋଇଗଲା । ଏ ବର୍ଷର ଖରାଦିନଟା ଏତେ କଷ୍ଟକର ଥିଲା ଯେ, ଆମେ ଘର ବଦଳାଇବାକୁ ଚିନ୍ତା କରୁଥିଲୁ । ଅନ୍ତତଃ ଘରଟାକୁ ଘେରି ଗୁଡ଼ାଏ ବଡ଼ ଗଛ ରହୁ ବୋଲି ସମସ୍ତଙ୍କର ମତ। ଗତ ବର୍ଷ ଗୋଟିଏ ବିଶାଳ ଆମ୍ବଗଛର ଛାଇ ଆମକୁ ଖରାତାପରୁ ବଞ୍ଚାଇଥିଲା । ଝଙ୍କାଳିଆ ଆମ୍ବଗଛଟାର ଶାଖା ପ୍ରଶାଖା ସବୁ ଆମ ଭଡ଼ାଘରର ଛାତ ଉପର ଦେଇ ଛତାପରି ମେଲାଇ ହୋଇ ରହିଥିଲା । ଛାତ ଉପରକୁ ଗଲେ ପିଲାମାନେ ତା'ରି ଡାଳରେ ଯାଇ ବସିପଡୁଥିଲେ । ବସନ୍ତଋତୁରେ ଅନେକ ଚଢେଇ ଆସି ସେଠି ବସା ବାନ୍ଧୁଥିଲେ । ଖରାଦିନେ ଗଛଟାରେ ଆମ୍ବ ଭର୍ତ୍ତି ହୋଇଯାଏ, ସୁଆଦିଆ ମିଠା ଆମ୍ବ ।

ଭଡ଼ାଘରର ସାମ୍ନା ଫାଳକରେ ଗୃହକର୍ତ୍ତା ରହନ୍ତି ଓ ପଛଫାଳକରେ ଆମର ପରିବାର । ସାମ୍ନାରେ ଥିବା ଖୋଲାଜାଗାଟାରେ ଚେୟାର ପକାଇ ସମସ୍ତେ ବସୁ । ଗୃହକର୍ତ୍ତା ଓ ତାଙ୍କର ପତ୍ନୀ ଏକା ରହୁଥାନ୍ତି ସେମାନଙ୍କର ଅନେକ ବନ୍ଧୁ ସେମାନଙ୍କୁ ଭେଟିବାକୁ ଆସିଥାନ୍ତି । ପ୍ରାୟ ସମସ୍ତେ ସେଇ ଆମ୍ବଗଛର ଛାଇ ତଳେ ବସନ୍ତି ଓ ସେଇଠି ହିଁ ଆସର ଜମେ ।

ଖରାଦିନେ ଆସରର ସମୟ ବଢେ । ଆମ୍ବ ଖାଇବାକୁ ବି ଅନେକ ବନ୍ଧୁ ଆସନ୍ତି । ମନେହୁଏ, ଗଛର ଆମ୍ବ ସବୁ କେବଳ ସେଇମାନେ ଯାହା ଖାଆନ୍ତି, ଗଛରୁ ତୋଳି ନିଜେ ଖାଇବା ବା କାହାକୁ ଦିଆଯିବା ଦେଖାଯାଏ ନାହିଁ । ଓପର ଓଳିଟା ସାରା ବୃଦ୍ଧଜଣକ ଆର୍ମଚେୟାର ପକାଇ ଆମ୍ବଗଛକୁ ଚାହିଁ ରହିଥାନ୍ତି, ସତେ ଯେମିତି ଆମ୍ବଗଛଟା ସହ ତାଙ୍କର ସଂପର୍କ କେଉଁ କାଳରୁ । ବେଳେବେଳେ ଯାଇ ଶୁଖିଲାପତ୍ର ସବୁ ଗୋଟେଇ ଦିଅନ୍ତି ଓ ଗଛଟାକୁ ଆଦରରେ ଆଉଁଶି ପକାନ୍ତି । ହେଲେ ତାଙ୍କର ସ୍ତ୍ରୀଙ୍କୁ କେବେ କେହି ଏଥିରେ ସାମିଲ୍ ହେବା ଦେଖିନାହାନ୍ତି । ଗଛକୁ ଭଲ ପାଇବାଟା ତ ଦୂରର କଥା, ଏ ଗଛର ଆମ୍ବ ଓଲଟି ତାଙ୍କୁ ଖରାପ ଲାଗେ । ଅନେକ ସମୟରେ ଗଛଟାକୁ ହାଣି ଦେବା ଲାଗି ବୁଢାବୁଢୀଙ୍କ ଭିତରେ ଝଗଡା ଲାଗେ । ଫଳନ୍ତି ଗଛଟାକୁ କାଟି ପକାଇବାର କୌଣସି କାରଣ ନାହିଁ, କିନ୍ତୁ ତାଙ୍କ ସ୍ତ୍ରୀଙ୍କର ଏଭଳି ଜିଦ୍ ଆମକୁ ଆଶ୍ଚର୍ଯ୍ୟ କରେ ।

ଆମେ ସେତେବେଳେ ନୂଆ । ଦିନେ ଖରାବେଳେ ପିଲାମାନେ ଖେଳିବାକୁ ଚାଲିଯିବା ପରେ ଆସି ବାହାରେ ଗୋଟିଏ ଚେୟାର ପକାଇ ମୁଁ ବସିଲି । ବିଜୁଳି ଚାଲିଗଲେ ଘର ଭିତରେ ରହିବା କଷ୍ଟକର । ସେତେବେଳେ ବୃଦ୍ଧଜଣକ ବି ବାହାରକୁ ଆସି ତାଙ୍କର ଆର୍ମଚେୟାରରେ ବସି ପଡ଼ିଲେ । ଆମ୍ବଗଛକୁ ଚାହିଁବା ମାତ୍ରକେ ତାଙ୍କ ମୁହଁରେ ଗୋଟିଏ ତୃପ୍ତିର ହସ ଖେଳିଯାଏ । କଥାବାର୍ତ୍ତା ଆରମ୍ଭ କରିବାକୁ ଯାଇ ମୁଁ କହିଲି, ଆମ୍ବଗଛଟା ସତରେ ବଡ଼ ଉପକାରୀ, କେବଳ ମିଠାଫଳ ନୁହେଁ, ଏହାର ଛାଇ ଲାଗି ଖରାତାପରୁ ମୁକ୍ତି ମିଳୁଛି ।

ସେ ମନଖୁସିରେ କହି ପକାଇଲେ, ଏଇଟା ମୋର ବାନ୍ଧବୀ ଲଗାଇଥିଲା ଚାଳିଶ ବର୍ଷ ତଳେ ।

ସେତେବେଳେ ତାଙ୍କୁ ଛବିଶ ବର୍ଷ ବୟସ । ଘରଟା ନୂଆ କରି ତୋଳା ହୋଇଥାଏ । ସେମାନଙ୍କର ଅନେକ ବନ୍ଧୁ ଥିଲେ ଓ ସେମାନେ ଏଇ ଘରଟିରେ ହିଁ ଏକାଠି ହେଉଥିଲେ । ବାନ୍ଧବୀଜଣକ ସେତେବେଳେ ଅନ୍ୟଜଣେ ବନ୍ଧୁଙ୍କର ବାକ୍‌ଦତ୍ତା ହୋଇସାରିଥିଲେ । ତଥାପି ଭଲ ପାଇବାର ସେଇ ଅବୁଝା, ଅଝଟ ମନ ଦୁହିଁଙ୍କୁ ସ୍ପର୍ଶ କରିଥିଲା । ସେଇ ଭଲପାଇବାର କୌଣସି ପରିଣାମ ସମ୍ଭବ ନ ଥିଲେ ବି ସେମାନେ ଯେ ପରସ୍ପର ପ୍ରତି ଆକୃଷ୍ଟ ହୋଇ ପଡ଼ିଥିଲେ, ସେ କଥା ପ୍ରାୟତଃ ସମସ୍ତେ ଜାଣିଥିଲେ । ସେମାନେ ନିୟମିତ ପରସ୍ପରକୁ ଭେଟୁଥିଲେ ଓ ପରସ୍ପରର ସାନ୍ନିଧ୍ୟଲାଭ ସଂସାରର ସବୁ ସୁଖ ଠାରୁ ପ୍ରୀତିପ୍ରଦ ଥିଲା । ଅବିବାହିତ ଗୃହକର୍ତ୍ତା ଭଦ୍ରମହିଳାଙ୍କର ଗୁଣଗାନ ସର୍ବସମକ୍ଷରେ କରୁଥିଲେ ଓ ବାନ୍ଧବୀଜଣକ ମଧ୍ୟ ଏହାର ହକ୍‌ଦ୍ରାର ଥିଲେ । ବୋଧହୁଏ ସେମାନେ କେଉଁ ସ୍ୱର୍ଗୀୟ ସୁଖର ଅଧିକାରୀ ଥିଲେ ଓ ସାମାଜିକ ବାଧାବନ୍ଧନରେ ବାନ୍ଧି ହୋଇଯିବାଟାକୁ ଉଦ୍ଦେଶ୍ୟକରି ବନ୍ଧୁମହଲରେ କେବେ କଟୂକ୍ତି ବା ଅବାଞ୍ଛିତ ବକ୍ତବ୍ୟ ଶୁଣାଯାଉ ନ ଥିଲା । ବୋଧହୁଏ ଭଲପାଇ ପାରୁଥିବା ସଚ୍ଚା ମଣିଷମାନଙ୍କୁ ସାରାଦୁନିଆ ଭଲ ପାଇଥାଏ ।

ଦିନେ ବନ୍ଧୁମାନେ ଏକାଠି ହୋଇଥାନ୍ତି । ଖରାବେଳେ କେହି ଜଣେ ମିଠା ଆମ୍ବ ବଜାରରୁ କିଣି ଆଣିଥାନ୍ତି । ବାନ୍ଧବୀଙ୍କର ଆସିବାକୁ ଡେରି ହେବାରୁ ସମସ୍ତେ ଆମ୍ବ କାଟି ଖାଇଲେ । ଶେଷକୁ ଟାକୁଆ ସବୁ ପ୍ଲେଟ୍‌ରେ ବଳିଥାଏ । ବାନ୍ଧବୀ ଆସି ପହଞ୍ଚିବା ମାତ୍ରେ ସମସ୍ତେ ତାଙ୍କୁ ଥଟ୍ଟା କରି ଟାକୁଆ ଭର୍ତ୍ତି ଆମ୍ବଥାଳି ଧରାଇ ଦେଇଥିଲେ । ସେ କିନ୍ତୁ ଚୁପ୍‌ଚାପ୍ ଟାକୁଆ ଖାଇ ଗୋଟିଏ ଟାକୁଆକୁ ଗେଟ୍ ପାଖରେ ଲଗାଇ ଦେଲେ । ସେଦିନର କଥା ସମସ୍ତେ ଭୁଲିଯାଇଥିଲେ ।

ଏହାପରେ ଗୃହକର୍ତ୍ତାଙ୍କର ଅନ୍ୟ ସହରକୁ ବଦଳି ହୋଇଯାଇଥିଲା ଓ ତାଙ୍କର ବାନ୍ଧବୀଙ୍କର ମଧ ବିବାହ ହୋଇଯାଇଥିଲା। ପ୍ରାୟ ତିନିବର୍ଷ ପରେ ଯେତେବେଳେ ଗୃହକର୍ତ୍ତା ଘରକୁ ଫେରନ୍ତି, ସେତେବେଳେ ତିନି ବର୍ଷର ଆମ୍ବଗଛଟା ଛଅଫୁଟ ହୋଇ ଠିଆ ହୋଇଥାଏ । ଗଛର ଡାଳପତ୍ର ଏତେ ସୁନ୍ଦର ଯେ, ଯେ କେହି ମୁହୂର୍ତ୍ତେ ଛିଡ଼ା ହୋଇ ଦେଖିବ ।

କ୍ରମେ ଗୃହକର୍ତ୍ତାଙ୍କର ସହରକୁ ପ୍ରତ୍ୟାବର୍ତ୍ତନର ଖବର ପାଇ ତାଙ୍କର ବନ୍ଧୁମାନେ ତାଙ୍କୁ ଶଙ୍ଖୋଳିବାକୁ ଆସିଲେ । ସେମାନଙ୍କ ଭିତରେ ତାଙ୍କର ବାନ୍ଧବୀ ନ ଥିଲେ । ସେତେବେଳେ ଗୃହକର୍ତ୍ତା ବିବାହିତ ଓ ଗୋଟିଏ ପୁତ୍ରସନ୍ତାନର ଜନକ ।

ଆମ୍ବଗଛ ତଳେ ଆସର ଜମେ । ଆମ୍ବଗଛର କାହାଣୀ ମନେପକାଇ ସମସ୍ତେ ଥଟ୍ଟାମଜା କରନ୍ତି । ସତେ ଯେପରି ବାନ୍ଧବୀଜଣକ ଆମ୍ବଗଛ ଭିତରେ ସଜୀବ ଓ ସମଭାଗୀ ହୋଇ ତାଙ୍କ ପାଖରେ ରହିଥାନ୍ତି ।

ଏ କଥା ଗୃହଲକ୍ଷ୍ମୀଙ୍କର ହଜମ ହୁଏ ନାହିଁ । ସେ ସବୁବେଳେ ଗଛଟାକୁ କାଟି ପକାଇବାକୁ ଜିଦ୍ ଧରନ୍ତି । ଦୁଇବର୍ଷ ପରେ ସେଥିରେ ଫଳ ଧରିଲା । ଆମ୍ବ ଖାଇବାକୁ ସମସ୍ତେ ଯେତେବେଳେ ଏକାଠି ହୁଅନ୍ତି, ପୁନର୍ବାର ଆମ୍ବଗଛର ସ୍ମୃତିଚାରଣ ହୁଏ ଓ ବାନ୍ଧବୀଙ୍କର ଗୁଣଗାନ ଗୃହପତ୍ନୀଙ୍କର ଅସହ୍ୟ ହୋଇପଡ଼େ । ଆମ୍ବ କାଟି କରି ସମସ୍ତଙ୍କୁ ପରଷିବା ତ ଦୂରର କଥା ସେ ଆମ୍ବ ସ୍ପର୍ଶ ସୁଦ୍ଧା କରନ୍ତି ନାହିଁ। ସତେ ଯେମିତି ସେଇଟା କେବଳ ଗୋଟିଏ ଆମ୍ବଗଛ ନୁହେଁ ଆମ୍ବଗଛ ରୂପରେ ସାକ୍ଷାତ ତାଙ୍କର ସଉତୁଣୀ!

ସତଚେଷ୍ଟା ସତ୍ତ୍ୱେ ସେ ଗଛଟାକୁ କାଟି ଦେବାକୁ ସକ୍ଷମ ହୋଇପାରନ୍ତି ନାହିଁ। କାରଣ ତାଙ୍କ ବ୍ୟତୀତ ଅନ୍ୟ ସମସ୍ତେ ଆମ୍ବଗଛଟାର ସ୍ତାବକ । ଏହିଭଳି ବହୁମୁଖୀ ଉପଯୋଗିତା ଥିବା ଉପହାର ବା କେତେଜଣ ଦେଇପାରନ୍ତି?

ଗତବର୍ଷ ଗୃହକର୍ତ୍ତା ବେମାର ପଡ଼ିଲେ । ଘରୁ ପାଦ କାଢ଼ିବାକୁ ସକ୍ଷମ ହୋଇପାରିଲେନି । ପକ୍ଷାଘାତ ଯେମିତି ତାଙ୍କୁ ପୂରାପୂରି ପଙ୍ଗୁ କରିଦେଇଥିଲା । ହ୍ୱିଲ୍‌ଚେୟାର କଥା ସେତେବେଳେ କେହି ଚିନ୍ତା କରିନଥିଲେ । ଅସୁସ୍ଥତା ଭିତରେ ବି ସେ ଜିଦ୍ ଧରିଲେ ଯେ ତାଙ୍କୁ ଏଭଳି ଏକ ସ୍ଥାନରେ ରଖାଯାଉ, ଯେଉଁଠାରୁ ସେ ତାଙ୍କର ପ୍ରିୟ ଆମ୍ବଗଛଟାକୁ ଦେଖିପାରିବେ । ଏମିତି ଦିନେ ଶାହାଜାହାନ୍ ଚାହିଁଥିଲେ, ମୃତ୍ୟୁ ଆଗରୁ ତାଙ୍କର ପ୍ରିୟତମା ମୁମ୍‌ତାଜ ମହଲଙ୍କର ସମାଧିପୀଠ ତାଜମହଲକୁ ଦେଖିବା ପାଇଁ ।

ହଠାତ୍ ଦିନେ କେଉଁଠାରୁ ଖବର ପାଇ ତାଙ୍କର ସେଇ ବାନ୍ଧବୀ ଆସି ପହଞ୍ଚିଥିଲେ । ପକ୍ୱକେଶୀ ଭଦ୍ରମହିଳାଙ୍କର ଚେହେରାରେ ଏବେ ବି ମାଧୁର୍ଯ୍ୟର ଆକର୍ଷଣ ଥାଏ । ତାଙ୍କୁ ଦେଖିବା ପରେ ଅଚାନକ ବୃଦ୍ଧଜଣକ ସୁସ୍ଥ ହୋଇପଡ଼ିଲେ ଓ ସଙ୍ଗେସଙ୍ଗେ ଆମ୍ବଗଛର ସୁଆଦିଆ ଆମ୍ବ ଖୁଆଇଲେ । ସ୍ମୃତିଚାରଣର ଆବଶ୍ୟକତା ଓ ଯଥାର୍ଥତା ଆଉ ନ ଥିଲା । ଘର ଭିତରର ଗୋଟିଏ ଅଜବ୍ ଥଣ୍ଡା ପରିବେଶକୁ ଆସି ସେ ଖୁବ୍ କମ୍ ସମୟ ପରେ ଫେରି ଯାଇଥିଲେ । ନା ତାଙ୍କପାଇଁ ପ୍ରସ୍ତୁତ ହୋଇଥିଲା ସ୍ୱାଗତିକା ନା ବିଦାୟକାଳୀନ ସମ୍ବର୍ଦ୍ଧନା ।

ଏହାପରେ ଗୃହପତ୍ନୀଙ୍କର ଧୈର୍ଯ୍ୟ ସୀମା ଲଂଘନ କରିଥିଲା । ଏତେ ବର୍ଷ ପରେ ପ୍ରଥମ ଥର ଲାଗି ସ୍ୱାମୀଙ୍କର ବାନ୍ଧବୀଙ୍କୁ ଦେଖି ଓ ତାଙ୍କ ପ୍ରତି ରହିଥିବା ସ୍ୱାମୀଙ୍କର ଅତୁଟ ଅନୁରାଗ ବୁଝି ସେ ଅସମ୍ଭାଳ ହୋଇଉଠିଥିଲେ। ଖରାଛୁଟିରେ ପୁଅ ଘରକୁ ଫେରିବା ମାତ୍ରକେ ଲୋକ ଲଗାଇ ଗଛଟାକୁ ହଣାଇଦେଲେ। ଆମ୍ବଗଛଟାକୁ କାଟି ଦେବା ପରେ ହିଁ ଯେମିତି ସେ ସଂତୃପ୍ତ ହେଲେ। ଅଠତିରିଶ ବର୍ଷର ଦାମ୍ପତ୍ୟ ଜୀବନରେ ଆମ୍ବଗଛଟା ଯେମିତି ସଉତୁଣୀ ହୋଇ ତାଙ୍କର ସବୁ ସୁଖ ଛଡ଼ାଇ ନେଇଥିଲା!

ଏ ଘଟଣା ପରେ ଗୃହକର୍ତ୍ତାଙ୍କୁ କେହି ଆଉ ଘର ଦୁଆରେ ଆର୍ମଚେୟାର ପକାଇ ବସିବାର ଦେଖି ନାହାନ୍ତି। ଆମ୍ବଗଛଟା ସହ ସତେ ଯେପରି ତାଙ୍କର ହୃଦୟଖଣ୍ଡିକ ବି ହାଣି ଦିଆଯାଇଥିଲା...

ଏ ବର୍ଷ ଯେତେବେଳେ ଖରାତାପ ଅସହ୍ୟ ହୋଇପଡ଼ିଲା, ସେତେବେଳେ ଦିନେଦିନେ ଗୃହପତ୍ନୀଙ୍କୁ ଆମ୍ବଗଛର କଟାମୂଳଟା ପାଖରେ ଛିଡ଼ା ହୋଇ କିଛି ଚିନ୍ତା କରୁଥିବାର ଦେଖାଯାଉଥିଲା। ବୋଧହୁଏ ସେ ଅନୁଭବ କରୁଥିଲେ, ଆମ୍ବଗଛଟାର ଶୀତଳଛାଇ ଭିତରେ ଅନେକ ବରଦାନ ଛପି ରହିଥିଲା। ସ୍ୱାମୀଙ୍କର ସେଇ ଖିଆଲି, ସବୁଜ ମନ ଓ କୋମଳ ସ୍ୱଭାବକୁ ଯେମିତି ଗଛଟା ହିଁ ଜିଆଇଁ ରଖିଥିଲା– ଭଲ ପାଇବାର ଗୋଟିଏ ଅମୂଲ୍ୟ ସନ୍ତକ ହୋଇ... । କେହି କିଛି ନ କହିଲେ ବି ଗଛଟାର ଅଭାବ ଯେ ସ୍ପଷ୍ଟରୂପେ ଅନୁଭବ କରୁଛନ୍ତି, ସେ କଥା ସେ ବୁଝିବାକୁ ଆରମ୍ଭ କରିଥିଲେ ।

ଏବେ ବର୍ଷା ଅସରାଏ ପରେ କଟା ଗଣ୍ଡିଟାରେ ପତ୍ରଦୁଇଟା କୁଆଁ ମାରିଛି । ସନ୍ଧ୍ୟା ସମୟରେ ଗୃହକର୍ତ୍ତ୍ରୀ ସ୍ୱୟଂ ଆସି ଲୁଚିଲୁଚି ସେଥିରେ ପାଣି ସିଞ୍ଚି ଦିଅନ୍ତି!

***ମୁକୁନ୍ଦପ୍ରସାଦ, ଖୋର୍ଦ୍ଧା***

# ଚାରୁ ଚିତ୍ରପଟ

● ତୁଷାର ପାଲଟାସିଂହ

**ଟ୍ରେ**ନ୍ କମ୍ପାର୍ଟମେଣ୍ଟର ଝରକା ପାଖରେ ପ୍ରଣତି ବସିଛି । ତା' ପାଖରେ ବିଭୂତିବାବୁ । ତାଙ୍କ ପାଖରେ ମୁଁ । ମୋ' ପାଖରେ ଓ ସାମ୍ନାରେ ଅନ୍ୟମାନେ, ଯେଉଁମାନଙ୍କୁ ଆମେ ଜାଣିନୁ । ଟ୍ରେନ୍ ଠିକ୍ ସମୟରେ ଛାଡିଚି । ଠିକ୍ ସକାଳ ଛଅଟା ବାଜି ବାରମିନିଟ୍‌ରେ । ସାଢ଼େ ନଅଟା ଭିତରେ ଭୁବନେଶ୍ୱରରେ ପହଞ୍ଚିଯିବ । ଏହି ଗାଡ଼ିରେ ମୁଖ୍ୟତଃ ଚାକିରିଆମାନେ ଚଢ଼ନ୍ତି । ସେମାନେ ଡେଲି ପାସେଞ୍ଜର । ଅଫିସ୍ ସାରି ପୁଣି ଏହି ଗାଡ଼ିରେ ଫେରନ୍ତି ।

ଆଜି ରବିବାର । ଭିଡ଼ ହେବା କଥା ନୁହେଁ । କିନ୍ତୁ ଏବେ ପ୍ରାୟ ରବିବାର ବେଶୀ ଭିଡ଼ ହେଉଛି । ବିଶେଷ କରି ଭୁବନେଶ୍ୱର ବା ତାହାର ଆଖପାଖରେ ଯାହାର ଘର ବା ଯେଉଁମାନେ ସେଠାରେ ଏବେ ନୂଆଘର କରୁଛନ୍ତି, ସେମାନେ ଯାଉଛନ୍ତି । ପାଠ ପଢୁଥିବା ପିଲାମାନଙ୍କ ପାଖକୁ ବାପା ମାଆମାନେ ଯାଉଛନ୍ତି । ଭୁବନେଶ୍ୱରର ଡାକ୍ତରଖାନାରେ ପଡ଼ିଥିବା ରୋଗୀମାନଙ୍କୁ ସମ୍ପର୍କୀୟମାନେ ଦେଖିବାକୁ ଯାଉଛନ୍ତି । ନହେଲେ ଚାକିରି ପାଇଁ ପରୀକ୍ଷା ଦେବାକୁ ବିଭିନ୍ନ ଷ୍ଟେସନ୍‌ରୁ ପିଲାମାନେ ଚଢୁଛନ୍ତି । କେହି କେହି ଷ୍ଟେସନ୍ ନିକଟରେ ଥିବା ଗାଁ ବା ସହରକୁ ବନ୍ଧୁବାନ୍ଧବଙ୍କ ଘରକୁ ଯାଉଛନ୍ତି । ଆଉ ସ୍କୁଲ୍ ପିଲାମାନେ ସାର୍ ଓ ଦିଦିମାନଙ୍କ ସହିତ ଏହି ଟ୍ରେନ୍‌ରେ ଯାଆନ୍ତି ନନ୍ଦନକାନନ ।

ପ୍ରଣତି ଚାକିରି ପାଇଁ ପରୀକ୍ଷା ଦେବାକୁ ଯାଉଛି । ବିଭୂତିବାବୁ ତା'ର ଜେଜେ । ତା'ର ବାପା ମାଆ ତାଙ୍କର ଜଣେ ସମ୍ପର୍କୀୟଙ୍କ ଦିନବେଳା ବାହାଘର ପାଇଁ ତା' ସାଥିରେ ଯାଇପାରିଲେନି । ମୁଁ ଯାଉଛି ଭିନ୍ନ କାମରେ । ମୋ'ର ଜଣେ ଭିଣୋଇ ଯେ'କି ଜଣେ ବଡ଼ ଶିକ୍ଷକ ନେତା, ତାଙ୍କର ପଞ୍ଚସ୍ତରିତମ ଜୟନ୍ତୀ ଉତ୍ସବରେ ଯୋଗଦେଇ ଆଜି ଫେରିବି । ମୁଁ ବିଭୂତିବାବୁଙ୍କ ପିଲାଦିନର ସାଙ୍ଗ, ଯଦିଓ ବୟସରେ ସେ ସାମାନ୍ୟ ବଡ଼ ।

ବାରମ୍ବାର ପ୍ରଣତି, ହାତରେ ଧରିଥିବା ମୋବାଇଲ୍ ଫୋନ୍‌କୁ ଦେଖୁଛି । ମଝିରେ ମଝିରେ ଛୋଟ ବହିଖଣ୍ଡେ ବାହାର କରି ପଢୁଛି । ବୋଧହୁଏ ପରୀକ୍ଷା ପୂର୍ବରୁ ଶେଷଥର ପାଇଁ ଆଖି ପକାଇ ଦେଉଛି । ବିଭୂତିବାବୁ ଟ୍ରେନ୍‌ର ଝର୍କା ଆଡକୁ ଏକଲୟରେ ଚାହିଁଛନ୍ତି । ଥର୍ମାଲ୍ ଷ୍ଟେସନ୍ ଡେଇଁଲା ପରେ ଛୋଟ ପିଲାଙ୍କୁ ଦେଖାଇଲା ଭଳି ପ୍ରଣତିକୁ କହିଲେ ଦେଖ୍ ଖୋଲୁଆ ଗାଁର ରାଧାକାନ୍ତ ମନ୍ଦିର । ପାଖରେ ସ୍ଫଟିକ ରୂପରେ ବିରାଜିତ ମଙ୍ଗଳେଶ୍ୱରଙ୍କ ମନ୍ଦିର । ବୃକ୍ଷଗହଳିରେ ପତାକା ଦିଶୁଛି ।' ପ୍ରଣତି ମୁଣ୍ଡିଆ ମାରିଲା ।

କିଛି ସମୟ ପରେ ଟ୍ରେନ୍ ନୟାଭାଗୀରଥିପୁର ଷ୍ଟେସନ୍ ପାର ହେଲା । ରେଳଲାଇନ୍ ପାର୍ଶ୍ୱରେ ଥିବା ଗୋଲ୍ ଗୋଲ୍ ବଡ଼ ପଥରଗୁଡ଼ିକୁ ବିଭୂତିବାବୁ ଦେଖାଇଲେ । ମଜାରେ କହିଲେ ବୋଧେ ହନୁମାନ ଗନ୍ଧମାର୍ଦ୍ଦନ ପର୍ବତ ଟେକି ନେଲାବେଳେ ବାଟରେ ଏସବୁ ଖସିପଡ଼ିଛି । ପ୍ରଣତିର ଆଗ୍ରହ ବଢ଼ିଲା । ତା'କୁ ଆହୁରି ସୁନ୍ଦର ଲାଗିଲା, ପଥରଗୁଡ଼ିକ ମଝିରେ ଠାଏ ଠାଏ ପାଣି ଜମିଛି, ସେଥିରେ କଇଁଫୁଲ ଫୁଟିଛି ।

ପୁଣି ପ୍ରଣତିର ପାଠପଢ଼ା ମଝିରେ ଜେଜେ ଦେଖାଇ ଦେଲେ ଢେଙ୍କାନାଳର ପାଣିଓହଳା ଆଉ ମେଘା ପର୍ବତ । ବର୍ଷାଦିନର ସବୁଜ ପର୍ବତ ଶିଖରରେ ଶୁଭ୍ର ମେଘମାଳାର ଲୁଚକାଳି ଖେଳ ଦେଖି ପ୍ରଣତି ବିହ୍ୱଳିତ ହୋଇ ଯାଉଥାଏ ।

ତା'ପରେ ଆଠଗଡ଼ର ଜଙ୍ଗଲ ମଧ୍ୟରେ ଟ୍ରେନ୍ ଚାଲିଲା । ପ୍ରଣତି ଦେଖୁଥାଏ ଜଙ୍ଗଲ ମଝିରେ ଛୋଟ ବଡ଼ ଅନେକ ଜଳାଧାର, ଯାହାର, କେବଳ ବର୍ଷାଦିନେ ସୃଷ୍ଟି ଓ ବିଲୟ । ତା'ର ମନେ ପଡୁଥିଲା ପିଲାଦିନେ କିପରି ରଫ୍‌ଖାତାରୁ କାଗଜ ଚିରି ଦାଣ୍ଡଦୁଆରେ ବୋହିଯାଉଥିବା ଜଳରେ ଡଙ୍ଗା ଛାଡୁଥିଲା । ସେତେବେଳେ ସେ ଭାବୁଥିଲା ତା' କାଗଜ ଡଙ୍ଗା ଭାସିଭାସି ବ୍ରାହ୍ମଣୀ ନଦୀକୁ ଯିବ ଆଉ ବ୍ରାହ୍ମଣୀରେ ଭାସି ଭାସି ସମୁଦ୍ରକୁ–



ଜେଜେ କହିଲେ ''ଏବେ ସର୍ପେଶ୍ୱର ଷ୍ଟେସନଟି ନୂଆ ହୋଇଛି । ସେ ଦେଖାଇଦେଲେ ମହାନଦୀ କୂଳରେ ଦିଶୁଥିବା ମନ୍ଦିରଟିକୁ । ପୁଣି ମୁଣ୍ଡିଆ ମାରିଲା ପ୍ରଣତି । ଜେଜେଙ୍କଠାରୁ ଶୁଣିଲା ଖୁଣ୍ଟୁଣୀଠାରୁ ମୁଣ୍ଡଳି ମଧ୍ୟରେ ରାସ୍ତାରେ ମନ୍ଦିରଟି ପଡେ । ଥରେ ଟ୍ରେନ୍ ଫେଲ୍ ହୋଇ ସେ ବାଇକ୍‌ରେ ଯାଉଥିଲେ, ଜେଜେମା' ଜାଣି ନଥିଲେ । ଯେତେ ଫୋନ୍ କରୁଥିଲେ ବି କାଳେ ଗାଳିଦେବେ ବୋଲି ସେ ଜଣାଉ ନଥିଲେ । କିନ୍ତୁ ଏହି ସର୍ପେଶ୍ୱର ମନ୍ଦିର ଭିତରେ ପ୍ରବେଶ କରିଥିବା ସମୟରେ ଯେତେବେଳେ ଜେଜେମା' ପୁଣିଥରେ କେଉଁଠି ବୋଲି ପଚାରିଲେ, ଠାକୁରଙ୍କ ଜାଗାରେ ସେ ଆଉ ଲୁଚାଇପାରି ନଥିଲେ । ପ୍ରଣତି ପଚାରିଲା ''ଜେଜେମା' କ'ଣ ରାଗିଲେ?'' ଜେଜେ କହିଲେ ''ନା, ଓଲଟା ମନଦୁଃଖ କଲେ ତାଙ୍କୁ କାହିଁକି ସାଙ୍ଗରେ ନେଲିନି ।''

ତା'ପରେ ଆସିଲା ମହାନଦୀ । ନାଁ ଯେମିତି ତା'ର ବିଶାଳତା ସେମିତି । ଗଭୀର ନୀଳଜଳରେ ଧୀବରମାନେ ଡଙ୍ଗାରେ ବସି ମାଛ ମାରୁଥା'ନ୍ତି । ଜେଜେ ମନେ ପକାଇଲେ କବି ମାୟାଧର ମାନସିଂହ ଏହି ନଦୀର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ 'ମହାନଦୀରେ ଜ୍ୟୋତ୍ସ୍ନାବିହାର' କବିତା ଲେଖିଥିଲେ ।

ମତେ ଲାଗୁଛି ବିଭୂତି ବାବୁଙ୍କ ବୟସ ଯେତିକି ଯେତିକି ବଢୁଛି, ସେତିକି ସେତିକି ସେ ପିଲାଙ୍କ ଭଳି ହେଉଛନ୍ତି । କେତେବେଳେ ମାଛରଙ୍କା ଚଢ଼େଇ ପାଣିକୁ ଲମ୍ଫ ପ୍ରଦାନ ଦେଖି ପାଟି କରୁଛନ୍ତି ତ କେତେବେଳେ ମଇଁଷି ପିଠିରେ କାଣ୍ଟିଆବଗ ସବାର ହେବା ଦେଖି ମନକୁ ମନ ହସୁଛନ୍ତି ।

ମତେ କିନ୍ତୁ ବହୁତ ବ୍ୟସ୍ତ ଲାଗୁଥାଏ ପ୍ରଣତି ପାଇଁ । ଝିଅଟା ପରୀକ୍ଷାକୁ ଯାଉଛି । ପଢ଼ିବ ପଢ଼ିବ ହେଉଛି । ବିଭୂତି ବାବୁଙ୍କର କେମିତି କେଜାଣି ବିବେକ ନାହିଁ, ବାରମ୍ବାର ତାକୁ ଡିଷ୍ଟର୍ବ କରୁଛନ୍ତି ।

ନରାଜ ଷ୍ଟେସନ୍ ହେଲା ବେଳକୁ ବିଭୂତିବାବୁ ବାଥ୍‌ରୁମ୍ ଗଲେ । ମୁଁ ଏହି ସୁଯୋଗ ଅପେକ୍ଷାରେ ଥିଲି । ପ୍ରଣତିକୁ ପଚାରିଦେଲି, ''ଝିଅ ! ମୁଁ ଜେଜେଙ୍କୁ ମନା କରିବି କି ସେ ଚୁପ୍ ରହିବେ?''

ପ୍ରଣତି କହିଲା, '' ନା, ନା ସେ ଯାହା କହୁଛନ୍ତି ମତେ ବହୁତ ଭଲ ଲାଗୁଛି । କାରଣ ମୁଁ ଯେତେବେଳେ ଯାହା କହେ ତାଙ୍କୁ ସଦାବେଳେ ଭଲ ଲାଗେ । ଏବେ ସେ ମୋ'ର ହର୍ତ୍ତାକର୍ତ୍ତା ଦଇବ ବିଧାତା । ମୁଁ ଗୋଟିଏ ପୁଅକୁ ଭଲ ପାଉଛି । ସେ ପୁଅଟି ଭିନ୍ନ ଜାତିର । ଘରେ ମୋ' ବାପା ମାଆ ନାରାଜ । କିନ୍ତୁ ଜେଜେ ହିଁ ଏକମାତ୍ର ମତେ ସମର୍ଥନ କରୁଛନ୍ତି । କିନ୍ତୁ ତାଙ୍କର ଗୋଟିଏ ସର୍ତ୍ତ ଯେ ମତେ ନିଜ ଗୋଡ଼ରେ ଛିଡ଼ା ହେବାକୁ ପଡ଼ିବ । ଯେମିତି ହେଲେ ମତେ ରୋଜଗାର କରିବାକୁ ପଡ଼ିବ । ତା'ପରେ ଯାଇ ସେ ପୁଅ ସହିତ ବାହାଘର । ମୁଁ ସେଥିପାଇଁ ଘରୁ ଭଲ କରି ପ୍ରସ୍ତୁତ ହୋଇ ପରୀକ୍ଷାକୁ ଯାଉଛି । ଦେଖାଯାଉ ଭଗବାନଙ୍କର ଇଚ୍ଛା କ'ଣ ?''

ମୁଁ ଚୁପ୍ ହୋଇଗଲି । ଭାବିଲି ସେ ପୁଅଟି ମୋ' ଝିଅର ପୁଅ ନୁହେଁ ତ? କିଏ ବୋଲି ପଚାରି ପାରିଲିନି । ଜିଭ ଅଗରେ କଥାଟି ଅଟକିଗଲା । ଏଣେ ବିଭୂତିବାବୁ ଫେରିଲେ । ମୋ'ର ହଠାତ୍ ଟ୍ରେନ୍‌ର ଝର୍କା ବାହାରକୁ ଅନାଇବାକୁ ବହୁତ ଇଚ୍ଛା ହେଲା ।

ସେତେବେଳେ ଝର୍କା ବାହାରେ ଦେଖିଲି ଏକ ବାଉଁଶ ବଣ । କିଏ ତା'କୁ ଲଗାଇଛି କି ମନକୁ ଉଠିଛି କେଜାଣି । କଟା ହୋଇଛି ପୁଣି କଅଁଳିଛି । ବଗିଚାରେ କେହି ସଜାଇଲା ଭଳି ଦିଶୁଛି । ତା' ତଳକୁ ପନିପରିବା ଚାଷ ହୋଇଛି । ବାପା ମାଆ ଓ ପିଲାମାନଙ୍କୁ ନେଇ କେତୋଟି ପରିବାରର ସମସ୍ତେ ମାଟିରେ ଲାଗିଯାଇଛନ୍ତି । ସତରେ ବିଭୂତିବାବୁଙ୍କ ଦୁନିଆଟି ଭାରି ସୁନ୍ଦର ।

## ମା'ହିଙ୍ଗୁଳାଙ୍କ ବାର୍ଷିକୋତ୍ସବ



**ବୈଶିଙ୍ଗା,୪।୨ ଏକ୍ସପ୍ରେସ୍ ନ୍ୟୁଜ୍**

ବୈଶିଙ୍ଗା ଥାନା ଅନ୍ତର୍ଗତ ନଡପୁର ପଞ୍ଚାୟତର କୃଷ୍ଣଚନ୍ଦ୍ରପୁର ଠାରେ ମାଆ ହିଙ୍ଗୁଳାଙ୍କ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି ଓ କାହିଁ କେଉଁ କାଳରୁ ସୁହାଗପୁରା ନିକଟସ୍ଥ କଉଡିଖିଣି ଜଙ୍ଗଲରେ ମାଆ ହିଙ୍ଗୁଳା ପୂଜା ପାଇ ଆସୁଛନ୍ତି । ବର୍ତ୍ତମାନ ଏହି ସ୍ଥାନରେ ମନ୍ଦିର ତୋଳା ହେବା ସହିତ ଲକ୍ଷ ଲକ୍ଷ ଲୋକଙ୍କ ସମାଗମ ହେଉଅଛି । ମାଆ ହିଙ୍ଗୁଳାଙ୍କ ଶରଣାପନ୍ନ ଭକ୍ତଙ୍କ ଜରିଆରେ ନଡପୁର ପଞ୍ଚାୟତର କୃଷ୍ଣଚନ୍ଦ୍ରପୁର ଜଙ୍ଗଲ ଭିତରେ ୨୦୦୯ ମସିହାରେ ମାଆ ହିଙ୍ଗୁଳାଙ୍କ ଆଉ ଏକ ମନ୍ଦିର ନିର୍ମାଣ କରା ଯାଇ ଦୈନନ୍ଦିନ ପୂଜା ହେବା ସହିତ ବାର୍ଷିକ ଉତ୍ସବ ପାଳନ କରାଯାଉଛି । ଚଳିତ ବର୍ଷ ୧୮ତମ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଆଜିର ଉତ୍ସବରେ ଦୁଇ ଲକ୍ଷରୁ ଅଧିକ ଭକ୍ତଙ୍କ ସମାଗମ ହୋଇ ଥିବାର ଜଣାଯାଇଛି । ସକାଳେ ନିତ୍ୟ ନୈମିତିକ ପୂଜା ସହିତ ବ୍ରାହ୍ମଣଙ୍କ ଦ୍ୱାରା ହୋମ ଯଜ୍ଞ କରାଯାଇଥିଲା । ଯଜ୍ଞ ଶେଷରେ ଅଗ୍ନିକୁଣ୍ଡରେ ଭକ୍ତଙ୍କ ଦ୍ୱାରା ସମର୍ପିତ ଘୃତ, ଫଳ ମୂଳ, ନଡିଆ ପ୍ରଭୃତିରେ ଅଗ୍ନି ସଂଯୋଗ କରାଯାଇଥିଲା ।

## ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା

**ଭଦ୍ରକ,୪।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଓଡିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ଏକ ସଚେତନତା କାର୍ଯ୍ୟକ୍ରମ ଜଗଦଳପୁର ଗ୍ରାମ ପଞ୍ଚାୟତ ସଭା ଗୃହ, ରାଣୀତାଳ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ଏହି କାର୍ଯ୍ୟକ୍ରମକୁ ଉଦ୍‌ବୋଧନ ଦେଇ ପରିଚାଳନା କରିଥିଲେ । ଅତିଥିମାନଙ୍କ ମଧ୍ୟରେ ଡ. ତାପସ କୁମାର ମହାନ୍ତି, ପ୍ରତିପକ୍ଷ ଓକିଲ, ଏଲଏଡିସ୍‌ଏସ୍ ଏବଂ ନ୍ୟାୟ ରକ୍ଷକ ଭଦ୍ରକ, ସଞ୍ଜିତ ଦେଓ, ସହାୟକ ଶ୍ରମ ଅଧିକାରୀ, ଭଦ୍ରକ, ତେଜସ୍ୱୀନୀ ନାୟକ, ସହାୟକ ଶ୍ରମ ଅଧିକାରୀ, ଭଣ୍ଡାରୀପୋଖରୀ, ଭଦ୍ରକ, ପ୍ରତିଭା ମଞ୍ଜରି ସିଂ, ପଞ୍ଚାୟତ କାର୍ଯ୍ୟକାରୀ ଅଧିକାରୀ, ଭଦ୍ରକ, ତିଳୋତ୍ତମା ମହାପାତ୍ର, ସରପଞ୍ଚ, ତଥା ୭୦ରୁ ଉର୍ଦ୍ଧ୍ୱ ଜନସାଧାରଣ ଯୋଗଦେଇଥିଲେ । ଏହି ସଚେତନତା କାର୍ଯ୍ୟକ୍ରମ ଜରିଆରେ ଲୋକ ଅଦାଲତ ବିଷୟରେ, ମଧ୍ୟସ୍ଥତା ମାଧ୍ୟମରେ କିପରି ବିଚାରାଧିନ ଥିବା କେସ୍ ଗୁଡିକର ଅତି ସରଳ ଓ ସହଜରେ ସେମାନଙ୍କୁ ମିଳାମିଶା କରାଯାଇପାରେ, ସ୍ଥାୟୀ ଲୋକ ଅଦାଲତ, ଭଦ୍ରକ ଯାହାକି ଭଦ୍ରକ ଠାରେ ଅବସ୍ଥିତ ଏହାର କାର୍ଯ୍ୟ ଏବଂ ଏହି ଅଫିସ୍ ମାଧ୍ୟମରେ ଗରିବ ତଥା ନିଷ୍ପେସିତ ଲୋକମାନେ ଶୀଘ୍ର ଏବଂ ତ୍ୱରିତ ନ୍ୟାୟ ପାଇପାରିବେ ବୋଲି ଉପସ୍ଥିତ ଥିବା ଅତିଥିଗଣ ମତବ୍ୟକ୍ତ କରିଥିଲେ ।

## ପ୍ରଧାନଶିକ୍ଷକଙ୍କୁ ସେବା ନିବୃତ୍ତି ସମ୍ବର୍ଦ୍ଧନା

**ନିମାପଡ଼ା,୪।୨ ଏକ୍ସପ୍ରେସ୍ ନ୍ୟୁଜ୍**

ନିମାପଡ଼ା ଏନଏସି ଅନ୍ତର୍ଗତ ସରକାରୀ ପ୍ରାକ୍ଟିସିଂଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିର୍ମଳ କୁମାର ମିଶ୍ର ସରକାରୀ ଚାକିରୀରୁ ଅବସର ଗ୍ରହଣ କରିଛନ୍ତି । ସ୍କୁଲର ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀମାନେ ସେମାନଙ୍କର ପ୍ରିୟ ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସେବା ନିବୃତ୍ତି ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଶ୍ରୀ ମିଶ୍ର ଏକାଧାରରେ ଜଣେ ଶିକ୍ଷକ, ଲେଖକ, ସ୍ତମ୍ଭକାର ଏବଂ ଓସିଏ ପ୍ୟାନେଲ ଅମ୍ପାୟାର ତଥା ଦକ୍ଷ କ୍ରୀଡ଼ାବିତ ମଧ ଅଟନ୍ତି । ଦୀର୍ଘ ୨୮ ବର୍ଷ ଶିକ୍ଷକତା କରି ସେ ଅନେକ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିଛନ୍ତି । ତାଙ୍କ ଆଦର୍ଶରେ ଅନୁପ୍ରାଣିତ ବହୁ ଛାତ୍ରଛାତ୍ରୀ ଓଡ଼ିଶା ତଥା ଓଡ଼ିଶା ବାହାରେ ବିଭିନ୍ନ ପଦପଦବୀରେ ଅବସ୍ଥାପିତ ହୋଇ ବିଦ୍ୟାଳୟ ଏବଂ ନିମାପଡ଼ାକୁ ଗୌରବାନ୍ୱିତ କରିଛନ୍ତି । ଏହି ଅବସରରେ ଆଜି ପ୍ରାକ୍ଟିସିଂ ବିଦ୍ୟାଳୟ ପରିସରରେ ସ୍କୁଲର ଆଲୁମିନି ସଭାପତି ତଥା ପୂର୍ବତନ ପ୍ରଧାନଶିକ୍ଷକ ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯଇଥିଲା । ସଭାରେ ଗଣ୍ୟମାନ୍ୟ ବ୍ୟକ୍ତି, ବିଦ୍ୟାଳୟ ପରିଚାଳନା କମିଟୀ, ଅଭିଭାବକ, ପୁରାତନ ଛାତ୍ରଛାତ୍ରୀ, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ, କର୍ମଚାରୀଙ୍କ ସମେତ ସମସ୍ତ ଛାତ୍ରଛତ୍ରୀ ଉପସ୍ଥିତ ଥିଲେ ।

## ସିଏମ୍ ଟ୍ରଫି କବାଡି ଚୟନ ପ୍ରତିଯୋଗିତା

**କେନ୍ଦ୍ରାପଡ଼ା,୪।୨ ଏକ୍ସପ୍ରେସ୍ ନ୍ୟୁଜ୍**

ସିଏମ୍ ଟ୍ରଫି ୧୪ ବର୍ଷରୁ କମ୍ ବାଳକ ଓ ବାଳିକା କବାଡି ପ୍ରତିଯୋଗିତାର ଚୟନ ପ୍ରତିଯୋଗୀତା ମଙ୍ଗଳବାର କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଜିଲ୍ଲାର ବ୍ଲକ ଓ ପୌରାଞ୍ଚଳ ଅନ୍ତର୍ଗତ ଉଚ୍ଚ ବିଦ୍ୟାଳୟର ବିଭିନ୍ନ କ୍ରିଡାବିତମାନେ ଭାଗନେଇ ଥିଲେ । ପାଖାପଖି ୩୦୦ ବାଳକ/ବାଳିକାମାନେ ଅଂଶଗ୍ରହଣ କରିଥିଲେ । ଏଥିରୁ ବଛାବଛା ଭଲ ପ୍ରଦର୍ଶନ କରିଥିବା ୧୦ଟି ଦଳ ବାଳକ ଓ ୬ଟି ବାଳିକା ବିଭାଗର ଖେଳାଳୀମାନେ ଜିଲ୍ଲା ପ୍ରତିଯୋଗିତାରେ ଭାଗ ନେବେ ବୋଲି କ୍ରୀଡା ସଂସଦର ସାଧାରଣ ସମ୍ପାଦକ ସୟଦ ଅକମଲ ଅଲ୍ଲୀ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଜିଲ୍ଲା କ୍ରୀଡା ଅଧିକାରୀ ଲୋକାନାଥ ପାଣିଗ୍ରାହୀ, ଅବସରପ୍ରାପ୍ତ ଶାରିରୀକ ଶିକ୍ଷକ ଦେବେନ୍ଦ୍ର କୁମାର ସାହୁ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ଜ୍ୟୋର୍ତିମୟ ଦାସ, ଚନ୍ଦନ ମହାପାତ୍ର, ମନୋଜ ଦାସ, ପ୍ରତିମା ଦ୍ୱିବେଦି, ସସ୍ମିତା ପଣ୍ଡା, ଜ୍ୟୋର୍ତିମୟୀ ସେନାପତି ପ୍ରଭୃତି ବରିଷ୍ଠ ଶାରିରୀକ ଶିକ୍ଷକ ଯୋଗ ଦେଇଥିଲେ ।

## ପଞ୍ଚୁବରାହୀ ବିଦ୍ୟାନିକେତନର ବାର୍ଷିକୋତ୍ସବ

**ରାଜନଗର,୪।୨ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ମହୁଲିଆ ପଞ୍ଚାୟତ ମାଣପଡାସ୍ଥିତ ପଞ୍ଚୁବରାହୀ ବିଦ୍ୟାନିକେତନର ୬୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ପ୍ରଧାନ ଶିକ୍ଷକ ଶୁଭ୍ରଜକୁମାର ବରାଳଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଅଭିଭାବକ ଓ ଶିକ୍ଷକଙ୍କ ସମନ୍ୱୟରେ ଉତ୍ତମ ଛାତ୍ର ଗଠନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ମୋବାଇଲ ଅପେକ୍ଷା ପୁସ୍ତକ ପଠନରେ ବ୍ରତୀ ହେବାକୁ ସେ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ । ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ସତ୍ୟବାଦୀ ଜେନା ଯୋଗଦେଇ ଏହି ଅନୁଷ୍ଠାନକୁ ୬୩ବର୍ଷ ହୋଇଥିବା ବେଳେ ତାଙ୍କର ଆଜି ୬୩ତମ ଜନ୍ମଦିବସ । ଏହି ଅନୁଷ୍ଠାନର ଦିନେ ଛାତ୍ର ଥିଲେ । ପୁରାତନ ଛାତ୍ର ସଂସଦର ସେ ସଭାପତି ହୋଇଛନ୍ତି । ଛାତ୍ରଛାତ୍ରୀମାନେ ଆଜିର ଅନୁକୂଳ ପରିବେଶରେ ପାଠ ପଢିବା ସହ ଉତ୍ତମ ଚରିତ୍ର ଗଠନ କରିବା ପାଇଁ ଆହ୍ୱାନ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ବରିଷ୍ଠ ସାମ୍ବାଦିକ ଜଗନ୍ନାଥ ଦାସ, ସରପଞ୍ଚ ମଞ୍ଜୁଳା ଦାସ, ସମିତି ସଭ୍ୟ ସଞ୍ଜୟ ସ୍ୱାଇଁ, ପରିଚାଳନା କମିଟି ସଭାପତି ସଞ୍ଜୟକୁମାର ସ୍ୱାଇଁଙ୍କ ସହ କମିଟିର ସଭ୍ୟ ସଭ୍ୟା ଯୋଗ ଦେଇଥିଲେ । ସୁନାକର ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ମୁଖ୍ୟଅତିଥି ବିଧାୟକଙ୍କ ସହ ଅନ୍ୟ ଅତିଥିମାନଙ୍କୁ ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ପାଛୋଟି ନେଇଥିଲେ । ଅନୁଷ୍ଠାନ ପରିସରରେ ଥିବା ପଣ୍ଡିତ ଉତ୍କଳମଣୀ ଗୋପବନ୍ଧୁ ଦାସ ଓ ଅନୁଷ୍ଠାନର ପ୍ରତିଷ୍ଠାତା କରୁଣାକର ସାହୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ । ଶିକ୍ଷକ କୃଷ୍ଣଚନ୍ଦ୍ର ମଲ୍ଲିକ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ । ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅଭୟକୁମାର ରାଉତ ଓ ପ୍ରାକ୍ତନ ଶିକ୍ଷକ ସୁନାକର ମଲ୍ଲିକଙ୍କ ସହ ଅବସରପ୍ରାପ୍ତ କର୍ମଚାରୀ ନଳିନୀକାନ୍ତ ସ୍ୱାଇଁଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କରାଯାଇଥିବା ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

## ସରକାରଙ୍କ କୃଷକ ମାରଣ ନୀତିକୁ ସମାଲୋଚନା



**ଖଣ୍ଡପଡ଼ା,୪।୨ ଏକ୍ସପ୍ରେସ୍ ନ୍ୟୁଜ୍**

ନୟାଗଡ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ସେବା ସମବାୟ ସମିତିରେ ଖୋଲିଥିବା ଧାନ ମଣ୍ଡିରେ ସମବାୟ ସମିତିର ସମ୍ପାଦକ ଓ ମିଲର କର୍ତ୍ତୃପକ୍ଷଙ୍କ ସଲାସୁତରାରେ କ୍ୱିଣ୍ଟାଲ ପିଛା ୭ରୁ ୮ କେଜି ଧାନ କଟାଯାଇ ଧାନ କ୍ରୟ କରାଯାଉଥିବା ଜଣାପଡିବା ପରେ ଏ ନେଇ ପ୍ରତିବାଦର ସ୍ୱର ଉଠାଇଛି ନବ ନିର୍ମାଣ କୃଷକ ସଂଗଠନ । ଚାଷୀମାନଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ମା'ଉମାଦେବୀଙ୍କ ପୀଠ ପରିସରରେ ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା । ନବ ନିର୍ମାଣ କୃଷକ ସଂଗଠନର ଖଣ୍ଡପଡ଼ା ଓ ଭାପୁର ବ୍ଲକ ସଂଯୋଜକ ବାସୁଦେବ ସାହୁ, ଅଭିମନ୍ୟୁ ଗୁମାନ ସିଂଙ୍କ ସମେତ ପ୍ରସନ୍ନ କୁମାର ପ୍ରଧାନ, ସୁରେଶ ଚନ୍ଦ୍ର ଦାଶ, ମହେଶ୍ୱର ମହାନ୍ତି, ପ୍ରଫୁଲ୍ଲ କୁମାର କର, ଗଙ୍ଗାଧର ଜେନା, ମଙ୍ଗୁଳି ବେହେରା ପ୍ରମୁଖ ସଂଗଠନର ସଦସ୍ୟମାନେ ସରକାରଙ୍କ କୃଷକ ମାରଣ ନୀତିକୁ କଟୁ ସମାଲୋଚନା କରିଥିଲେ । ମଣ୍ଡିରେ ଧାନ କାଟ ସଂପୂର୍ଣ୍ଣ ରୁପେ ବନ୍ଦ କରିବା ସହ ପ୍ରତ୍ୟେକ ମଣ୍ଡିରେ ଚାଷୀମାନଙ୍କ ନିମନ୍ତେ ଆନୁସଙ୍ଗିକ ସମସ୍ତ ବ୍ୟବସ୍ଥା କରିବାକୁ ସଂଗଠନର ସଦସ୍ୟମାନେ ଦାବି କରିଥିଲେ । ସମସ୍ତ ମଣ୍ଡିରେ ଧାନ କ୍ରୟ ବେଳେ କ୍ୱିଣ୍ଟାଲ ପିଛା ଧାନ କାଟ ବନ୍ଦ ନେଇ ନୟାଗଡ ଜିଲ୍ଲାପାଳ ଘୋଷଣା କରିଥିଲେ । ମାତ୍ର ଜିଲ୍ଲାପାଳଙ୍କ ଘୋଷଣା ସତ୍ତ୍ୱେ ମଧ୍ୟ ମିଲରଙ୍କ ମନମାନିରେ କ୍ୱିଣ୍ଟାଲ ପିଛା ଧାନ କାଟ କରାଯାଉଥିବା ବେଳେ ସମବାୟ ସମିତିର ସମ୍ପାଦକମାନେ ଏ ନେଇ ନୀରବତା ଅବଲମ୍ବନ କରୁଥିବାରୁ କୃଷକ ନେତାମାନେ କ୍ଷୋଭ ପ୍ରକାଶ କରିଥିଲେ । ନୟାଗଡ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଯୋଗାଣ ଅଧିକାରୀ ଯଦି ଏଥିପ୍ରତି ଦୃଷ୍ଟି ନ ଦିଅନ୍ତି ତେବେ ଆଗାମୀ ଦିନରେ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସଂଗଠନର ସଦସ୍ୟମାନେ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ । ପରେ ନବ ନିର୍ମାଣ କୃଷକ ସଂଗଠନର ସଦସ୍ୟମାନେ ନିକଟସ୍ଥ ବାଇଗୁଣିଆ ଗ୍ରାମସ୍ଥିତ ସେବା ସମବାୟ ସମିତିରେ ଚାଲିଥିବା ଧାନମଣ୍ଡିରେ ପହଞ୍ଚି ସମିତିର ସମ୍ପାଦକ ଓ ସ୍ଥାନୀୟ ଅଞ୍ଚଳର ଚାଷୀମାନଙ୍କ ସହ ବିଭିନ୍ନ ପ୍ରସଙ୍ଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ ।

## ସୁନା ସଫା ନାଁରେ ଲୁଟ୍

**ଧର୍ମଶାଳା,୪।୨ ଏକ୍ସପ୍ରେସ୍ ନ୍ୟୁଜ୍**

ସୁନା ସଫା ପାଉଡର ବିକ୍ରି ନାଁରେ ଲୁଟ୍ । ଧର୍ମଶାଳା ଥାନା ଜାରକା ବର୍ଜ୍ଜୁ ନଗରଠାରେ ସୁନା ସଫା ପାଉଡର ବିକ୍ରି ନାଁରେ ଜଣେ ମହିଳାଙ୍କ ଦେହରେ ଛୁରୀ ଲଗାଇ ଲକ୍ଷାଧିକ ଟଙ୍କାର ସୁନା ଗହଣା ଲୁଟି ନେଇଛନ୍ତି ଦୁର୍ବୃତ୍ତ । ସୂଚନାନୁଯାୟୀ, ଜଣେ ଯୁବକ ବୁଧବାର ସକାଳ ୧୧ଟା ବେଳେ ବର୍ଜ୍ଜୁ ନଗର କଲୋନୀକୁ ସୁନା ଓ ତମ୍ବା ସଫା ପାଉଡର ବିକ୍ରି ପାଇଁ ଆସିଥିଲେ । ଦୁଇ ତିନି ଘରକୁ ଯାଇ ମହିଳାଙ୍କୁ ପାଉଡର ବିକ୍ରି ପାଇଁ ନିବେଦନ କରିଥିଲେ ମଧ ସେମାନେ ଏହାକୁ କିଣିବାକୁ ଚାହିଁନଥିଲେ । ଉକ୍ତ କଲୋନୀରେ ମୀନକେତନ ପଣ୍ଡା ଗେଟ୍ ପାଖକୁ ଯାଇ ତାଙ୍କ ପତ୍ନୀଙ୍କୁ ପାଉଡର ନେବା ପାଇଁ କହିଥିଲେ । ମହିଳା ଜଣକ ଗେଟ୍ ଖୋଲି ତାଙ୍କ ପାଖରେ ପହଞ୍ଚିବା ମାତ୍ରେ ମହିଳାଙ୍କ ଦେହରେ ଛୁରା ଲଗାଇ ସୁନା ଅଳଙ୍କାର ଖୋଲି ଦେବାକୁ ଧମକ ଦେଇଥିଲେ । ମହିଳା ଜଣକ ଭୟରେ ହାତରେ ପିନ୍ଧିଥିବା ସୁନା ଚୁଡ଼ି ଓ ମୁଦି କାଢ଼ି ଦେଇ ଦେଇଥିଲେ । ପୂର୍ବରୁ ବାଇକରେ ବସି ଅପେକ୍ଷା କରିଥିବା ଅନ୍ୟ ଜଣେ ଦୁର୍ବୃତ୍ତ ସହ ଯୁବକ ଜଣକ ଫେରାର ମାରିଥିଲେ । ଦୁର୍ବୃତ୍ତ ଜଣଙ୍କ ହିନ୍ଦୀରେ କଥାବାର୍ତ୍ତା କରୁଥିବା ମହିଳା ଜଣଙ୍କ ପୋଲିସକୁ କହିଛନ୍ତି ।

## ଗଞ୍ଜେଇ ବେପାରୀ ଗିରଫ



**ରେଢ଼ାଖୋଲ,୪।୨ ଏକ୍ସପ୍ରେସ୍ ନ୍ୟୁଜ୍**

ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅନ୍ତର୍ଗତ ପୁରୁଣାଗଡ଼ ଛକରୁ ମଙ୍ଗଳବାର ଅବକାରୀ ବିଭାଗ ପକ୍ଷରୁ ଏକ କାରରୁ ୨୨ କେଜି ଗଞ୍ଜେଇ ଜବତ କରିବା ସହ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ବୌଦ୍ଧ ଜିଲ୍ଲାର ରାଜେଶ ମିସ୍ତ୍ରୀ(୩୨) । ସୂଚନା ଯୋଗ୍ୟ ଯେ ବୌଦ୍ଧ ଜିଲ୍ଲା ଅଞ୍ଚଳରୁ ରେଢ଼ାଖୋଲ ଅଭିମୁଖେ ଏକ ମାରୁତି ସୁଜୁକି କାରରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ଅବକାରୀ ବିଭାଗ ଖବର ପାଇ ସହରର ପୁରୁଣାଗଡ଼ ଛକ ନିକଟରେ ରେଢ଼ାଖୋଲ ଅବକାରୀ ବିଭାଗ ଅଧିକାରୀ ଦ୍ୱବଦଳ ବିଶ୍ୱାଳଙ୍କ ନେତୃତ୍ୱରେ କର୍ମଚାରୀମାନେ ଏକ ଜଗି ରହିଥିଲେ । ଏଥିରେ ଏକ କାର ନଂ ଓଡି ୦୨ ବିଇ ୬୩୧୦ ବିଶିଷ୍ଟ ଗାଡିକୁ ଅଟକାଇ ଯାଞ୍ଚ କରିଥିଲେ । ଏଥିରେ କାରରୁ ୨୨ କେଜି ବେଆଇନ ଚୋରା ଚାଲାଣ ଗଞ୍ଜେଇ ଜବତ କରିବା ସହ ଜଣେ ଉକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ଏଥିରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ଏଥିରେ ବୌଦ୍ଧ ଜିଲ୍ଲା ଅଞ୍ଚଳରୁ ଭୁବନେଶ୍ୱରକୁ ବେଆଇନ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଚଢ଼ାଉ ହୋଇଥିଲା ।

## ସତ୍ୟବାଦୀ ମହୋତ୍ସବ ପ୍ରସ୍ତୁତି



**ସାକ୍ଷୀଗୋପାଳ,୪।୨ ଏକ୍ସପ୍ରେସ୍ ନ୍ୟୁଜ୍**

ସତ୍ୟବାଦୀ ମହୋତ୍ସବ ଚଳିତ ବର୍ଷ ଫେବୃୟାରୀ ୫ରୁ ୮ ତାରିଖ ପର୍ଯ୍ୟନ୍ତ ପଞ୍ଚସଖା ପଡିଆ ଠାରେ ଅନୁଷ୍ଠିତ ହେବ । ଏହି ମହୋତ୍ସବର ଆକର୍ଷଣୀୟ ଜ୍ୟୋତି ଯାତ୍ରା ୫ ତାରିଖ ଅପରାହ୍ନ ୪ ଘଟିକାରେ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଛି । ମଙ୍ଗଳବାର ଅପରାହ୍ନରେ ମହୋତ୍ସବର ସମ୍ପାଦକ ଦୀପକ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ମହୋତ୍ସବକୁ ଶୃଙ୍ଖଳାର ସହ ପରିଚାଳନା ପାଇଁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ କମିଟି ସଂଯୋଜକ ଜାନକୀବଲ୍ଲଭ ବରାଳ, ବରିଷ୍ଠ ଖବରଦାତା କିଶୋର ଚନ୍ଦ୍ର ମହାପାତ୍ର, ଉପସଭାପତି ରଞ୍ଜନ କୁମାର ବରାଳ, ସାଂସ୍କୃତିକ ସମ୍ପାଦକ ବଦ୍ରି ନାରାୟଣ ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ସତ୍ୟବାଦୀ ମହୋତ୍ସବ ଏକ ଗୌରବମୟ ଉତ୍ସବ ଭାବେ ପଞ୍ଚସଖାଙ୍କ ସ୍ୱାଭିମାନ ମାଟିରେ ପ୍ରତି ବର୍ଷ ପାଳିତ ହୋଇଆସୁଛି । ଏହି ମହୋତ୍ସବ ମାଧ୍ୟମରେ ଆମ ରାଜ୍ୟର ସମୃଦ୍ଧ କଳା ଓ ସାଂସ୍କୃତିକ ଚେତନାକୁ ଅଧିକ ଋଦ୍ଧିମନ୍ତ କରିବାର ପ୍ରୟାସ କରାଯାଉଛି ବୋଲି କହିବା ସହ ଏହାକୁ ସଫଳ ପାଇଁ ସମସ୍ତ ସାମ୍ବାଦିକଙ୍କ ସହଯୋଗ କାମନା କରିଥିଲେ । ଏଥିରେ ଖବରଦାତା ବସନ୍ତ କୁମାର ପଟ୍ଟନାୟକ, ଅଶୋକ ବେହେରା, ଅମର ଶତପଥୀ, ଭରତ ରାଉତ, ପ୍ରଶାନ୍ତ କୁମାର ବାରିକ, ପ୍ରଭାତ କୁମାର ମିଶ୍ର, ରାଜକିଶୋର ସେନାପତି ସନ୍ତୋଷ କୁମାର ପଣ୍ଡା, ସ୍ତମ୍ଭକାର ଦେବତିକ୍ତ ମିଶ୍ର, ବିଶ୍ୱଜିତ ପଟ୍ଟନାୟକ, ତୁଷାର ରଞ୍ଜନ ନାୟକ, ଅରୁଣ ରାଉତ, ଧିରେନ୍ଦ୍ର ସେନାପତି ପ୍ରମୁଖ ଯୋଗଦେଇ ଥିଲେ ।

## ଜିଲ୍ଲାପାଳଙ୍କୁ ଭେଟିଲେ ଚାଷୀ ସଂଗଠନ

**ଝାରସୁଗୁଡ଼ା,୪।୨ ଏକ୍ସପ୍ରେସ୍ ନ୍ୟୁଜ୍**

ପଞ୍ଚାୟତ କମିଟି ଚାଷୀଙ୍କୁ ଚିହ୍ନଟ କରିବେ । ଘରକୁ ଘର ବୁଲି ଧାନ ରହିଥିବା ଚାଷୀଙ୍କୁ ଟୋକନ ଦେବେ । ଏହାପରେ ସେହି ଚାଷୀଙ୍କ ଠାରୁ ଧାନ କିଣା ହେବ । ଏପରି ଅଜବ ବ୍ୟବସ୍ଥାକୁ ନେଇ ଝାରସୁଗୁଡ଼ା ଚାଷୀ ସଂଗଠନ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କୁ ଭେଟି ଧାନକ୍ରୟ ପାଇଁ କରାଯାଇଥିବା ପଞ୍ଚାୟତ କମିଟିକୁ ତୁରନ୍ତ ବାତିଲ କରିବାକୁ ଦାବି କରିଥିଲେ ।

ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ଜିଲ୍ଲାରେ ଧାନ ବିକ୍ରି କରି ପାରି ନ ଥିବା ଚାଷୀଙ୍କ ପାଇଁ ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଏକ ପତ୍ର ଜାରି କରିଥିଲେ । ଉକ୍ତ ପତ୍ର ନମ୍ବର ୩୦୬ରେ ଥିବା ଜିଲ୍ଲାପାଳଙ୍କ ଆଦେଶକୁ ବାତିଲ କରିବା ସହିତ ଚାଷୀମାନେ ଯେପରି ଶୀଘ୍ର ଧାନ ବିକ୍ରି କରିପାରିବେ, ସେଥିପ୍ରତି ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବା ପାଇଁ ଝାରସୁଗୁଡା ଜିଲ୍ଲାର କୃଷକ ସଂଗଠନ କର୍ମକର୍ତ୍ତା ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ସୋମବାର ଝାରସୁଗୁଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ତଥା ଜିଲ୍ଲା ଯୋଗାଣ ବିଭାଗରୁ ଜିଲ୍ଲାରେ ଧାନ ବିକ୍ରି କରି ପାରି ନ ଥିବା ଚାଷୀଙ୍କ ପାଇଁ ପତ୍ର ନମ୍ବର ୩୦୬ରେ ଜିଲ୍ଲାପାଳ ଏକ ପତ୍ର ଜାରି କରିଥିଲେ । ଯେଉଁଥିରେ କି କୃଷି, ରାଜସ୍ୱ, ପଞ୍ଚାୟତ ଅଧିକାରୀଙ୍କୁ ନେଇ ପଞ୍ଚାୟତସ୍ତରୀୟ କମିଟି ତିଆରି କରି ଯେଉଁ ଚାଷୀଙ୍କ ପାଖରେ ଟୋକନ ଅଛି, ସେମାନଙ୍କ ଘରକୁ ଉପରୋକ୍ତ ଅଧିକାରୀମାନେ ଯାଇ ଧାନ ଅଛି କି ନାହିଁ ଯାଞ୍ଚ କରିବେ । ଧାନ ଥିଲେ ଚାଷୀଙ୍କ ସହ ଧାନର ଫଟୋ ଉଠାଇ ଟ୍ୟାଗ କରି ଯୋଗାଣ ବିଭାଗର ପୋର୍ଟାଲରେ ଅପଲୋଡ୍ କରିବା ପରେ ଉକ୍ତ ଚାଷୀ ଧାନ ବିକ୍ରି କରି ପାରିବେ । ଯଦି ଧାନ ନ ଥିବ ଟୋକନ ଥିଲେ ମଧ ବିକ୍ରି କରି ପାରିବେ ନାହିଁ । ଜିଲ୍ଲାପାଳଙ୍କ ଏହି ପତ୍ରର ବିରୋଧରେ ଝାରସୁଗୁଡା ଜିଲ୍ଲା କୃଷକ ସଂଗଠନର ଶତାଧିକ ଚାଷୀ ଆଜି ଏକଜୁଟ ହୋଇ ଏହି ପତ୍ରକୁ ବାତିଲ କରିବା ପାଇଁ ଦାବି କରିଥିଲେ । ସେମାନଙ୍କ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ସାଟେଲାଇଟ ସର୍ଭେ ଓ ରାଜସ୍ୱ, କୃଷି ଓ ଯୋଗାଣ ବିଭାଗର ମିଳିତ ଯାଞ୍ଚ ପ୍ରକ୍ରିୟା ପରେ ଚାଷୀମାନେ କେତେ ଧାନ ବିକ୍ରି କରି ପାରିବେ ସେନେଇ ଟୋକନ ରାଜ୍ୟ ଖାଦ୍ୟ ଏବଂ ଯୋଗାଣ ବିଭାଗରୁ ପ୍ରକାଶ ପାଇଛି । ତେଣୁ ଟୋକନକୁ ଏପରି ଭାବରେ ଅକାମି କରି ଦିଆଯାଇ ପାରିବ ନାହିଁ । ଏହା ସହିତ ଯେତେ ଚାଷୀ ଧାନ ବିକିବା ପାଇଁ ଅପେକ୍ଷାରେ ଅଛନ୍ତି, ତୁରନ୍ତ ସେମାନଙ୍କ ଧାନ କିଣାଯାଉ, ନଚେତ ଧାନ କିଣିବାର ଅବଧି ସରିବାକୁ ବସିଲାଣି । ଏସବୁ ଦାବି ଜିଲାପାଳଙ୍କୁ ଜଣାଇବା ସହିତ ଏହାର ଏକକିତା ନକଲ ରାଜସ୍ୱ ମନ୍ତ୍ରୀ, ବରଗଡ଼ ସାଂସଦ, ଝାରସୁଗୁଡା ବିଧାୟକଙ୍କୁ ମଧ୍ୟ କୃଷକ ସଂଗଠନ ପକ୍ଷରୁ ଦିଆଯାଇଛି । ଏହି ଦାବିପତ୍ର ଦେବା ସମୟରେ କୃଷକ ସଂଗଠନର ସଭାପତି ଦିଲ୍ଲୀପ ବଡେଇ, ସମ୍ପାଦକ ହେମନ୍ତ ସାଗର କୁମୁରା, ଆବାହକ ବିରଞ୍ଚି ସାହୁ, ସୁରେନ୍ଦ୍ର ସାହୁ, ହେମନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## କୋଣାର୍କ ଉପକୂଳରେ ଅଲିଭ ରିଡଲେଙ୍କ ଅଣ୍ଡା ଦାନ

**କୋଣାର୍କ,୪।୨ ଏକ୍ସପ୍ରେସ୍ ନ୍ୟୁଜ୍**

କୋଣାର୍କ ସମୁଦ୍ର ଉପକୂଳରେ ବିରଳ ଅଲିଭ ରିଡଲେଙ୍କ ଅଣ୍ଡାଦାନ ପ୍ରକ୍ରିୟା ଫେବୃୟାରୀ ମାସରୁ ଆରମ୍ଭ ହୋଇଛି । ଅଲିଭ ରିଡଲେ କଇଁଛଙ୍କ ଅଣ୍ଡାଦାନ ସୁରକ୍ଷା ପାଇଁ କୋଣାର୍କ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ କଅଁରପୁର, ଚନ୍ଦ୍ରଭାଗା, ଦଶଧାଡିଆ ଓ ରାମଚଣ୍ଡୀ ଅସ୍ଥାୟୀ କଇଁଛ ସୁରକ୍ଷା ଓ ପ୍ରଜନନ କେନ୍ଦ୍ର ଖୋଲାଯାଇଛି । ଫେବୃୟାରୀ ୨ ତାରିଖ ପର୍ଯ୍ୟନ୍ତ ୧୯ଟି ବସାରେ ସମୁଦାୟ ୨୦୭୭ ଅଣ୍ଡା ସଂଗୃହିତ କରାଯାଇ ଅସ୍ଥାୟୀ ପ୍ରଜନନ କେନ୍ଦ୍ରରେ ରଖାଯାଇଛି । ଏହି ଅଣ୍ଡାଗୁଡିକ ୪ଟି ଅସ୍ଥାୟୀ ପ୍ରଜନନ କେନ୍ଦ୍ରର ସୁରକ୍ଷିତ ଉପାୟରେ ରଖାଯାଇଛି । ସଂଗୃହୀତ ହୋଇଥିବା ଅଣ୍ଡାରୁ ଆସନ୍ତା ୪୫ରୁ ୫୫ ଦିନ ମଧ୍ୟରେ ଛୁଆ ଫୁଟିବ । ଏହା ପରେ ସୁରକ୍ଷିତ ଭାବେ ଅଲିଭ ରିଡଲେ ଶାବକମାନଙ୍କୁ ଗଭୀର ସମୁଦ୍ରକୁ ଛଡ଼ାଯିବ । ଅଲିଭ ରିଡଲେ କଇଁଛମାନଙ୍କ ନିରାପଦ ଓ ସମୂହ ଅଣ୍ଡାଦାନ ପାଇଁ ବନବିଭାଗ ତତ୍ପର ହୋଇଉଠିଛି । ଅଲିଭ ରିଡଲେଙ୍କ ଅଣ୍ଡାଦାନ ପରେ ଅଣ୍ଡାଗୁଡିକ ବିଲୁଆ, କୁକୁରଙ୍କ ଠାରୁ ରକ୍ଷା କରିବା ପାଇଁ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯାଇଥିବା କୋଣାର୍କ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀ ସୂଚନା ଦେଇଛନ୍ତି ।

## କୂଅରୁ ମିଳିଲା ଛାତ୍ରଙ୍କ ମୃତଦେହ

**ନୟାଗଡ଼,୪।୨ ଏକ୍ସପ୍ରେସ୍ ନ୍ୟୁଜ୍**

ନୟାଗଡ଼ ଜିଲ୍ଲା ଗଣିଆ ଥାନା ବିଜୟନଗର ଗ୍ରାମର ନିଖୋଜ ଜଣେ ସ୍କୁଲ ଛାତ୍ରଙ୍କ ମୃତଦେହ ବୁଧବାର କୂଅରୁ ଉଦ୍ଧାର ପରେ ଉତ୍ତେଜନା ଦେଖାଦେଇଛି । ଛାତ୍ରଙ୍କୁ ହତ୍ୟା କରି କୂଅରେ ପେଲି ଦିଆଯାଇଥିବା ଅଭିଯୋଗ ହୋଇଛି ।

ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ବେଲପଡ଼ା ପ୍ରାଥମିକ ବିଦ୍ୟାଳୟର ୨ ଶିକ୍ଷୟିତ୍ରୀ ନିଲମ୍ବିତ ହୋଇଛନ୍ତି । ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମନୀଷା ସେନାପତି ନିଲମ୍ବିତ ହୋଇଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ଶୈଳବାଳା ଦେଇ ମଧ ନିଲମ୍ବିତ ହୋଇଛନ୍ତି । କାର୍ଯ୍ୟରେ ଅବହେଳା ପାଇଁ ତାଙ୍କୁ ଗଣିଆ ବିଇଓ ନିଲମ୍ବନ କରିଛନ୍ତି । ମୃତ ଛାତ୍ରଙ୍କ ନାମ ଭୋଳାନାଥ ମଲ୍ଲିକ (୧୦) । ଛାତ୍ର ଭୋଳାନାଥ ମଙ୍ଗଳବାର ସ୍କୁଲରୁ ମଧ୍ୟାହ୍ନ ଭୋଜନ ପରେ ବାହାରକୁ ଶୌଚ ପାଇଁ ଯାଇ ସ୍କୁଲକୁ ଫେରି ନଥିଲେ । ଘର ଲୋକ ଖୋଜାଖୋଜି ପରେ ପାଇ ନଥିଲେ । ବୁଧବାର ସକାଳୁ କୂଅରୁ ମୃତଦେହ ଉଦ୍ଧାର ପରେ ଘଟଣାସ୍ଥଳରେ ପୋଲିସ, ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ କରୁଛି ।

## ଜୋନାଲସ୍ତରୀୟ ଛାତ୍ରଛାତ୍ରୀ ସମ୍ମିଳନୀ



**ବେତନଟୀ,୪।୨ ଏକ୍ସପ୍ରେସ୍ ନ୍ୟୁଜ୍**

ବେତନଟୀ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ୪ ଦିନ ଧରି ଏକ ଜୋନାଲସ୍ତରୀୟ ଛାତ୍ରଛାତ୍ରୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ତିନୋଟି ଜିଲ୍ଲାର ଶିକ୍ଷା କେନ୍ଦ୍ରରୁ ପ୍ରାୟ ୩୦୦ରୁ ଅଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଜୋନର ଆବାହକ ଗଣେଶ ପ୍ରସାଦ ମହାପାତ୍ର, ଦୟାନିଧି ପାତ୍ର, ପ୍ରଦୀପ କୁମାର ଜେନା, ନାରାୟଣ ଅଗସ୍ତି, ଶଶିକାନ୍ତ ଭୋଇ ଏହାକୁ ପରିଚାଳନା କରିଥିଲେ । ପ୍ରଥମ ଦିବସରେ ବନ୍ଦେ ମାତରମ ଗାନ ସହିତ ମାର୍ଚ୍ଚଫାଷ୍ଟ କରାଯାଇ ଭାରତର ଆଧାତ୍ମିକ ପତାକା ଉତ୍ତୋଳନ କରାଯାଇଥିଲା । ପରେ ପରେ ପିଲାମାନଙ୍କ ମଧ୍ୟରେ ୬ଟି ଗ୍ରୁପ କରାଯାଇ ଶିକ୍ଷାକୁ କିପରି ଖେଳ ନାଚ୍ ମାଧ୍ୟମରେ ଶିକ୍ଷା ଦିଆଯାଇପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା । ପିଲାଙ୍କ ମଧ୍ୟରେ ପାଠର ଭୟ କିପରି ଦୂର ହେବ ସେ ବିଷୟକୁ ଆଲୋକପାତ କରାଯାଇଥିଲା । ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଶେଷ ଦିବସରେ ପିଲାମାନଙ୍କୁ ପ୍ରାତଃ ଭ୍ରମଣ କରାଇ ବିଭିନ୍ନ ପ୍ରକାର ଶାରୀରିକ କସରତ ଶିକ୍ଷାଦାନ କରାଯାଇଥିଲା । ଅପରାହ୍ନ ସମୟରେ ବିଭିନ୍ନ ଗ୍ରୁପର ପିଲାମାନେ ଚାରି ଦିନ ରହଣିର ଅଭିଜ୍ଞତା ବର୍ଣ୍ଣନା କରିଥିଲେ । ଏହି ସମସ୍ତ କାର୍ଯ୍ୟକୁ ବିଦ୍ୟାଳୟର ଅଧ୍ୟକ୍ଷା ମାମା ଅପା, ବୈଜୟନ୍ତୀ ଅପା, ମିତା ଅପା, ଅନୁ ଅପା, ଗିରିଧାରୀ ଭାଇ, ମାଥୁର ଭାଇ, ରଣଜିତ ଭାଇ, ବାସୁରୀ ଭାଇ ଓ କମିଟିର ସଭ୍ୟ ସଭ୍ୟାମାନେ ସହଯୋଗ କରି ଏହାକୁ ସାକାର କରିଥିଲେ । ସର୍ବଶେଷରେ ବିଦ୍ୟାଳୟର ସଭାପତି ଗୌତମ ଚନ୍ଦ୍ର ବେହେରା ସମ୍ପାଦକ ସୁଧାଂଶୁ ପଟ୍ଟନାୟକ, ଓ ଶିକ୍ଷାବିତ ମହେଶ୍ୱର ପଣ୍ଡା, ରାଧାକୃଷ୍ଣ ପାତ୍ର, ଶ୍ୟାମ ପ୍ରସାଦ ମଣ୍ଡୁଆଳ ଚାରି ଦିନ ଧରି ଉପସ୍ଥିତ ରହି ଏହି କାର୍ଯ୍ୟକୁ ସୁଚାରୁ ରୂପେ ତୁଲାଇ ବାରେ ସାହାଯ୍ୟ କରିଥିଲେ । ଶେଷରେ ଭାରତର ଆଧାତ୍ମିକ ପତାକାକୁ ଅବତରଣ କରାଯାଇ କାର୍ଯ୍ୟକ୍ରମକୁ ମାଙ୍କୁ ପାଦପଦ୍ମରେ ସମର୍ପଣ କରାଯାଇଥିଲା ।

## ଟ୍ରଲରକୁ ପଛରୁ ଧକ୍କା ଦେଲା ଆଇଚର୍, ୪ ଗୁରୁତର

**ସୋର,୪।୨ ଏକ୍ସପ୍ରେସ୍ ନ୍ୟୁଜ୍**

ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ନିକଟରେ ଟ୍ରଲରକୁ ପଛରୁ ଏକ ଆଇଚର ଟ୍ରକ ଧକ୍କା ଦେବା ଫଳରେ ଚାରି ଜଣ ଗୁରୁତର ଆହତ ହୋଇ ସୋର ମେଡିକାଲରେ ଭର୍ତ୍ତି ହୋଇଛନ୍ତି ।

ସୂଚନା ଅନୁସାରେ, ମଙ୍ଗଳବାର ବିଳମ୍ବିତ ରାତିରେ ଜେଏଚ୍ ୦୧ ଏଫଆର ୦୧୨୧ ନମ୍ବର ବିଶିଷ୍ଟ ଏକ ଆଇଚ୍‌ର ଟ୍ରକ ଘରୋଇ ସାମଗ୍ରୀ ଲୋଡ଼ କରି ବାଲେଶ୍ୱର ଅଭିମୁଖେ ଆସୁଥିବା ବେଳେ ତଳନଗର ନିକଟରେ ଆଗରେ ଯାଉଥିବା ଏକ ଟ୍ରଲର ପଛରୁ ଧକ୍କା ଦେଇଥିଲା । ଫଳରେ ଟ୍ରକ ମଧ୍ୟରେ ଥିବା ଚାରି ଜଣ ଯାତ୍ରୀ ଗୁରୁତର ଆହତ ହୋଇ ଟ୍ରକ୍ ମଧ୍ୟରେ ଚାପି ହୋଇ ରହିଥିଲେ ।

## ବେଦାନ୍ତ ଆଲୁମିନିୟମରେ ବ୍ୟାପକ ସଡ଼କ ସୁରକ୍ଷା



**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଝାରସୁଗୁଡ଼ା ଏବଂ ଲାଞ୍ଜିଗଡ଼ରେ ଏହାର କାର୍ଯ୍ୟସ୍ଥଳରେ ସମନ୍ୱିତ ତଥା ପ୍ରଭାବଶାଳୀ ସଡ଼କ ସୁରକ୍ଷା ପଦକ୍ଷେପ ସହିତ ୩୭ତମ ଜାତୀୟ ସଡ଼କ ସୁରକ୍ଷା ମାସ ୨୦୨୬ ପାଳନ କରିଛି ଏବଂ ଯେଉଁଥିରେ ୨୦୦୦ରୁ ଅଧିକ କର୍ମଚାରୀ, ବ୍ୟବସାୟିକ ଅଂଶୀଦାର ଏବଂ ସ୍ଥାନୀୟ ସମୁଦାୟଙ୍କୁ ସାମିଲ କରିବା ସହିତ ସୁରକ୍ଷିତ ଏବଂ ଦାୟିତ୍ୱପୂର୍ଣ୍ଣ ସଡ଼କ ସୁରକ୍ଷା ଅଭିଯାନକୁ ପ୍ରୋତ୍ସାହିତ କରିଛି ।

ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ସମୁଦାୟ ଅଂଶୀଦାରମାନଙ୍କ ସହିତ ସହଭାଗୀତା କରି, କମ୍ପାନୀ ଦାୟିତ୍ୱପୂର୍ଣ୍ଣ ଗାଡିଚାଳନା ଆଚରଣ, ସଡ଼କ ଶୃଙ୍ଖଳା ଏବଂ ଜୀବନ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରଭାବଶାଳୀ ଅଭିଯାନ ଆରମ୍ଭ କରିଛି । 'ସଡ଼କ ସୁରକ୍ଷା, ଜୀବନ ରକ୍ଷା' ବିଷୟବସ୍ତୁ ଅଧୀନରେ ପ୍ରମୁଖ ସମ୍ପ୍ରଦାୟ ସମ୍ପର୍କ ବିନ୍ଦୁଗୁଡ଼ିକରେ ସୁରକ୍ଷା ସଚେତନତାକୁ ସୁଦୃଢ଼ କରିବା ପାଇଁ ସଡ଼କ ସୁରକ୍ଷା କୁଇଜ୍, ସ୍ଲୋଗାନ ପ୍ରତିଯୋଗିତା, ସାଇକ୍ଲୋଥନ୍, ସଡ଼କ ସୁରକ୍ଷା ଟ୍ୟାଙ୍କ ପ୍ରତିଯୋଗିତା ଏବଂ ସଚେତନତା ଅଭିଯାନ ଭଳି ବହୁବିଧ କାର୍ଯ୍ୟକ୍ରମ ଜନସାଧାରଣଙ୍କ ସହଭାଗୀତାରେ ଅନୁଷ୍ଠିତ ହୋଇଥିଲା । ସଚେତନତା ଅଭିଯାନର ଏକ ଅଂଶ ଭାବରେ, ବେଦାନ୍ତ ଆଲୁମିନିୟମ୍ ପକ୍ଷରୁ ସଡ଼କ ସୁରକ୍ଷାର ଗୁରୁତ୍ୱକୁ ସୁଦୃଢ଼ କରିବା ପାଇଁ ଅନେକ ପଦକ୍ଷେପମାନ ନିଆଯାଇଛି । ଯେପରିକି, ଝାରସୁଗୁଡାରେ, ଏହି ଅଭିଯାନରେ ଝାରସୁଗୁଡ଼ା ଆରଟିଓ ସହିତ ସହଭାଗୀତାରେ ଏକ ପ୍ରଭାବଶାଳୀ ସଡ଼କ ସୁରକ୍ଷା ସଚେତନତା ଅଭିଯାନ ମାଧ୍ୟମରେ ପ୍ରାୟ ୧,୦୦୦ ଲୋକଙ୍କୁ ସାମିଲ କରାଯାଇଥିଲା ।

## ରୋମାନିଆ ଯିବେ କିସ୍‌ର ୧୦ ଛାତ୍ରୀଛାତ୍ରୀ



**ଭୁବନେଶ୍ୱର,୪।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶାର ଜନଜାତି ଭାଷାରେ ପରିବେଷଣ ହେବ ପ୍ରଖ୍ୟାତ ନାଟ୍ୟକାର ସେକ୍‌ସପିଅରଙ୍କ ନାଟକ । ରୋମାନିଆରେ ଏହି ନାଟକ ପରିବେଷଣ କରିବେ କିସ୍‌ର ଛାତ୍ରଛାତ୍ରୀ । ଏଥିପାଇଁ ଚାଲିଛି ବ୍ୟାପକ ପ୍ରସ୍ତୁତି । ଏଥିରେ ସାମିଲ ହୋଇଛନ୍ତି କିସ୍‌ର ୧୦ଜଣ ପିଏଚ୍‌ଡି, ସ୍ନାତକ, ସ୍ନାତକୋତ୍ତର ଓ ବିବିଏ ପଢୁଥିବା ଛାତ୍ରଛାତ୍ରୀ । ଆସନ୍ତା ମେ ମାସରେ ରୋମାନିଆର କ୍ରାୟୋଭା ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱ ସେକ୍‌ସପିଅର ମହୋତ୍ସବରେ ଏହି ଛାତ୍ରଛାତ୍ରୀମାନେ ଯୋଗଦେଇ ସେକ୍‌ସପିଅରଙ୍କ ନାଟକକୁ ଜନଜାତି ଭାଷାରେ ପରିବେଷଣ କରିବେ । ବିଶ୍ୱ ରଙ୍ଗମଞ୍ଚରେ କିସ୍ ଛାତ୍ରଛାତ୍ରୀ ସେମାନଙ୍କ ନିଜସ୍ୱ ଭାଷାରେ ୩ଟି ସେକ୍‌ସପିଅର ନାଟକ ପରିବେଷଣ କରିବେ । ଏହା କିସ୍, ଜନଜାତି ସମାଜ ଓ ସମଗ୍ର ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି କୁହାଯାଉଛି । ଏବେ ଛାତ୍ରଛାତ୍ରୀମାନେ ନାଟକ ଅଭ୍ୟାସ ଆରମ୍ଭ କରିଛନ୍ତି । ଦୀର୍ଘ ଦୁଇମାସ ଧରି ସେମାନେ ରୋମାନିଆରେ ରହି ପୁନର୍ବାର ନାଟକ ଅଭ୍ୟାସ ଜାରି ରଖିବେ ଓ ପରିବେଷଣ କରିବେ । କୌଣସି ଶିକ୍ଷାନୁଷ୍ଠାନରୁ ଛାତ୍ରଛାତ୍ରୀ ସେକ୍‌ସପିଅରଙ୍କ ନାଟକ ଶିଖି ଅନ୍ତର୍ଜାତୀୟ ମଞ୍ଚରେ ଅଭିନୟ କରିବା ଭାରତରେ ପ୍ରଥମ ବୋଲି କୁହାଯାଉଛି । ଏଥିରେ ଖୁସିବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଶ୍ରୀ ସାମନ୍ତ କହିଛନ୍ତି, କିସ୍ ଛାତ୍ରଛାତ୍ରୀମାନେ ପୂର୍ବରୁ କ୍ରୀଡ଼ା ଓ ଶିକ୍ଷା ଆଦି କ୍ଷେତ୍ରରେ ଦେଶ ବିଦେଶ ଯାଇ ସୁନାମ ଆଣୁଥିଲେ । ଏବେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଅନ୍ତର୍ଜାତୀୟସ୍ତରରେ ସୁନାମ ଆଣିବେ । ଏହା ସମସ୍ତଙ୍କ ପାଇଁ ଖୁସିର ବିଷୟ ।

## ନବବଧୂଙ୍କୁ ହତ୍ୟା

**ଭଦ୍ରକ,୪।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଭଦ୍ରକ ଜିଲ୍ଲା ଆଗରପଡା ଥାନା ଅଧିନ ଓଲଡାଙ୍ଗ ଗ୍ରାମରେ ନବ ବିବାହିତା ସୁଭଦ୍ରା ପଣ୍ଡା (୨୧)ଙ୍କ ମୃତ୍ୟୁ ଘଟିଥିବା ବେଳେ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି । ଖବରରୁ ପ୍ରକାଶ ଭଦ୍ରକ ଜିଲ୍ଲା ବାଲୁଅ ଶାସନ ଗ୍ରାମର ସୁରେନ୍ଦ୍ର ପଣ୍ଡାଙ୍କ ଝିଅ ସୁଭଦ୍ରା ଏହି ଥାନା ଅଧିନ ଓଲଡାଙ୍ଗ ଗ୍ରାମର ସୁଦର୍ଶନ ପଣ୍ଡାଙ୍କ ପୁଅ ଜ୍ୟୋତି ରଞ୍ଜନଙ୍କୁ ବିବାହ କରିଥିଲେ । ବିବାହର ୮ ମାସ ପରେ ସୁଭଦ୍ରା ୩ ମାସର ଗର୍ଭବତୀ ଥିଲେ । ପରିବାର ପକ୍ଷରୁ ସ୍ୱାମୀ ଜ୍ୟୋତିରଞ୍ଜନ, ଦିଅର ତପନ, ଶଶୁର ସୁଦର୍ଶନ, ଶାଶୁ ନୟନା ତାଙ୍କୁ ବିଭିନ୍ନ ସମୟରେ ଯୌତୁକ ଦାବି କରି ଶାରିରୀକ ଓ ମାନସିକ ନିର୍ଯାତନା ଦେଇ ଆସୁଥିବା ନେଇ ଅଭିଯୋଗ ହୋଇ ଆସୁଥିଲା । ତେବେ ସୋମବାର ମଧ୍ୟାହ୍ନରେ ସୁଭଦ୍ରା ଦଉଡି ଲଗାଇ ଆତ୍ମହତ୍ୟା କରିଥିବାର ଖବର ପଡୋଶୀଙ୍କ ଠାରୁ ପାଇ ବାପ ଘର ଲୋକେ ଆଗରପଡା ଡାକ୍ତରଖାନାରେ ପହଞ୍ଚି ଥିଲେ । ଆଗରପଡା ଡାକ୍ତରଖାନାରେ ସୁଭଦ୍ରାଙ୍କ ମର ଶରୀର ରହିଥିବା ବେଳେ ମଙ୍ଗଳବାର ଶବ ବ୍ୟବଚ୍ଛେଦ ପରେ ତାଙ୍କୁ ବାଲୁଅ ଶାସନ ଗ୍ରାମରେ ଏକ ଶୋକାକୂଳ ପରିବେଶ ମଧ୍ୟରେ ଦାହ କରାଯାଇଛି । ଉପରୋକ୍ତ ଘଟଣା ନେଇ ଆଗରପଡା ଥାନାରେ ସୁଭଦ୍ରା ପରିବାରଙ୍କ ପକ୍ଷରୁ ଅଭିଯୋଗ ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସଙ୍ଗେ ସଙ୍ଗେ ଶାଶୁ ନୟନାଙ୍କୁ ଥାନାରେ ଅଟକ ରଖିଛି । ଅନ୍ୟମାନେ ଫେରାର ଥିବା ଜଣା ପଡିଛି । ଅନ୍ୟ ପକ୍ଷରେ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବିରେ ବାପ ଘର ଲୋକେ ଏସପିଙ୍କୁ ସାକ୍ଷାତ୍ କରିଛନ୍ତି । ତେବେ ଓଲଡାଙ୍ଗ ଗ୍ରାମବାସୀ ସୁଭଦ୍ରାଙ୍କ ସ୍ୱାମୀ ଜ୍ୟୋତିରଞ୍ଜନଙ୍କର ଆତ୍ମହତ୍ୟା ସହ କୌଣସି ସଂପର୍କ ନଥିବା କହିଛନ୍ତି ।

# ଶେଷ ପୃଷ୍ଠା

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର | 5th February, 2026 Thursday | RNI Regd. No. ODIODI/2006/23033 | Postal Regd. No. : BN/169/13-15


## ହେଲ୍‌ଥ ଟନିକ୍



### ଡାଡି କୋଉଠି ?

ଝିଅ- ଡାଡି, ଏବେ ତମେ କୋଉଠି ଅଛ ?

ଡାଡି- ମୁଁ ଅଫିସ୍‌ରେ ଅଛି, କାହିଁ କ'ଣ ହେଲା ଫୋନ୍ କଲୁ ?

ଝିଅ- ନାଇଁ, ମମି କହିଲେ ଆମ ପାଖ ଘର ଆଣ୍ଟି କାହା ସହିତ ଘରୁ ପଳାଇଛନ୍ତି। ଫୋନ୍ କରି ପଚାରେ ଡାଡି ଏବେ କୋଉଠି ଅଛନ୍ତି।

### ଦାମ୍ପତ୍ୟ ଆଳାପ

ସ୍ତ୍ରୀ- ଶୁଣୁଛ, ରାତିରେ ତୁମ ପାଇଁ ଖେଚେଡି କରିବି ନା ପଲଉ କରିବି ?

ସ୍ୱାମୀ- ଆଗ କ'ଣ କରୁଛ କର, ଟେଷ୍ଟ କଲା ପରେ ନାମକରଣ କରିବା।

ସ୍ୱାମୀ- ଶୁଣୁଛ, ମୁଁ ଦୁଇଘଣ୍ଟା ପାଇଁ ବାହାରକୁ ଯାଉଛି। ତୁମ ପାଇଁ କିଛି ଆଣିବା ଦରକାର କି ?

ସ୍ତ୍ରୀ- ନାଇଁ ମୋ ପାଇଁ ଏତିକି ଯଥେଷ୍ଟ !

# ଅଣ୍ଡର ୧୯ ବିଶ୍ୱକପ୍ ଫାଇନାଲ୍‌ରେ ଭାରତ

**ନୂଆଦିଲ୍ଲୀ,୪।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଅଣ୍ଡର ୧୯ ବିଶ୍ୱକପ ଫାଇନାଲରେ ଟିମ ଇଣ୍ଡିଆ। ଜିମ୍ବାୱେରେ ଚାଲିଥିବା ଅଣ୍ଡର ୧୯ ବିଶ୍ୱକପ ସେମି ଫାଇନାଲରେ ଆଜି ଦଳ ବେଶ ସହଜରେ ଆଫଗାନିସ୍ତାନକୁ ପରାସ୍ତ କରି ଦେଇଛି। ଓପନର ଅରୁଣ ଜର୍ଜଙ୍କ ଶତକ ୧୧୫, ବୈଭବ ସୂର୍ଯ୍ୟବଂଶୀଙ୍କ ୬୮ ଓ ଅଧିନାୟକ ଆୟୁଷ ମାହେତ୍ରଙ୍କ ୬୨ ରନ ବଳରେ ଭାରତ ହାସଲ କରିଛି ଦମଦାର ବିଜୟ।

ଆଫଗାନିସ୍ତାନ ଦେଇଥିବା ବିଶାଳ ୩୧୧ ରନର ଲକ୍ଷ୍ୟକୁ ଦଳ ୫୩ ବଲ ପୂର୍ବରୁ ୩ ୱିକେଟ ହରାଇ ହାସଲ କରି ନେଇଛି। ଏବେ ଭାରତର ମୁକାବିଲା ଫାଇନାଲରେ ଇଂଲଣ୍ଡ ସହ ହେବ। ଏହି ମ୍ୟାଚଟି ଫେବୃଆରୀ ୬ରେ ଖେଳାଯିବ। ପ୍ରଥମ ସେମି ଫାଇନାଲରେ ଇଂଲଣ୍ଡ ୨୭ ରନରେ ଅଷ୍ଟ୍ରେଲିଆକୁ ହରାଇଥିଲା।

ଚଳିତ ବିଶ୍ୱକପରେ ଇଂଲଣ୍ଡ ଓ ଭାରତ ଗୋଟିଏ ବି ମ୍ୟାଚ୍ ହାରି ନାହାନ୍ତି। ଫେବୃଆରୀ ୬ରେ ଭାରତ ୬ଷ୍ଠ ଥର ଟ୍ରଫି ଜିତିବାକୁ ଚେଷ୍ଟା କରିବ। ଭାରତ କ୍ରମାଗତ ୬ଷ୍ଠ ଥର ପାଇଁ ମଧ୍ୟ ବିଶ୍ୱକପ ଫାଇନାଲରେ ପ୍ରବେଶ କରିଛି। ସେହିପରି ଇଂଲଣ୍ଡ ପ୍ରଥମଥର ଟ୍ରଫି ଜିତିବା ଲକ୍ଷ୍ୟରେ ରହିବ।

ଆଜିର ସେମି ଫାଇନାଲ କଥା ବିଚାରକୁ ନେଲେ ଆଫଗାନିସ୍ତାନ ଫୈଜଲ ସିନୋଜାଦାଙ୍କ ୯୩ ବଲରେ ୧୧୦ ଓ ଉଜୈରୁଲ୍ଲା ନୈଜାଇଙ୍କ ୮୬ ବଲରେ ଅପରାଜିତ ୧୦୧ ବଳରେ ୪ ୱିକେଟ ହରାଇ ୩୧୦ ରନ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଓସମାନ ସଦତ ୩୯ ଓ ଖାଲିଦ ଅହମଦଜାଇ ୩୧ ରନର ଇନିଂସ ଖେଳିଥିଲେ। ଭାରତ ପକ୍ଷରୁ ଦୀପନେଶ ଦେବେନ୍ଦ୍ର ୨ଟି ଓ କନିଷ୍କ ଚୌହାନ ୨ଟି ୱିକେଟ ନେଇଥିଲେ।

୩୧୧ ରନର ବିଜୟ ଲକ୍ଷ୍ୟ ନେଇ ପଡିଆକୁ ଓହ୍ଲାଇଥିବା ଭାରତକୁ ସୂର୍ଯ୍ୟବଂଶୀ ଓ ଅରୁଣ ଦମଦାର ଆରମ୍ଭ ଦେଇଥିଲେ। ସୂର୍ଯ୍ୟବଂଶୀ ମାତ୍ର ୩୩ ବଲରେ ୬୮ ରନ କରି ଆଉଟ ହୋଇଥିଲେ ହେଁ ଅରୁଣ ସ୍ଥିତି ସମ୍ଭାଳିଥିଲେ। ସୂର୍ଯ୍ୟବଂଶୀ ତାଙ୍କ ଇନିଂସରେ ୪ଟି ଛକା ଓ ୯ଟି ଚୌକା ମାରିଛନ୍ତି। ସେ ଆଉଟ ହୋଇଥିଲେ ହେଁ ଏହାର ପ୍ରଭାବ ଭାରତ ଉପରେ ଆଦୌ ପଡି ନଥିଲା।

୩ନଂରେ ଆସିଥିବା ଆୟୁଷ ମାହେତ୍ର ମଧ୍ୟ ବଡ ଶଟ ଖେଳିବାରେ ଲାଗିଥିଲେ। ସେ ୪ଟି ଛକା ଓ ୫ଟି ଛକା ବଳରେ ୬୨ ରନ କରି



ପ୍ୟାଭିଲିୟନ ଫେରିଥିଲେ। ଏହି ସମୟରେ ଦଳୀୟ ସ୍କୋର ୨୬.୨ ଓଭରରେ ୨୦୪ରେ ପହଞ୍ଚି ଯାଇଥିଲା। ଏତିକି ବେଳେ ଅରୁଣ ସବୁ ଦାୟିତ୍ୱ ନିଜ ଉପରକୁ ନେଇ ପ୍ରଥମେ ଶତକ ହାସଲ କରିଥିଲେ। ଏହାପରେ ଭାରତକୁ ବିଜୟ ଆଡକୁ ନେଇ ଯାଇଥିଲେ। ତାଙ୍କୁ ଭିଆନ ମାଲହୋତ୍ରା ସହଯୋଗ କରିଥିଲେ।

ତେବେ ଭାରତକୁ ଜିତିବା ପାଇଁ ମାତ୍ର ୧୧ ରନ ଦରକାର ଥିବା ବେଳେ ଅରୁଣଙ୍କୁ ଆଉଟ କରି ୱାହିଦୁଲ୍ଲା ଜର୍ଦାନ ଭାରତକୁ ତୃତୀୟ ଝଟକା ଦେଇଥିଲେ। ୧୦୪ ବଲରେ ୧୧୫ ରନର ଇନିଂସ ଖେଳିଥିବା ଅରୁଣ ୨ଟି ଛକା ଓ ୧୫ଟି ଚୌକା ମାରିଛନ୍ତି। ଭିଆନ ଶେଷ ଯାଏ ୩୮ ଓ ବେଦାନ୍ତ ତ୍ରିବେଦୀ ୫ ରନ କରି କ୍ରିଜରେ ରହିବା ସହ ଭାରତକୁ ୫୩ ବଲ ପୂର୍ବରୁ ୭ ୱିକେଟରେ ବିଜୟ ଭେଟି ଦେଇଥିଲେ।

# ଇଞ୍ଜିନିୟର୍ସ କପ୍: ଏସଏସୟୁର ବାଜିମାତ୍



**କଟକ,୪।୨: ଏକ୍ସପ୍ରେସ୍ ନ୍ୟୁଜ୍**

ଭୁବନେଶ୍ୱରଠାରେ ଓୟୁଟିଆର୍ ପରିସରରେ ଆୟୋଜିତ ହୋଇଥିବା ଇଞ୍ଜିନିୟର୍ସ କପ୍-୨୦୨୬ରେ ସ୍ଥାନୀୟ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଉଭୟ ପୁରୁଷ ଓ ମହିଳା ବାସ୍କେଟବଲ୍ ଟିମ୍ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛି। ପୁରୁଷ ବାସ୍କେଟବଲ୍ ଟୁର୍ଣ୍ଣାମେଣ୍ଟରେ ସମୁଦାୟ ନଅଟି ଦଳ ଭାଗ ନେଇଥିଲେ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଆଇଆଇଟି ଭୁବନେଶ୍ୱର ଓ କିସ୍ ବିଶ୍ୱବିଦ୍ୟାଳୟକୁ ଲିଗ୍ ପର୍ଯ୍ୟାୟରେ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ଭଳି ଶକ୍ତିଶାଳି ଦଳକୁ ସେମିଫାଇନାଲରେ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲରେ ଆୟୋଜକ ଓୟୁଟିଆରକୁ ୬୫-୪୫ ପଏଣ୍ଟରେ ହରାଇ ଚାମ୍ପିଅନ୍ ହୋଇଥିଲା।

କେବଳ ପୁରୁଷ ନୁହେଁ, ମହିଳା ବାସ୍କେଟବଲରେ ମଧ ଚାମ୍ପିଅନ୍ ହୋଇଥିଲା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ। ସମୁଦାୟ ପାଞ୍ଚଟି ଦଳ ଏଥିରେ ଭାଗ ନେଇଥିବା ବେଳେ ପୁଲ୍-ଏ ରେ ଖେଳୁଥିବା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ସିଲିକନ୍ ଇନଷ୍ଟିଚ୍ୟୁଟକୁ ୨୪-୧୧ ପଏଣ୍ଟରେ ପରାସ୍ତ କରିଥିଲା। ସେହିପରି ଅନ୍ୟଏକ ମ୍ୟାଚରେ ବିଜେବି କଲେଜକୁ ୨୧-୧୧ ପଏଣ୍ଟରେ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲରେ ଆଇଆଇଟି ଭୁବନେଶ୍ୱର ସହ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କଡ଼ା ଟକ୍କର ଦେଖିବାକୁ ମିଳିଥିଲା। ଶେଷରେ ୨୪-୨୨ ପଏଣ୍ଟର ସ୍ୱଳ୍ପ ବ୍ୟବଧାନରେ ବିଜୟୀ ହୋଇ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଚାମ୍ପିଅନ୍ କପ୍ ହାତେଇ ନେଇଥିଲା।

# ଓଡ଼ିଶାରୁ ଜମା ସଂଗ୍ରହ: ଋଣ ଲାଗୁଛି ବାହାରେ

**ଭୁବନେଶ୍ୱର,୪।୨**
**ତଥ୍ୟ**

ଓଡ଼ିଶାରେ ନେଣ ଦେଣ କାରବାର କରୁଥିବା ବ୍ୟାଙ୍କଗୁଡ଼ିକ ଯେତେ ପରିମାଣର ଜମା ସଂଗ୍ରହ କରୁଛନ୍ତି ତାହାର ଅଧା ବି ଋଣ ଦେଉ ନାହାନ୍ତି। ବିଶେଷକରି କୃଷି ଓ ତତ୍ ସମ୍ବନ୍ଧୀୟ କ୍ଷେତ୍ରକୁ ଜାତୀୟକରଣ ବ୍ୟାଙ୍କ ଓ ଘରୋଇ ବ୍ୟାଙ୍କଗୁଡ଼ିକ ଋଣ ଦେବା ପାଇଁ କୁନ୍ଥୁକୁନ୍ଥୁ ହେଉଛନ୍ତି। ଅନ୍ୟପକ୍ଷରେ ସରକାରୀ ଅର୍ଥ କାରବାର ପାଇଁ କିନ୍ତୁ ବ୍ୟାଙ୍କଗୁଡ଼ିକ ଅତ୍ୟଧିକ ଆଗ୍ରହ ପ୍ରକାଶ କରୁଛନ୍ତି।

୨୦୨୪-୨୫ ବର୍ଷରେ ଓଡ଼ିଶାରେ ସେଡ୍ୟୁଲ୍ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକ ୫,୮୩,୯୨୫ କୋଟି ଟଙ୍କାର ଜମା ସଂଗ୍ରହ କରିଥିବାବେଳେ ଉକ୍ତ ବର୍ଷରେ ଋଣ ଦେଇଛନ୍ତି ୨,୮୧,୦୮୮ କୋଟି ଟଙ୍କା। ଯେତିକି ବି ଋଣ ଘରୋଇ ବ୍ୟାଙ୍କ ଓ ଜାତୀୟକରଣ ବ୍ୟାଙ୍କମାନେ ରାଜ୍ୟରେ ଉକ୍ତ ବର୍ଷରେ ଖଟାଇଛନ୍ତି ସେଥିମଧ୍ୟରୁ କୃଷି ଋଣର ପରିମାଣ ଅତି ନଗଣ୍ୟ। ତେବେ ଓଡ଼ିଶାରେ ସମବାୟ ସମିତି ଓ ସମବାୟ ବ୍ୟାଙ୍କଗୁଡ଼ିକ କିନ୍ତୁ ତୁଳନାତ୍ମକ ଭାବେ ଅଧିକ ପରିମାଣର କୃଷି ଋଣ ଦେଉଛନ୍ତି। ବସ୍ତୁତଃ ସମବାୟ ସମିତି ଓ ସମବାୟ ବ୍ୟାଙ୍କ ନଥିଲେ ଓଡ଼ିଶାର କୃଷକମାନେ ଋଣ ପାଇବା କ୍ଷେତ୍ରରେ ଏକ ପ୍ରକାର ଉପେକ୍ଷିତ ହୋଇ ରୁହନ୍ତେ। ଅବଶ୍ୟ ପ୍ରତିବର୍ଷ ବିଭିନ୍ନ ବୈଠକରେ ରାଜ୍ୟ ସରକାରଙ୍କ ମନ୍ତ୍ରୀ ଓ ଅଧିକାରୀମାନେ ବାରମ୍ବାର କୃଷି ପାଇଁ ଅଧିକ ଋଣ ଦେବା ଲାଗି ଜାତୀୟକରଣ ଓ ଘରୋଇ ବ୍ୟାଙ୍କଗୁଡ଼ିକୁ ବାରମ୍ବାର ତାଗିଦ କରୁଥିଲେ ମଧ୍ୟ ତାହାର ବିଶେଷ ପ୍ରଭାବ ଅନୁଭୂତ ହେଉନାହିଁ।

କେନ୍ଦ୍ର ସରକାରଙ୍କ ସଦ୍ୟ ପ୍ରକାଶିତ ଆର୍ଥିକ ସର୍ଭେ ରିପୋର୍ଟର ତଥ୍ୟ ମୁତାବକ ୨୦୧୯-୨୦ ବର୍ଷରେ ଓଡ଼ିଶାରୁ ବ୍ୟାଙ୍କଗୁଡ଼ିକ ୩,୪୧,୧୪୦ କୋଟି ଟଙ୍କାର ଜମା ସଂଗ୍ରହ କରିଥିବାବେଳେ ୧,୩୪,୮୬୨ କୋଟି ଟଙ୍କା ଋଣ ଦେଇଥିଲେ। ସେହିଭଳି ୨୦୨୦-୨୧ ଆର୍ଥିକ ବର୍ଷରେ ଏହି ବ୍ୟାଙ୍କଗୁଡ଼ିକ ରାଜ୍ୟରୁ ୩,୬୩,୫୬୭ କୋଟି ଟଙ୍କାର ଜମା ସଂଗ୍ରହ କରିଥିବାବେଳେ ଋଣ ଦେଇଥିଲେ ୧,୪୩,୬୭୬ କୋଟି ଟଙ୍କାର। ୨୦୨୧-୨୨ ବର୍ଷରେ ରାଜ୍ୟରେ ଜମା ସଂଗ୍ରହ ପରିମାଣ ୪,୨୧,୪୧୩ କୋଟି ଟଙ୍କାକୁ ବଢ଼ିଥିବାବେଳେ ଋଣ ଯୋଗାଣ କିନ୍ତୁ ହୋଇଥିଲା ମାତ୍ର ୧,୮୩,୪୦୫ କୋଟି ଟଙ୍କାର।

ସରକାରୀ ତଥ୍ୟ ମୁତାବକ ୨୦୨୨-୨୩ ବର୍ଷରେ ବ୍ୟାଙ୍କଗୁଡ଼ିକ ଓଡ଼ିଶାରୁ ୪,୬୩,୩୧୮ କୋଟି ଟଙ୍କାର ଜମା ସଂଗ୍ରହ କରିଥିବାବେଳେ ୨,୦୩,୭୩୨ କୋଟି ଟଙ୍କାର ଋଣ ବଣ୍ଟନ କରିଥିଲେ। ଅବଶ୍ୟ ୨୦୨୩-୨୪ ବର୍ଷରେ ଜମା ସଂଗ୍ରହ ପରିମାଣ ୫,୨୨,୫୪୩ କୋଟି ଟଙ୍କାକୁ ବଢ଼ିଥିବାବେଳେ ଋଣ ଯୋଗାଣ ପରିମାଣ ୨,୫୧,୧୧୪ କୋଟି ଟଙ୍କାରେ ପହଞ୍ଚିଥିଲା।

ଏହି ପରିସଂଖ୍ୟାନରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି ଯେ ଓଡ଼ିଶାରେ ବ୍ୟାଙ୍କଗୁଡ଼ିକର ଜମା ସଂଗ୍ରହ ଆଶାନୁରୂପ ଭାବେ ବଢ଼ି ଚାଲିଛି। ଆନୁପାତିକ ହାରରେ ଋଣ ପ୍ରଦାନ ପରିମାଣ ଅବଶ୍ୟ କିଛିମାତ୍ରାରେ ବୃଦ୍ଧି ପାଇଛି। ତେବେ ଓଡ଼ିଶାରେ ଖଟାଯାଉଥିବା ଋଣର ପରିମାଣ ସଂଗୃହୀତ ଜମାଠାରୁ ଢେର କମ୍ ରହୁଛି। ବ୍ୟାଙ୍କଗୁଡ଼ିକ ଘର, ଗାଡ଼ି, ଜମି ଓ ଅନ୍ୟାନ୍ୟ ଆସବାବପତ୍ର କ୍ରୟ ପାଇଁ ସରକାରୀ କର୍ମଚାରୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଋଣ ଦେଉଛନ୍ତି। କାରଣ ଏମାନଙ୍କଠାରୁ ମାସିକ କିସ୍ତି ଆଦାୟ ଲାଗି ସେମାନଙ୍କ ଉପରିସ୍ଥ ଅଧିକାରୀମାନେ ଦାୟୀ ରହୁଥିବାର ବହୁ କ୍ଷେତ୍ରରେ ତାହା ସେମାନଙ୍କ ମାସିକ ବେତନରୁ କଟାଯାଉଛି। ସେହିଭଳି ବଡ଼ବଡ଼ ବ୍ୟବସାୟୀ ଓ ଶିଳ୍ପପତିମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଋଣ ଦିଆଯାଉଛି। ଅବଶ୍ୟ ସ୍ୱୟଂ ସହାୟିକ ଗୋଷ୍ଠୀ ଭଳି ସଂସ୍ଥାମାନଙ୍କୁ ସରକାରୀ ଗ୍ୟାରେଣ୍ଟିରେ ଋଣ ଯୋଗାଯାଉଛି। ତେବେ ଶ୍ରମଜୀବୀ ଏବଂ ଛୋଟ ଓ ମଧ୍ୟମ କିସମର ଚାଷୀମାନଙ୍କୁ କିନ୍ତୁ ଏହି ଜାତୀୟକରଣ ଓ ଘରୋଇ ବ୍ୟାଙ୍କମାନେ ଋଣ ପ୍ରଦାନ କ୍ଷେତ୍ରରେ ଏକ ପ୍ରକାର କାର୍ପଣ୍ୟ ପ୍ରଦର୍ଶନ କରୁଛନ୍ତି।

# ଅପରେସନ ଅନ୍ୱେଷଣ-୨: ୫୪୫୧ ବ୍ୟକ୍ତି ଉଦ୍ଧାର

**କଟକ,୪।୨: ଏକ୍ସପ୍ରେସ୍ ନ୍ୟୁଜ୍**

ପରିବାର ଠାରୁ ବିଚ୍ଛିନ୍ନ ହୋଇଯାଇଥିବା ନିଖୋଜ ଶିଶୁ ଓ ମହିଳାମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ପୁନଃ ପରିବାର ସହ ମିଳନ କରାଇବାରେ ଓଡ଼ିଶା ପୋଲିସ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ଗତ ୨୧.୦୧.୨୦୨୬ ରୁ ୩୦.୦୧.୨୦୨୬ ରିଖ ପର୍ଯ୍ୟନ୍ତ ଓଡ଼ିଶା ପୋଲିସ ପକ୍ଷରୁ ରାଜ୍ୟବ୍ୟାପୀ ଅପରେସନ ଅନ୍ୱେଷଣ-୨ କାର୍ଯ୍ୟକ୍ରମ ଅଭିଯାନ କରାଯାଇଥିଲା । ଏହି ଅଭିଯାନରେ ରାଜ୍ୟର ସମସ୍ତ ଜିଲ୍ଲା ଓ ସହରାଞ୍ଚଳ ପୋଲିସ ସକ୍ରିୟ ଭାବେ ସାମିଲ ହୋଇ ରେକର୍ଡ଼ ସଂଖ୍ୟକ ୫୪୫୧ ଜଣ ନିଖୋଜ ବ୍ୟକ୍ତିଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବାରେ ସଫଳ ହୋଇଛନ୍ତି । ସେଥିମଧ୍ୟରେ ୭୭ଜଣ ନାବାଳକ, ୭୦୯ଜଣ ନାବାଳିକା ଓ ୪୬୬୫ ଜଣ ମହିଳା ଅନ୍ତର୍ଭୁକ୍ତ ଅଛନ୍ତି । ପୁରୀ ଜିଲ୍ଲା ପୋଲିସ ସର୍ବାଧିକ ୬୧୩ଜଣ ନିଖୋଜ ବ୍ୟକ୍ତିଙ୍କୁ ଉଦ୍ଧାର କରିଥିବାବେଳେ କଟକ ଜିଲ୍ଲା ୫୦୧ଜଣ, ଭଦ୍ରକ ଜିଲ୍ଲା ୪୨୯ଜଣ ଉଦ୍ଧାର କରିଛନ୍ତି । ସେହିପରି ଗଂଜାମ ଜିଲ୍ଲା ୪୧୩ଜଣ, କେନ୍ଦ୍ରାପଡ଼ା ୩୪୬ଜଣ, ଯାଜପୁର ୨୭୧ଜଣ, ବରଗଡ଼ ୨୩୬ଜଣ, ଅନୁଗୁଳ ୨୧୦ଜଣ, ଢେଙ୍କାନାଳ ୨୦୬ଜଣ, ଜଗତସିଂହପୁର ୧୭୭ଜଣ, ନୂଆପଡ଼ା ୧୭୩ଜଣ, ବ୍ରହ୍ମପୁର ୧୭୦ଜଣ, କେଉଁଝର ୧୬୧ଜଣ, ସୁନ୍ଦରଗଡ଼ ୧୩୫ ଜଣ, କଟକ ସହରାଞ୍ଚଳ ୧୩୪ଜଣ, କଳାହାଣ୍ଡି ୧୩୩ ଜଣ, ନୟାଗଡ଼ ୧୨୭ଜଣ, ବାଲେଶ୍ୱର ୧୨୫ଜଣ ଓ ମୟୂରଭଞ୍ଜ ୧୧୯ଜଣ ନିଖୋଜ ବ୍ୟକ୍ତିଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି ।

ନିଖୋଜ ଶିଶୁ ଓ ମହିଳାମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ସେମାନଙ୍କୁ ପରିବାର ସହ ପୁନଃ ମିଳନ କରାଇବା ସହ ଆବଶ୍ୟକ ସୁବିଧା ସୁଯୋଗ ନିଶ୍ଚିତ କରିବା ଏହି ଅଭିଯାନର ପ୍ରମୁଖ ଉଦ୍ଦେଶ୍ୟ ଅଟେ । ଜିଲ୍ଲା ପୋଲିସ, ରେଳବାଇ ପୋଲିସ ଓ ସହରାଞ୍ଚଳ ପୋଲିସର ସମନ୍ୱିତ ଓ ସକ୍ରିୟ କାର୍ଯ୍ୟ ଦକ୍ଷତା ଫଳରେ ଏହି ସଫଳତା ସମ୍ଭବ ହୋଇପାରିଛି । ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ଖୁରାନିଆ ଓଡ଼ିଶା ପୋଲିସର ଏହି ସଫଳତା ପାଇଁ ସମସ୍ତ ସଂପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ପ୍ରଶଂସା କରିଛନ୍ତି । ଏଥିସହିତ ଆଗାମୀ ଦିନରେ ମଧ୍ୟ ନିଖୋଜ ଶିଶୁ ଓ ମହିଳାଙ୍କ ସୁରକ୍ଷା, ଉଦ୍ଧାର ପାଇଁ ଏପରି ଅଭିଯାନକୁ ଆହୁରି ଯୋରଦାର କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।

## ପ୍ରଥମ ପୃଷ୍ଠାରୁ...

### ଇସିଙ୍କ ବିରୋଧରେ...

ପ୍ରକ୍ରିୟାକୁ ଚ୍ୟାଲେଞ୍ଜ କରି ହୋଇଥିବା ପିଟିସନର ଶୁଣାଣି ଏହି ଖଣ୍ଡପୀଠ କରୁଛନ୍ତି।

ଖଣ୍ଡପୀଠଙ୍କୁ ହାତ ଯୋଡି ମମତା କହିଛନ୍ତି, "କାହିଁକି କେବଳ ବେଙ୍ଗଲ ? ଆସାମ କିମ୍ବା ଅନ୍ୟ ଉତ୍ତରପୂର୍ବ ରାଜ୍ୟରେ ଏହା ହେଉ ନାହିଁ ? ନିର୍ବାଚନ କମିଶନ କେବଳ ବେଙ୍ଗଲକୁ ଟାର୍ଗେଟ କରୁଛନ୍ତି। ଲୋକଙ୍କ ଗଣତାନ୍ତ୍ରିକ ଅଧିକାରକୁ ସୁରକ୍ଷିତ କରିବାକୁ କୋର୍ଟ ହସ୍ତକ୍ଷେପ କରନ୍ତୁ। ନିର୍ବାଚନ ପୂର୍ବରୁ ବେଆଇନ ଭାବେ ବେଙ୍ଗଲକୁ ଟାର୍ଗେଟ କରାଯାଉଛି।"

ନିଜର ଯୁକ୍ତି ଉପସ୍ଥାପନ ବେଳେ ମମତା ଆହୁରି କହିଛନ୍ତି ଯେ ଏସ୍‌ଆଇଆରର ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୫୮ ଲକ୍ଷ ନାଁକୁ ହଟାଯାଇଥିଲା। ଫର୍ମ ୬ରେ ଅନେକ ଭୋଟରଙ୍କୁ ଆବେଦନ ପାଇଁ ଅନୁମତି ନଦେଇ ଏପରି କରାଯାଇଛି। ନାଁ ହଟାଇବା ପ୍ରକ୍ରିୟାକୁ ମାଇକ୍ରୋ ପର୍ଯ୍ୟବେକ୍ଷକଙ୍କ ଦ୍ୱାରା କରାଯାଇଛି। ଏମାନେ ସମସ୍ତେ ବଜେପି ଶାସିତ ରାଜ୍ୟର। ସ୍ଥାନୀୟ ନିର୍ବାଚନ କର୍ମଚାରୀଙ୍କୁ ଅଣଦେଖା କରାଯାଇଛି। ଯାଞ୍ଚ ବେଳେ ଅନେକ ବୈଧ ଦସ୍ତାବିଜ ଓ ସରକାରଙ୍କ ଦ୍ୱାରା ଜାରି ପ୍ରମାଣପତ୍ରକୁ ମଧ ଗ୍ରହଣ କରାଯାଇ ନଥିବା ମମତା ଅଭିଯୋଗ କରିଛନ୍ତି।

କାର୍ଯ୍ୟକ୍ରମରେ ତ୍ରୁଟି ଥିବା ଦର୍ଶାଇ ମମତା କହିଛନ୍ତି ଯେ ଏସ୍‌ଆଇଆର ସମ୍ଭବତଃ କେବଳ ନାଁ ହଟାଇବାକୁ ଡିଜାଇନ କରାଯାଇଛି। ଛୋଟ ଧରଣର ପରିବର୍ତ୍ତନ ଯଥା- ଜଣେ ମହିଳା ନିଜ ସ୍ୱାମୀଙ୍କ ସାଙ୍ଗିଆ ଗ୍ରହଣ କଲେ କିମ୍ବା ନିଜ ଶାଶୁ ଘରକୁ ଗଲେ ଏହାକୁ ମେଳ ଖାଉନଥିବା ଭୋଟର ଭାବେ ଚିହ୍ନଟ କରାଯାଉଛି। ସେହିପରି କାମ ପାଇଁ ଅନ୍ୟତ୍ର ଯାଉଥିବା ଭୋଟରଙ୍କୁ ମଧ ଭୋଟର ତାଲିକାରୁ ହଟାଇ ଦିଆଯାଉଛି ବୋଲି ମମତା କହିଛନ୍ତି।

ଏସ୍‌ଆଇଆରକୁ ସମାଲୋଚନା କରି ମମତା କହିଛନ୍ତି, "୨୪ ବର୍ଷ ପରେ ହଠାତ୍ ୪ ମାସରେ ଏହାକୁ ଶେଷ କରିବାକୁ ଏତେ ବ୍ୟସ୍ତ କାହିଁକି ? ଅମଳ ଓ ପୂଜା ଋତୁରେ ଲୋକମାନେ ନିଜ ଘର ଠାରୁ ବାହାରେ ଥିବା ବେଳେ ସେମାନଙ୍କୁ ନୋଟିସ ପଠାଯାଇଥିଲା। ସବୁ କିଛି ଶେଷ ହୋଇଯିବା ପରେ ଓକିଲମାନେ ସବୁବେଳେ ମାମଲା ପାଇଁ ଲଢ଼େଇ କରନ୍ତି। ବନ୍ଦ ଦ୍ୱାରରେ ନ୍ୟାୟ ଆଜି କାନ୍ଦୁଛି। ମୁଁ ଭାରତୀୟ ନିର୍ବାଚନ କମିଶନଙ୍କୁ ୬ଥର ଚିଠି ଲେଖିଛି। କିନ୍ତୁ କୌଣସି ଜବାବ ମିଳିନାହିଁ। ମୁଁ ଜଣେ ଗୁରୁତ୍ୱହୀନ ମଣିଷ, ଜଣେ ଶ୍ରମିକ। ମୁଁ ଏଠାରେ ମୋ ଦଳ ପାଇଁ ଲଢ଼େଇ କରୁ ନାହିଁ। ମୁଁ ଜଣେ ସାଧାରଣ ଲୋକ ହିସାବରେ ନ୍ୟାୟ ଭିକ୍ଷା କରୁଛି।"

ନିଜ ଯୁକ୍ତିର ଶେଷ ଭାଗରେ ସେ ନିର୍ବାଚନ କମିଶନଙ୍କୁ ସିଧା ସମାଲୋଚନା କରିଛନ୍ତି ମମତା। ସେ କହିଛନ୍ତି, "ନିର୍ବାଚନ କମିଶନ ସରି ହ୍ୱାଟସଆପ କମିଶନ ଏସବୁ କରୁଛନ୍ତି। ଲୋକଙ୍କ ନାଁ ହଟାଇ ଦିଆଯାଉଛି। ବେଙ୍ଗଲକୁ ଟାର୍ଗେଟ କରାଯାଉଛି।"

ମମତାଙ୍କ ଯୁକ୍ତି ଶୁଣିବା ପରେ ସୁପ୍ରିମକୋର୍ଟ ନିର୍ବାଚନ କମିଶନଙ୍କୁ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଫେବୃଆରୀ ୧୦ ସୁଦ୍ଧା ଜବାବ ଦାଖଲ କରିବାକୁ ସର୍ବୋଚ୍ଚ ଅଦାଲତ କହିଛନ୍ତି। ଏହାପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

### ଜାଗର ଦର୍ଶନକୁ...

ବିଭିନ୍ନ ଟିଭି, ରେଡିଓ, ମୁଦ୍ରଣ ଗଣମାଧ୍ୟମ ଓ ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରସାରଣ ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଜାଗର ଉତ୍ସବକୁ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ପୂର୍ବ ଅଭିଜ୍ଞତା ଥିବା ବରିଷ୍ଠ ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯିବ।

ବୈଠକରେ ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ, ପୁଲିସ କମିଶନର ଏସ୍ ଦେବଦତ୍ତ ସିଂହ, ଦେବୋତ୍ତର କମିଶନର ଲଲାଟେନ୍ଦୁ ଜେନା, ଅତିରିକ୍ତ ପୁଲିସ କମିଶନର ନରସିଂହ ଭୋଳ, ଆଇନ ବିଭାଗ ଅତିରିକ୍ତ ଶାସନ ସଚିବ ଶିବ ପ୍ରସାଦ ମହାପାତ୍ର ଏବଂ ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ରମେଶ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

### ଇଣ୍ଡିଗୋ ବିରୋଧରେ...

ବିମାନବନ୍ଦରରେ ହଜାର ହଜାର ଯାତ୍ରୀ ନାହିଁ ନଥିବା ଯନ୍ତ୍ରଣା ଭୋଗିଥିଲେ। ସେହି ସମସ୍ୟା ଏକ ସପ୍ତାହରୁ ଅଧିକ ସମୟ ଥିଲା। ତାପରେ ଧୀରେ ଧୀରେ ସ୍ଥିତିରେ ସୁଧାର ଘଟିଥିଲା। ପାଇଲଟଙ୍କ ବିଶ୍ରାମ ଓ ଉଡାଣ ସମୟକୁ ନେଇ ସରକାର ଜାରି କରିଥିବା ଏକ ନିୟମ ପ୍ରଭାବରେ ଇଣ୍ଡିଗୋରେ ସଙ୍କଟ ଦେଖାଦେଇଥିଲା। ଗତବର୍ଷ ଡିସେମ୍ବର ୨-୯ ମଧ୍ୟରେ ଇଣ୍ଡିଗୋ ୪୫୦୦ରୁ ଅଧିକ ବିମାନର ଉଡାଣ ବାତିଲ କରିଥିଲା। ତାହା ୩ ଲକ୍ଷରୁ ଅଧିକ ଯାତ୍ରୀଙ୍କୁ ପ୍ରଭାବିତ କରିଥିଲା। ଏହା ବ୍ୟତୀତ ୨୦୦୦ ବିମାନର ଉଡାଣ ଅହେତୁକ ବିଳମ୍ବ ହୋଇଥିଲା। ସେଥିପାଇଁ ବିଭିନ୍ନ ବିମାନବନ୍ଦରଗୁଡିକରେ ହଜାର ହଜାର ଯାତ୍ରୀ ନିଜ ପିଲାଛୁଆ, ବୟସ୍କ ପରିଜନ ଓ ବ୍ୟାଗ୍ପତ୍ର ସହ ଫସିରହିଥିଲେ।

ଗତବର୍ଷର ଡିସେମ୍ବର ଘଟଣା ପରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ଶୀତ ଋତୁ ପାଇଁ ଉଦ୍ଦିଷ୍ଟ କମ୍ପାନିର ସିଡ୍ୟୁଲରେ ୧୦ ପ୍ରତିଶତ ହ୍ରାସ କରାଯାଇଥିଲା। ବଜାରରେ ଥିବା ଆଧିପତ୍ୟକୁ ଅପବ୍ୟବହାର କରି ଜାଣିଶୁଣି କୃତ୍ରିମ ଅଭାବ ସୃଷ୍ଟି କରିବାକୁ ଉଦ୍ୟମ ହୋଇଥିଲା ନା ନାହିଁ ତାହା ଜାଣିବାକୁ ସିସିଆଇ ଉଦ୍ୟମ କରିବେ। ବେସାମରିକ ବିମାନ ଚଳାଚଳ ବଜାରରେ ଇଣ୍ଡିଗୋର ୬୪ ପ୍ରତିଶତ ଅଂଶ ରହିଛି। ଗତ କିଛି ମାସ ହେଲାଣି କମ୍ପାନି କ୍ରୁ ଅଭାବ, ଯୋଗାଣ ଶୃଙ୍ଖଳ ସମସ୍ୟା, କିଛି ବିମାନ ଠିଆ ହୋଇ ରହିବା ଭଳି ସମସ୍ୟା ସାମ୍ନା କରୁଛି।

### ହ୍ୱାଟ୍ସଆପରେ ମିଳିବ...

ସମୟ ସୀମା ମଧ୍ୟରେ ସମସ୍ୟାର ସମାଧାନ କରାଯିବ। ଏହାଦ୍ୱାରା ଦୁର୍ନୀତି ବନ୍ଦ ହେବା ସହ ବାରମ୍ବାର ଲୋକଙ୍କୁ ତହସିଲ ଅଫିସକୁ ଦୌଡ଼ିବାକୁ ପଡ଼ିବ ନାହିଁ। ନିର୍ଦ୍ଦିଷ୍ଟ ସମୟ ଭିତରେ ସମସ୍ୟା ସମାଧାନ କରାନଗଲେ କିମ୍ବା ଦୁର୍ନୀତି ଅଭିଯୋଗ ଆସିଲେ ସଂପୃକ୍ତ ଅଧିକାରୀଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହିପରି କାମ ନହେଲେ ସିଧାସଳଖ ରାଜସ୍ୱ ମନ୍ତ୍ରୀଙ୍କ ପାଖକୁ ମଧ୍ୟ ଅଭିଯୋଗକାରୀ ହ୍ୱାଟସଆପ୍ କରିପାରିବେ।

### ମଣିପୁରରୁ ହଟିଲା...

ବିଧାୟକ ମୈତେୟୀ ସମ୍ପ୍ରଦାୟର ପ୍ରତିନିଧିତ୍ୱ କରୁଥିବା ଖେମଚାନ୍ଦଙ୍କୁ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଭାବେ ଗ୍ରହଣ କରିବା ନେଇ ସହମତି ପ୍ରକାଶ କରିଥିଲେ। କ୍ଷମତା ବଣ୍ଟନ ଚୁକ୍ତିର ଏକ ଅଂଶ ଭାବରେ କୁକି ସମ୍ପ୍ରଦାୟର ନେମଚା କିପଗେନଙ୍କୁ ଉପମୁଖ୍ୟମନ୍ତ୍ରୀ ଭାବରେ ନିଯୁକ୍ତ କରାଯାଇଛି। ସେ ମଣିପୁରର ପ୍ରଥମ ମହିଳା ଉପମୁଖ୍ୟମନ୍ତ୍ରୀ ଭାବରେ ନିଯୁକ୍ତ ହୋଇଥିବାବେଳେ ଗୋବିନ୍ଦ ଦାସ କନ୍‌ଥୋଜାମ ଗୃହମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିବେ। ମଣିପୁରରେ ରାଷ୍ଟ୍ରପତି ଶାସନ ପ୍ରଥମେ ଫେବ୍ରୁଆରି ୧୩, ୨୦୨୫ରେ ଲାଗୁ କରାଯାଇଥିଲା ଏବଂ ପରେ ଅଗଷ୍ଟ ୧୩ରେ ଛଅ ମାସ ପାଇଁ ବୃଦ୍ଧି କରାଯାଇଥିଲା।

୬୨ ବର୍ଷୀୟ ୟୁମନାମ ଖେମଚାନ୍ଦ ସିଂହ ମଣିପୁରର ଜଣେ ବିଜେପି ନେତା। ସେ ଉଭୟ ୨୦୧୭ ଓ ୨୦୨୨ ବିଧାନସଭା ନିର୍ବାଚନରେ ସିଙ୍ଗଜାମେଇ ନିର୍ବାଚନମଣ୍ଡଳୀରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ସେ ୨୦୧୭ରୁ ୨୦୨୨ ପର୍ଯ୍ୟନ୍ତ ବିଧାନସଭାର ବାଚସ୍ପତି ଭାବେ କାର୍ଯ୍ୟ କରିଥିଲେ।

ତାଏକୋଣ୍ଡୋ ବ୍ଲାକ୍ ବେଲ୍ଟ ହାସଲ କରିଥିବା ଖେମଚାନ୍ଦ ମଣିପୁରର ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ୍ ବୀରେନ୍ ସିଂହଙ୍କ ସହ ମିଶି ନିଜର ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ, ଯିଏକି ଆଇନଶୃଙ୍ଖଳା ବଜାୟ ରଖିବା ଏବଂ ଜାତିଗତ ସଂଘର୍ଷକୁ ରୋକିବାରେ ଅସମର୍ଥ ହେବାରୁ ଗତବର୍ଷ ଇସ୍ତଫା ଦେଇଥିଲେ। ଖେମଚାନ୍ଦ ୨୦୧୩ରେ ବିଜେପିରେ ଯୋଗ ଦେଇଥିଲେ ଏବଂ ୨୦୧୭ରେ ବିଧାନସଭାରେ ପ୍ରବେଶ କରିଥିଲେ। ପ୍ରଥମ ବୀରେନ ସିଂହ ସରକାରରେ ସେ ମଣିପୁର ବିଧାନସଭାର ବାଚସ୍ପତି ଭାବରେ ନିଯୁକ୍ତ ହୋଇଥିଲେ। ୨୦୨୨ରେ ସେ ଦ୍ୱିତୀୟ ବୀରେନ୍ ସିଂହ ମନ୍ତ୍ରିମଣ୍ଡଳରେ କ୍ୟାବିନେଟ୍ ମନ୍ତ୍ରୀ ଭାବରେ ନିଯୁକ୍ତ ହୋଇ ପୌର ପ୍ରଶାସନ ଓ ଗୃହ ଉନ୍ନୟନ ବିଭାଗ, ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ବିଭାଗ ଏବଂ ଶିକ୍ଷା ବିଭାଗ ସମେତ ପ୍ରମୁଖ ବିଭାଗର ଦାୟିତ୍ୱ ସମ୍ଭାଳିଥିଲେ।

ମଣିପୁରରେ ଜାତିଗତ ସଂଘର୍ଷ ବଢ଼ିବା ସହିତ ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବାରେ ସରକାରଙ୍କ ଅକ୍ଷମତାକୁ ନେଇ କ୍ରୋଧ ବୃଦ୍ଧି ପାଇଥିଲା, ଯାହା ଫଳରେ ୨୦୨୩ରେ ଖେମଚାନ୍ଦଙ୍କ ଘର ଉପରେ ଗ୍ରେନେଡ୍ ଆକ୍ରମଣ ହୋଇଥିଲା। କ୍ୟାବିନେଟ୍ ମନ୍ତ୍ରୀ ହେବା ସତ୍ତ୍ୱେ ଖେମଚାନ୍ଦ ବୀରେନ୍ ସିଂହ ସରକାରର ଖୋଲା ସମାଲୋଚକ ଥିଲେ ଏବଂ ତାଙ୍କୁ ବଦଳାଇବାକୁ ଦଳ ଉପରେ ଚାପ ପକାଇଥିଲେ। ଦଳ ମଧ୍ୟରେ ବଢୁଥିବା ଅସନ୍ତୋଷ ଏବଂ ବିଧାନସଭାରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ କଂଗ୍ରେସର ଯୋଜନା ମଧ୍ୟରେ ବୀରେନ୍ ସିଂହ ଫେବ୍ରୁଆରି ୯, ୨୦୨୫ରେ ଇସ୍ତଫା ଦେଇଥିଲେ। ସେପ୍ଟେମ୍ବର ୨୦୨୫ରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ରାଜ୍ୟ ଗସ୍ତକୁ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ପାଇଁ ଏକ ବଡ଼ ପଦକ୍ଷେପ ଭାବରେ ଦେଖାଯାଇଥିଲା। ଆସନ୍ତା ବର୍ଷ ରାଜ୍ୟରେ ନିର୍ବାଚନ ହେବ।

### ଦୁଇ ମନ୍ତ୍ରୀଙ୍କ...

ବଜ୍ରାଘାତ କରିବା ଭଳି ହୋଇଛି। ତେଣୁ ଗତ ୨ ତାରିଖରେ ପ୍ରଦେଶ କିଷାନ କଂଗ୍ରେସର ଜିଲ୍ଲା ଅଧ୍ୟକ୍ଷମାନଙ୍କର ଏକ ବୈଠକ କଂଗ୍ରେସ ଭବନରେ ଅନୁଷ୍ଠିତ ହୋଇ ସାରା ରାଜ୍ୟର ଗାଁ, ପଞ୍ଚାୟତ, ବ୍ଲକ ଓ ଜିଲ୍ଲା ସଦର ମହକୁମାରେ ଚାଷୀମାନଙ୍କୁ ମେଳି କରି ଆସନ୍ତା ଫେବୃଆରୀ ୧୦ ତାରିଖରେ କୃଷକ ବିରୋଧି କୃଷି ମନ୍ତ୍ରୀ ଏବଂ ଯୋଗାଣ ମନ୍ତ୍ରୀଙ୍କର କୃଷପୁତଳିକା ଜାଳିବାର ନିଷ୍ପତ୍ତି ହୋଇଛି। ହଜାର ହଜାର କୃଷକଙ୍କୁ ଏକାଠି କରି ସଭା ଓ ଶୋଭାଯାତ୍ରା ହୋଇ କୁଶପୁତଳିକା ଦାହ କରାଯିବ। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ କିଷାନ କଂଗ୍ରେସର ବରିଷ୍ଠ ଉପସଭାପତି ଡ. କାର୍ତ୍ତିକ ବରାଳ, ଅରୁଣ ଜେନା, ନିମାଇଁ ରାଉତରାୟ ଉପସ୍ଥିତ ଥିଲେ।

### ଓଡ଼ିଶାର ୨୦୦ରୁ...

ସୁଦ୍ଧା ରାଜ୍ୟର ୧୦,୩୯୭ଟି ବିଦ୍ୟାଳୟରେ ଖେଳପଡିଆ ନଥିବା ଖୋଦ୍ କେନ୍ଦ୍ରମନ୍ତ୍ରୀ ଉଲ୍ଲେଖ କରିଛନ୍ତି । ସେହିଭଳି ୧୪୯ଟି ବିଦ୍ୟାଳୟରେ ପିଲାଙ୍କ ପାଇଁ ପାଠାଗାର ବ୍ୟବସ୍ଥା ନାହିଁ । ତେବେ ରାଜ୍ୟର ସମସ୍ତ ବିଦ୍ୟାଳୟରେ ପିଇବାପାଣି ଯୋଗାଣ ସମ୍ଭବ ହୋଇପାରିଛି । ତେବେ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ରାଜ୍ୟର ୨୧ହଜାରରୁ ଅଧିକ ବିଦ୍ୟାଳୟରେ ଟେବୁଲ, ଚେୟାର ଭଳି ସାଜ ସରଞ୍ଜାମ ନଥିବା ଉଲ୍ଲେଖ କରାଯାଇଛି । ଏହିସବୁ ବିଦ୍ୟାଳୟରେକିଭଳି ପାଠପଢ଼ା ହେଉଛି ତାହା ଏକ ବଡ ପ୍ରଶ୍ନବାଚୀ।

# ଓଇଆରସି ଅଧ୍ୟକ୍ଷଙ୍କ ପ୍ରଶ୍ନରେ ଟିପିସିଓଡିଏଲ ଘାଇଲା

## ଅନୁମୋଦିତ ଟାରିଫଠାରୁ ହୋଇଛି ଅଧିକ ଆଦାୟ

**ଭୁବନେଶ୍ୱର,୪।୨: ଏକ୍ସପ୍ରେସ୍ ନ୍ୟୁଜ୍**

ଟାଟା କାହିଁକି ଗ୍ରୀଡ୍‌କୋ ଠାରୁ କ୍ରୟ କରୁଥିବା ବିଦ୍ୟୁତର ୧୫% ବିଲ କରିପାରୁ ନାହିଁ ? ବିତରଣ କ୍ଷତିକୁ କାହିଁକି ଉପଭୋକ୍ତା ଭରଣା କରିବେ ? ନିଜର ବିତରଣ ବ୍ୟବସ୍ଥାରେ ସ୍ମାର୍ଟ ମିଟର ନବସାଇ ଉପଭୋକ୍ତା ଘରେ କାହିଁକି ବସାଇବା ପାଇଁ ତତ୍ପର ? କର୍ଣ୍ଣାଟକ ଭଳି କମ ଖର୍ଚ୍ଚରେ ଉପଭୋକ୍ତା ମିଟରକୁ ସ୍ମାର୍ଟ ନକରି କାହିଁକି ନୂତନ ସ୍ମାର୍ଟ ମିଟର କ୍ରୟ ହେଉଛି ? ଏହାଦ୍ୱାରା ସରକାରୀ ଅନୁଦାନ ଅପବ୍ୟୟ ହେଉନାହିଁ କି ? କମ୍ପାନୀ କାହିଁକି କୋଟି କୋଟି ଟଙ୍କା ଦେଇ ଅଧିକାରୀ ନିଯୁକ୍ତ କରୁଛି ? ସେଥିରୁ କଣ ଲାଭ ମିଳୁଛି ? ଗୀତଗୋବିନ୍ଦ ସଦନରେ ଆଜିର ଅନୁଷ୍ଠିତ ତୃତୀୟ ଦିନର ଜନଶୁଣାଣୀ ପ୍ରାରମ୍ଭରେ ଓଇଆରସି ଅଧ୍ୟକ୍ଷ ପ୍ରଦୀପ କୁମାର ଜେନାଙ୍କ ଏପରି ଅତର୍କିତ ପ୍ରଶ୍ନବାଣରେ ଟିପିସିଓଡିଏଲ ଅଧିକାରୀଗଣ ଇତସ୍ତତ ହୋଇପଡିଲେ। ଜନଶୁଣାଣୀ ଆରମ୍ଭରେ ଟାଟା ପାୱାର କେନ୍ଦ୍ରୀୟ ଓଡିଶା ବିତରଣ କମ୍ପାନୀର (ଟିପିସିଓଡିଏଲ) ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅରବିନ୍ଦ ସିଂହ କହିଲେ ଆସନ୍ତାବର୍ଷରେ କେନ୍ଦ୍ରୀୟ ଓଡିଶା ପାଇଁ ୧୩୨୪୮ ନିୟୁତ ୟୁନିଟ ଗ୍ରୀଡ୍‌କୋ ଠାରୁ କ୍ରୟ ଯୋଜନା ଅଛି। ସେଥିରୁ ୧୧୨୪୧ ନିୟୁତ ୟୁନିଟ ଉପଭୋକ୍ତାଙ୍କୁ ବିକ୍ରୟ ହେବ। ଅବଶିଷ୍ଟ ୧୫% ବିତରଣ କ୍ଷତି ଉପଭୋକ୍ତା ଭରଣା କରିବେ। ସେହିପରି ଆସନ୍ତା ବର୍ଷ ବିଦ୍ୟୁତ କ୍ରୟ ଓ ସଞ୍ଚାରଣ ବାବଦକୁ ୪୫୧୩ କୋଟିଟଙ୍କା ଖର୍ଚ୍ଚ ବରାଦ ହୋଇଥିବା ବେଳେ ବିତରଣ ଖର୍ଚ୍ଚ ୨୨୨୫ କୋଟିଟଙ୍କା ଆକଳନ ହୋଇଛି। ଟିପିସିଓଡିଏଲର ସମୁଦାୟ ଖର୍ଚ୍ଚ ୬୭୩୮ କୋଟିଟଙ୍କା ଓ ଖୁଚୁରା ଟାରିଫ ଅନୁସାରେ କମ୍ପାନୀ ଆଦାୟ କରିବ ମାତ୍ର ୬୬୬୨ କୋଟିଟଙ୍କା। ତେଣୁ ରାଜସ୍ୱ ନିଅଣ୍ଟ ୭୬ କୋଟିଟଙ୍କା ଦର୍ଶାଇଛି। ପୁରୁଣା ବାକି ପରିଶୋଧ କରିବା ପାଇଁ ୧୧୪ କୋଟି ଟଙ୍କା ଆବଶ୍ୟକ ଦର୍ଶାଇ ରାଜସ୍ୱ ନିଅଣ୍ଟକୁ ୧୮୯ କୋଟିଟଙ୍କାକୁ ବୃଦ୍ଧି କରିଛି।

ଆଜିର ଜନଶୁଣାଣୀରେ ପୂର୍ବତନ ମୁଖ୍ୟ ସାଶନ ସଚିବ ବିଜୟ ପଟ୍ଟନାୟକ, ଗ୍ରୀଡ୍‌କୋର ପୂର୍ବତନ କମ୍ପାନୀ ସେକ୍ରେଟାରୀ ଉମାକାନ୍ତ ପଣ୍ଡାଙ୍କ ସହିତ ରମେଶ ସାତପଥୀ, ଆନନ୍ଦ ମହାପାତ୍ର, ବାସୁଦେବ ଭଟ୍ଟ, ପ୍ରସନ୍ନ ବିଶୋଇ, ବିଭୁ ସ୍ୱାଇଁ, ପ୍ରଭାକର ଦୋରା, ଲଳିତେନ୍ଦୁ ଦିକ୍ଷିତ, ବିଜନ ପାଣିଗ୍ରାହୀ, ସମୀଶ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବିଜୟ ପଟ୍ଟନାୟକ କହିଲେ ଟାଟା ମାଗିଥିବା ଅତିରିକ୍ତ ସୁରକ୍ଷା ଜମା ଉପରେ ସ୍ଥଗିତାଦେଶ ଦିଆଯାଉ। ସେବା ପ୍ରଦାନ ନିୟମାବଳୀ (ଏସଓପି) ଉପଭୋକ୍ତା-ଅନୁକୂଳ କରାଯାଉ ଓ ଜିଆରଏଫ ସଂଖ୍ୟା ବୃଦ୍ଧି କରାଯାଉ। ସେହିପରି ଅନ୍ୟ ଆପତ୍ତିକର୍ତ୍ତାମାନେ ବହୁତ ଗୁଡିଏ ମତାମତ ଦେଲେ। ବିଦ୍ୟୁତ୍ ବିଲ୍ ସ୍ୱଚ୍ଛ ହେବା ଆବଶ୍ୟକ ଏବଂ ବିଲରେ ଓଡ଼ିଆ ଭାଷା ବ୍ୟବହାର କରାଯାଉ। ବିତରଣ କମ୍ପାନୀର ଯୋଗାଯୋଗ ବ୍ୟକ୍ତିଙ୍କ ନାମ, ପଦବୀ ଓ ମୋବାଇଲ୍/ଟେଲିଫୋନ୍ ନମ୍ବର ୱେବସାଇଟ୍‌ରେ ପ୍ରକାଶ କରାଯାଉ ଯାହାଦ୍ୱାରା ଜନସାଧାରଣ ସହଜରେ ଯୋଗାଯୋଗ କରିପାରିବେ। କର୍ଣ୍ଣାଟକ ମଡେଲ୍ ଅନୁସରଣ କରି ଷ୍ଟାଟିକ ମିଟରକୁ ସ୍ମାର୍ଟ ମିଟରରେ ପରିବର୍ତ୍ତନ କରାଯାଉ ଏବଂ ଏଥିପାଇଁ ସ୍ୱଳ୍ପ ମୂଲ୍ୟରେ ମିଳୁଥିବା ସ୍ପେସିଆଲ୍ ଡିଭାଇସ୍ ସ୍ଥାପନ କରାଯାଉ। ସାମାଜିକ ସେବା ସଂସ୍ଥାଗୁଡ଼ିକୁ ବାଣିଜି ଭିତ୍ତିକ ଉପଭୋକ୍ତା ନକରି ଘରୋଇ ବର୍ଗରେ ରଖାଯାଉ। ଉପଭୋକ୍ତାର ବିଦ୍ୟୁତ ବିଲରେ ମାସକୁ କେତେଥର ଓ କେତେଘଣ୍ଟା ବିଦ୍ୟୁତ ବ୍ୟାହତ ହୋଇଛି ତାହାକୁ ଉଲ୍ଲେଖ କରାଯାଉ। ଆୟୋଗଙ୍କ ଅଧ୍ୟକ୍ଷ ଶ୍ରୀ ଜେନାଙ୍କ ନିର୍ଦ୍ଦେଶରେ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର ଟାଟା କମ୍ପାନୀ ଓଇଆରସି ଧାର୍ଯ୍ୟ କରୁଥିବା ହାରାହାରି ଟାରିଫ ଠାରୁ କିପରି ଅଧିକ ଆଦାୟ କରୁଛନ୍ତି ତାର ବିବରଣୀ ଉପସ୍ଥାପନ କଲେ। ସେ କହିଲେ ପୂର୍ବବର୍ଷ ପାଇଁ ଓଇଆରସି ଧାର୍ଯ୍ୟ କରିଥିବା ହାରାହାରି ଟାରିଫ ଠାରୁ ଟାଟା ୩୭୬ କୋଟି ଟଙ୍କା ଅଧିକ ଆଦାୟ କରିଛି। ଗତ ୮ ବର୍ଷରେ (୨୦୧୭-୧୮ରୁ ୨୦୨୪-୨୫) ଉପଭୋକ୍ତାଠାରୁ ସମୁଦାୟ ୭୧୪୫ କୋଟି ଟଙ୍କା ଅଧିକ ଆଦାୟ ହୋଇଛି। ତାହାକୁ ଉପଭୋକ୍ତାଙ୍କୁ ଫେରସ୍ତ କରିବା ସହିତ ଆସନ୍ତା ବର୍ଷର ଖୁଚୁରା ଟାରିଫ ବୃଦ୍ଧିର ଆବଶ୍ୟକ ନାହିଁ ବୋଲି ମତଦେଲେ।


Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460

Editor : Ambika Prasad Das    ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ    Chief Editor : Umapada Bose    ମୁଖ୍ୟ ସମ୍ପାଦକ : ଉମାପଦ ବୋଷ